- Vol.- 45, Issue No. 343
- Tuesday, 17 March 2026
- ମଙ୍ଗଳବାର, ୧୭ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


**ରାଜ୍ୟସଭା ନିର୍ବାଚନ**

# ଇତିହାସ ଦୋହରାଇଲେ ଦିଲୀପ



- ❖ ଜିତିଲେ ମନମୋହନ, ସୁଜିତ ଓ ସଂତୃପ୍ତ
- ❖ ନିରାଶ ହେଲେ ଦଡେଶ୍ୱର
- ❖ ବିଜେଡ଼ି-କଂଗ୍ରେସକୁ ଝଟକା
- ❖ ଓଡ଼ିଶା ପାଇଁ ଐତିହାସିକ ଦିନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୩: ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିଛି । ରାଜ୍ୟସଭା ମହାଲଢ଼େଇ ଶେଷ ହୋଇଛି। ନିର୍ବାଚନ ଫଳାଫଳ ମୁତାବକ ମଇଦାନରେ ଥିବା ୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ ବିଜୟ ଟିକା ପିନ୍ଧିଛନ୍ତି । ବିଜେପିର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାର ଏବଂ ବିଜେଡ଼ି ପ୍ରାର୍ଥୀ ସଂତୃପ୍ତ ମିଶ୍ର ବିଜୟୀ ହୋଇଛନ୍ତି । ସେପଟେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ସମସ୍ତଙ୍କୁ ଚକମା ଦେଇ ବିଜେଡ଼ି-କଂଗ୍ରେସ ମିଳିତ ପ୍ରାର୍ଥୀ ଡାକ୍ତର ଦଡେଶ୍ୱର ହୋତାଙ୍କୁ ହରାଇ ସର୍ବାଧିକ ଭୋଟ୍ ପାଇଁ ବାଜିମାତ କରିନେଇଛନ୍ତି । ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ଯଦି ସଦସ୍ୟଙ୍କ ମତଦାନକୁ ବିଚାରକୁ ନିଆଯାଏ ତେବେ ୧୧ଟି କ୍ରସ୍ ଭୋଟିଂ ହୋଇଥିବା ସୁନିଶ୍ଚିତ ହୋଇଛି । ମନମୋହନ ସାମଲ ଓ ସୁଜିତଙ୍କ ସପକ୍ଷରେ ୩୫ ଲେଖାଏଁ, ସଂତୃପ୍ତ ମିଶ୍ରଙ୍କୁ ୩୧, ଦିଲ୍ଲୀପ ଏବଂ ଦଡେଶ୍ୱରଙ୍କ ସପକ୍ଷରେ ୨୩ ଖଣ୍ଡ ଲେଖାଏ ଭୋଟ୍ ପଡ଼ିଛି । ତେଣୁ ଆଉ ୧୧ଟି ଭୋଟ୍ କ୍ରସ୍ ଭୋଟିଂ ହୋଇଥିବା ଆକଳନ କରାଯାଉଛି । ଯାହା ଦିଲ୍ଲୀପ ରାୟଙ୍କ ସପକ୍ଷରେ ଯାଇଛି । ବିଜେଡ଼ିରୁ ୮ ଜଣ ବିଧାୟକ କ୍ରସ୍ ଭୋଟିଂ କରିଥିବା କୁହାଯାଇଛି ।ସେହିପରି କଂଗ୍ରେସରୁ ତିନି ଜଣ ବିଧାୟକ କ୍ରସ ଭୋଟିଂ କରିଥିବା କୁହାଯାଉଛି। ତଥ୍ୟାଭିଜ୍ଞ ମହଲର କହିବାନୁଯାୟୀ ବିଜେପି ଓ ଦିଲ୍ଲୀପଙ୍କ ରଣ କୌଶଳ ଆଗରେ ବିଜେଡି ଓ କଂଗ୍ରେସର ରଣ ନୀତି ଫିକା ପଡିଯାଇଥିଲା। କଂଗ୍ରେସ ଓ ବିଜେଡି ବିଧାୟକଙ୍କ କ୍ରସ ଭୋଟିଂ ସବୁ ଅଙ୍କ ବିଗାଡି ଦେଇଥିଲା। କଂଗ୍ରେସର ରମେଶ ଜେନା, ଦାଶରଥୀ ଗମାଙ୍ଗ, ସୋଫିଆ ଫିର୍ଦୌଷ ଓ ବିଜେଡିର ଚକ୍ରମଣି କହଁର, ସୌଭିକ ବିଶ୍ୱାଳ, ନବ କିଶୋର ମଲ୍ଲିକ, ସୁବାସିନୀ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ରମାକାନ୍ତ ଭୋଇ, ନିଲମ୍ବିତ ବିଧାୟକ ସନାତନ ମହାକୁଡ, ଅରବିନ୍ଦ ମହାପାତ୍ର କ୍ରସ ଭୋଟିଂ କରିଥିଲେ। ୧୧ ବିଧାୟକଙ୍କ କ୍ରସ ଭୋଟିଂରେ ଦିଲ୍ଲୀପ ରାଜ୍ୟସଭା ଆସନ ହାତେଇଛନ୍ତି । ବିଜୟ ପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ବିଜେପି ଓ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ପ୍ରଚଣ୍ଡ ବିଜୟ ହୋଇଛି। ଆଜି ଓଡ଼ିଶା ପାଇଁ ଐତିହାସିକ ଦିନ। ସବୁବେଳେ ଓଡ଼ିଶାର ସ୍ୱରକୁ ଶାଣିତ କରିବୁ। ଲୋକଙ୍କ ସମର୍ଥନ ଯୋଗୁ ରାଜ୍ୟସଭା ନିର୍ବାଚନରେ ଏଭଳି ଅଦ୍ୱିତୀୟ ସଫଳତା ମିଳିଲା। ସେହିଭଳି ମନମୋହନ ସାମଲ କହିଛନ୍ତି, ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ, ଲୋକଙ୍କ ଆଶୀର୍ବାଦ ଯୋଗୁଁ ଆମେ ବିଜୟୀ ହୋଇଛୁ। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ । ୨୦୦୨ ମସିହାରେ ଯେଉଁଭଳି ଭାବେ ଦିଲ୍ଲୀପ ରାୟ ବିଜେଡି ଓ ଅନ୍ୟ ଦଳର ବିଧାୟକଙ୍କ ସମର୍ଥନରେ ରାଜ୍ୟସଭାକୁ ଯାଇଥିଲେ ଏଥର ବି ବାଜିମାତ କଲେ।

**ମଧ୍ୟପ୍ରାଚ୍ୟ ଯୁଦ୍ଧ**

## ଯୁଦ୍ଧର ଜ୍ୱାଳା ହେଲା ଆହୁରି ତୀବ୍ର



ତେହରାନ, ୧୬।୩: ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ସପ୍ତାହରେ ପହଞ୍ଚି ଆହୁରି ତୀବ୍ର ହୋଇଛି। ଇରାନ କୁଏତ, ତୁର୍କି ଓ ୟୁଏଇର ଅନେକ ସ୍ଥାନରେ ଆକ୍ରମଣ କରିଥିବା ଖବର ମିଳିଛି। ଇସ୍ରାଏଲ ଓ ଆମେରିକାର ଠିକଣାଗୁଡ଼ିକୁ ମଧ୍ୟ ମିସାଇଲ ଓ ଡ୍ରୋନ ମାଧ୍ୟମରେ ଆକ୍ରମଣ କରାଯାଇଛି। ଇରାନ ଦାବି କରିଛି ଯେ ସେ ଚାରିଟି ଆମେରିକୀୟ ଏୟାରବେସ୍ ଉପରେ ସମନ୍ୱିତ ମିସାଇଲ ଓ ଡ୍ରୋନଆକ୍ରମଣ କରିଛି। ଇସ୍ରାଏଲ କହିଛି ଯେ ତାଙ୍କ ସେନା ଦକ୍ଷିଣ ଲେବାନନର ଅନେକ ସ୍ଥାନରେ ଆକ୍ରମଣ କରିଛି ।ଆଲ୍ ଜଜିରାର ରିପୋର୍ଟ ଅନୁସାରେ ଇସଲାମିକ ରିଭଲ୍ୟୁସନ ଗାର୍ଡ କ୍ରପ୍ସ (ଆଇଆରଜିସି)ର ଉଦ୍ଧୃତି ଦେଇ କୁହାଯାଇଛି ଯେ ତାଙ୍କ ନୌସେନା ବଳ ରବିବାର ମଧ୍ୟରାତ୍ରି ପରେ ଭୋର ପୂର୍ବରୁ ଯୁକ୍ତରାଷ୍ଟ୍ରର ଏୟାରବେସ୍ଗୁଡ଼ିକୁ ଚାରିଥର ସମନ୍ୱିତ ମିସାଇଲ ଓ ଡ୍ରୋନ ଆକ୍ରମଣ କରିଥିଲେ ।ଏହି ଆକ୍ରମଣରେ ଆମେରିକୀୟ ସେନା ସହ ସମ୍ପୃକ୍ତ କମାଣ୍ଡ ସେଣ୍ଟର, ଏୟାର ଟ୍ରାଫିକ କଣ୍ଟ୍ରୋଲ ଟାୱାର ଓ ବାୟୁ ସୁରକ୍ଷା ସୁବିଧାଗୁଡ଼ିକୁ ଲକ୍ଷ୍ୟ କରାଯାଇଥିଲା।

## ମିଳିତ ଆକ୍ରମଣରେ ୨୦୦ରୁ ଅଧିକ ଶିଶୁଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୬।୩: ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି କହିଛନ୍ତି ଯେ କିଛି 'ପଡ଼ୋଶୀ ରାଷ୍ଟ୍ର' ଯୁକ୍ତରାଷ୍ଟ୍ର ସେନାକୁ ଆତିଥ୍ୟ ଦେବା ଏବଂ ଇରାନ ଉପରେ ଆକ୍ରମଣକୁ ଅନୁମତି ଦେବା ମଧ୍ୟ ଇରାନୀମାନଙ୍କୁ ହତ୍ୟା କରିବାକୁ ଉତ୍ସାହିତ କରୁଛି। ସେ ଆହୁରି କହିଛନ୍ତି ଯେ ଇସ୍ରାଏଲ ଏବଂ ଆମେରିକା ଦ୍ୱାରା କରାଯାଇଥିବା ମିଳିତ ଆକ୍ରମଣରେ ୨୦୦ରୁ ଅଧିକ ଶିଶୁଙ୍କ ସମେତ ଶହ ଶହ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। 'ମତାମତ ତୁରନ୍ତ ସ୍ପଷ୍ଟ କରାଯିବା ଉଚିତ,'ସେ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି।

## ଗିରିଜା କୁମାର ବଳିୟାରସିଂ ପାଇବେ ସାହିତ୍ୟ ଏକାଡେମୀ ପୁରସ୍କାର

ନୂଆଦିଲ୍ଲୀ,୧୬।୩: କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ୨୦୨୫ ବର୍ଷ ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାରୁ ବିଶିଷ୍ଟ କବି ଗିରିଜା କୁମାର ବଳିୟାରସିଂ କବିତା ବିଭାଗ ପାଇଁ ମନୋନୀତ ହୋଇଛନ୍ତି । ବିଭିନ୍ନ ଭାଷାରେ ସାରା ଭାରତର ବିଶିଷ୍ଟ ଲେଖକମାନଙ୍କୁ ଏକାଡେମୀ ପକ୍ଷରୁ ଚୟନ କରାଯାଇଛି । ୨୦୨୦ ମସିହାରେ ପ୍ରକାଶିତ ଗିରିଜା କୁମାର ବଳିୟାରସିଂଙ୍କ କବିତା ସଂକଳନ 'ପାଦପୂରଣ' ପାଇଁ ସେ ଏହି ସମ୍ମାନ ପାଇବାକୁ ଯାଉଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ତେଲୁଗୁ, ତାମିଲ, ମୈଥିଳି, କନ୍ନଡ଼, ଉର୍ଦ୍ଦୁ, କାଶ୍ମୀରୀ, ଇଂରାଜୀ ଆଦି ୨୪ଟି ଭାଷାରେ ଏହି ପୁରସ୍କାର ପ୍ରଦାନ କରାଯାଉଛି। କବିତା ପାଇଁ ୮ଟି ସଂକଳନ, ୪ଟି ଉପନ୍ୟାସ, ୨ଟି ପ୍ରବନ୍ଧ, ୧ଟି ସାହିତ୍ୟ ସମାଲୋଚନା, ଗୋଟିଏ ଆତ୍ମଜୀବନୀ ଓ ୨ଟି ଆତ୍ମଅନୁଭୂତି ପୁସ୍ତକ ୨୦୨୫ ପୁରସ୍କାର ପାଇଁ ବିଭିନ୍ନ ଭାଷାରୁ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁରସ୍କାର ରାଶିରେ ଲେଖକଙ୍କୁ ଉପଢ଼ୌକନ, ଉତ୍ତରୀୟ ସାଙ୍ଗକୁ ୧ଲକ୍ଷ ଟଙ୍କା ଦିଆଯିବ। ମାର୍ଚ୍ଚ ୩୧ ତାରିଖ ଦିନ ନୂଆଦିଲ୍ଲୀଠାରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।



## ଗୁଜରାଟରେ ପହଞ୍ଚିଲା ଶିବାଲିକ୍ ଜାହାଜ: ଦୂର ହେବ ଏଲପିଜି ସଙ୍କଟ



ନୂଆଦିଲ୍ଲୀ,୧୬।୩ : ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତୀୟ ପତାକା ବିଶିଷ୍ଟ ଏଲପିଜି ଟ୍ୟାଙ୍କର୍ ଶିବାଲିକ୍ ଏଲପିଜି କ୍ୟାରିଅର ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି। ଜାହାଜଟି ହର୍ମୁଜରୁ ସୁରକ୍ଷିତ ଭାବରେ ପାର ହୋଇ ଭାରତ ଅଭିମୁଖେ ଯାତ୍ରା କରିଥିଲା, ଯେଉଁଥିରେ ୪୬,୦୦୦ ମେଟ୍ରିକ୍ ଟନରୁ ଅଧିକ ଏଲପିଜି ରହିଛି । ଏହା ମଧ୍ୟରୁ ମୁନ୍ଦ୍ରା ବନ୍ଦରରେ ଶିବାଲିକ ଜାହାଜରୁ ଏଲପିଜି ଗ୍ୟାସ୍ ଅନ୍‌ଲୋଡ କରାଯିବ । ଏହା ଦେଶରେ ଜାରି ରହିଥିବା ଏଲପିଜି ଯୋଗାଣ ଅଭାବକୁ ଦୂର କରିବାରେ ସାହାଯ୍ୟ କରିବ । ଇରାନ-ଇସ୍ରାଏଲ ବିବାଦ ଯୋଗୁଁ, ହର୍ମୁଜରେ ଅନେକ ଜାହାଜ ଫସି ରହିଥିଲା । ଭାରତ ସରକାରଙ୍କ ନିରନ୍ତର କୂଟନୈତିକ ପ୍ରୟାସ ପରେ, ଦୁଇଟି ଭାରତୀୟ ଏଲପିଜି ଜାହାଜକୁ ଯିବାକୁ ଅନୁମତି ମିଳିଥିଲା । ଏହି ଜାହାଜଗୁଡ଼ିକ ମଧ୍ୟରୁ ପ୍ରଥମ ଶିବାଲିକ୍ ଏବେ ମୁନ୍ଦ୍ରା ବନ୍ଦରରେ ଅପରାହ୍ନ ୫ଟାରେ ପହଞ୍ଚିଛି । ଏଥିରେ ୪୬ ହଜାର ମେଟ୍ରିକ ଟନର ଏଲପିଜି ରହିଛି । ଦ୍ୱିତୀୟ ଜାହାଜ ନନ୍ଦା ଦେବୀ ମାର୍ଚ୍ଚ ୧୭ ତାରିଖରେ କାଣ୍ଡଲା ବନ୍ଦରରେ ପହଞ୍ଚିବ। ବର୍ତ୍ତମାନ୍ ପର୍ଯ୍ୟନ୍ତ ଗୋଟିଏ ଜାହାଜ ପହଞ୍ଚିଛି । ହରମୁଜ୍ ପ୍ରଣାଳୀର ପଶ୍ଚିମରେ ଅବସ୍ଥିତ ପାରସିଆନ୍ ଉପସାଗରରେ ୨୪ଟି ଭାରତୀୟ ପତାକା ଜାହାଜ ଥିଲା । ଏଥିମଧ୍ୟରୁ ଦୁଇଟି ଜାହାଜ – ଶିବାଲିକ୍ ଏବଂ ନନ୍ଦା ଦେବୀ ଏଲପିଜି ବାହକ । ଏହି ଜାହାଜ ଗୁଡ଼ିକ ପ୍ରାୟ ୯୨,୭୦୦ ମେଟ୍ରିକ୍ ଟନ୍ ଏଲପିଜି ବହନ କରୁଛନ୍ତି ।

## ହର୍ମୁଜ ସଂକଟ: ବ୍ରିଟେନ ସହ କଥା ହେଲା ଆମେରିକା

ଲଣ୍ଡନ,୧୬।୩: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିଟେନର ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମରଙ୍କ ସହ ଷ୍ଟ୍ରେଟ୍‌ଅଫ୍ ହାର୍ମୁଜର ବର୍ତ୍ତମାନ ସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଜଣେ ପ୍ରବକ୍ତାଙ୍କ କଥାନୁସାରେ, ଷ୍ଟାର୍ମର ଓ ଟ୍ରମ୍ପ ରବିବାରଏହି ବିଶ୍ୱସ୍ତରୀୟ ସଙ୍କଟ ଉପରେ ଆଲୋଚନା କରିବା ସମୟରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ଏବିସି ନ୍ୟୁଜର ଖବର ଅନୁସାରେପ୍ରବକ୍ତା କହିଥିଲେ, "ଦୁଇଜଣ ନେତା ମଧ୍ୟ ପୂର୍ବରେ ଚାଲିଥିବା ପରିସ୍ଥିତି ଏବଂ ତେଲ ଯାତାୟାତରେ ହେଉଥିବା ବାଧାକୁ ଦୂର କରିବା ପାଇଁ ହର୍ମୁଜ୍ ପୁଣିଥରେ ଖୋଲିବାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।" ଏହି ବାଧାର କାରଣରୁ ସମଗ୍ର ବିଶ୍ୱରେ ତେଲ ଦର ବଢୁଛି। ପ୍ରବକ୍ତାଙ୍କ ଅନୁସାରେ, "ପ୍ରଧାନମନ୍ତ୍ରୀ ଷ୍ଟାର୍ମର ସେହି ଆମେରିକୀୟ ସେନାମାନଙ୍କ ପ୍ରତି ମଧ୍ୟ ଶୋକ ପ୍ରକାଶ କରିଥିଲେ, ଯେଉଁମାନେ ଏହି ସଂଘର୍ଷ ସମୟରେ ନିଜ ପ୍ରାଣ ହରାଇଛନ୍ତି।" ପ୍ରବକ୍ତା କହିଥିଲେ ଯେ ଦୁଇ ନେତା ଆଗାମୀଦିନରେ ମଧ୍ୟ ପରସ୍ପର ସହ ସମ୍ପର୍କରେ ରହିବାକୁ ସହମତ ହୋଇଛନ୍ତି। ଏହା ପରେ ବ୍ରିଟେନର ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମରଙ୍କ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କସହ ମଧ୍ୟକଥା ହୋଇ ମଧ୍ୟ ପୂର୍ବର ପରିସ୍ଥିତି ଉପରେ ଆଲୋଚନା କରିଥିଲେ।

## ଭିତରକନିକା ଓ ଗହୀରମଥାକୁ ଜଗିବ ଡ୍ରୋନ୍

ରାଜନଗର,୧୬।୩ : ଗହୀରମଥା ଓ ଭିତରକନିକାର ସୁରକ୍ଷାରେ ନିୟୋଜିତ ହେବ ଡ୍ରୋନ । ଉଭୟ ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ପ୍ରତିଟି କାର୍ଯ୍ୟକଳାପ ଉପରେ ନଜର ରଖିବ ଏହି ଡ୍ରୋନ କ୍ୟାମେରା । ଦୀର୍ଘ ପାଞ୍ଚଦିନ ଧରି ରାଜନଗର ବନବିଭାଗର କର୍ମଚାରୀଙ୍କୁ ଡ୍ରୋନ କ୍ୟାମେରା ଚଳାଇବାର ଟ୍ରେନିଂ ଦିଆଯାଉଛି । ବର୍ତ୍ତମାନ ଅଲିଭ ରିଡଲେ କଇଁଛମାନେ ଗହୀରମଥା ସମୁଦ୍ର କୂଳରେ ସମୂହ ଅଣ୍ଡାଦାନରେ ସାମିଲ ହେବା ପାଇଁ ଭିଡ଼ ଜମାଇଲେଣି । ଏମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏହି ଡ୍ରୋନ କ୍ୟାମେରାର ବ୍ୟବସ୍ଥା କରାଯାଇଛି । ସମୁଦ୍ର ମଧ୍ୟରେ ୨୫ କିଲୋମିଟର ପର୍ଯ୍ୟନ୍ତ ଏହି ଡ୍ରୋନ ଯାଇପରିବାର କ୍ଷମତା ରହିଛି । ଏହା ମଧ୍ୟରେ ହେଉଥିବା ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ ନଜର ରଖାଯାଇପାରିବ । ଏହା ଦ୍ୱାରା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଟ୍ରଲର ଗୁଡିକୁ ମଧ୍ୟ ଚିହ୍ନଟ କରାଯାଇପାରିବ । ଗହୀରମଥାର ଅଲିଭରିଡଲେଙ୍କ ସମେତ ଭିତରକନିକାର ବିଭିନ୍ନ ପଶୁପକ୍ଷୀଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖାଯାଇପରି। ଭିତରକନିକା ଓ ଗହୀରମଥାର ସୁରକ୍ଷାରେ ଏହା ବହୁତ ସହଯୋଗ କରିବ ବୋଲି ରାଜନଗର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।



## ଭିଜିଲାନ୍ସ ଜାଲରେ ବିଇଓ

ଅତାବିରା,୧୬।୩: ବକେୟା ଦରମା ନେବ ତ । ମାଗଣା ମିଳିବିନି । ତମକୁ କିଛି କରିବାକୁ ପଡିବ । ୬ହଜାର ଦିଅ, ତମ କାମ ହୋଇଯିବ । ଏମିତି ଭେଳିକି ଦେଖାଇ ଜଣେ କର୍ମଚାରୀଙ୍କ ଠାରୁ ଟଙ୍କା ନେଉଥିଲେ ବିଇଓ ମହାଶୟ । କର୍ମଚାରୀ ଜଣକ ଏପଟେ ଟଙ୍କା ଦେବାକୁ ହଁ କରି ସେପଟେ ଭିଜିଲାନ୍ସକୁ ଖବର ଦେଇଦେଲେ । ଲାଞ୍ଚୁଆ ବାବୁ ଜଣକ ଟଙ୍କା ଧରିବା ବେଳକୁ ତାଙ୍କୁ ମାଡିବସିଥିଲା ଭିଜିଲାନ୍ସ । ଲାଞ୍ଚୁଆ ବାବୁ ଜଣକ ହେଉଛନ୍ତି ବରଗଡ ଜିଲ୍ଲା ବରପାଲି ବ୍ଲକ ଏଜୁକେସନ ଅଫିସର ଜୁନିଅର କ୍ଲର୍କ କମ୍ ଆକାଉଣ୍ଟାଣ୍ଟ ରଜନୀକାନ୍ତ କର । ଅଭିଯୋଗକାରୀଙ୍କ ଦରମା ବାକି ଥିଲା । ବକେୟା ବେତନ ବିଲ୍ ପ୍ରସ୍ତୁତ କରିବାକୁ ସେ ଜୁନିଅର କ୍ଲର୍କ କମ୍ ଆକାଉଣ୍ଟାଣ୍ଟ ରଜନୀକାନ୍ତ କରଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ । କିନ୍ତୁ ରଜନୀକାନ୍ତ ଆଜି ହୋଇଯିବ, କାଲି ଆସ ଏମିତି କହି ଦିନ ଗଡାଇ ଚାଲିଥିଲେ । କର୍ମଚାରୀ ଜଣଙ୍କ ବେଶି ବାଧ୍ୟ କରିବାରୁ ଅସଲ ରୂପ ଦେଖାଇଥିଲେ ବିଇଓ ରଜନୀକାନ୍ତ । ୬ହଜାର ଟଙ୍କା ଦେଲେ ବାକି ଦରମା ମିଳିଯିବ କହିଥିଲେ । କର୍ମଚାରୀ ଜଣକ ଲାଞ୍ଚୁଆ ବାବୁକୁ ପାନେ ଦେବାକୁ ଭାବିଲେ ଆଉ ଭିଜିଲାନ୍ସକୁ ଖବର ଦେଇଦେଲେ । ଅଭିଯୋଗ ପାଇବା ପରେ ଟ୍ରାପ୍ ଅପରେସନ୍ ଆରମ୍ଭ ହୋଇଥିଲା । କର୍ମଚାରୀଙ୍କ ଠାରୁ ୬ ହଜାର ଟଙ୍କା ନେବାବେଳେ ଧରିଥିଲା ଭିଜିଲାନ୍ସ । ତାଙ୍କଠାରୁ ୬ ହଜାର ଟଙ୍କା ଜବତ କରାଯାଇଛି । ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ବିଇଓଙ୍କ ଦୁଇଟି ସ୍ଥାନରେ ସମ୍ପତ୍ତି ତଦନ୍ତ ଚାଲିଛି ।

# ଏସ୍‌ସିବିରେ ଭୟଙ୍କର ଅଗ୍ନିକାଣ୍ଡ: ୧୦ ରୋଗୀଙ୍କ ମୃତ୍ୟୁ



- ● ମୃତକଙ୍କ ପରିବାରକୁ ୨୫ଲକ୍ଷ କ୍ଷତିପୂରଣ ଘୋଷଣା
- ● ପିଏମଏନଆରଏଏଫରୁ ୨ ଲକ୍ଷ ଟଙ୍କା ଲେଖାଏଁ
- ● ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- ● ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ

କଟକ,୧୬।୩: ରାଜ୍ୟର ସର୍ବବୃହତ୍ ସ୍ୱାସ୍ଥ୍ୟକେନ୍ଦ୍ର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସପିଟାଲ (ଏସସିବି)ରେ ସୋମବାର ଭୋର୍ ସମୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଯାଇଛି। ଏସସିବି ଟ୍ରମାକେୟାର ଆଇସିୟୁରେ ନିଆଁ ଲାଗିଯିବା ଫଳରେ ୧୦ଜଣ ରୋଗୀଙ୍କ ପ୍ରାଣହାନି ଘଟିଛି ଓ ଅନ୍ୟ ୪ ଜଣଙ୍କର ଅବସ୍ଥା ଗୁରୁତର ରହିଛି । ପୋଲିସ କମିଶନର ଏହି ଅଭାବନୀୟ ଘଟଣା ସଂପର୍କରେ ସୂଚନା ଦେଇଛନ୍ତି । ଏହାରି ମଧ୍ୟରେ ମୃତକମାନଙ୍କର ନାମ ଜାରି ହୋଇଛି । ମୃତକମାନେ ହେଲେ, ରମେଶ ଚନ୍ଦ୍ର ପରିଡ଼ା, ଦାଶରୁ ମୁଣ୍ଡା, ଏମଡ଼ି ନ୍ୟୁମ, ଗୌରାଙ୍ଗ ଚନ୍ଦ୍ର ବାରିକ, ଶେଖ ଅବଦୁଲ ସତ୍ତାର, ମଧୁସୂଦନ ଦଳାଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ରବିନ୍ଦ୍ର ଦାସ, ଚେରୁ ପରିଡ଼ା ଓ ମେନକା ରାଉତ । ବିଦ୍ୟୁତ ସର୍ଟ ସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତ୍ରି ପାଖାପାଖି ୨ଟା ୩୦ ମିନିଟ ସମୟରେ ରୋଗୀ ଏବଂ ସେମାନଙ୍କ ସଂପର୍କୀୟମାନେ ଗଭୀର ନିଦ୍ରାରେ ଶୋଇଥିବାବେଳେ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ହଠାତ ନିଆଁ ଓ ଧୂଆଁ ବ୍ୟାପିଯିବାରୁ ସ୍ଥିତି ସଂପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା । ଅଗ୍ନିକାଣ୍ଡର ଖବର ପାଇବା ମାତ୍ରେ ହସପିଟାଲ କର୍ମଚାରୀ ଓ ନିଜସ୍ୱ ଅଗ୍ନିଶମ ବିଭାଗ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ନିକଟସ୍ଥ ଅଗ୍ନିଶମ କେନ୍ଦ୍ରରୁ ୩ଟି ଦମକଳଗାଡ଼ି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରବଳ ଧୂଆଁ ଓ ନିଆଁ ଯୋଗୁଁ ରୋଗୀମାନେ ବହୁଳ ମାତ୍ରାରେ ପ୍ରଭାବିତ ହୋଇଥିଲେ । ଗୁରୁତର ଅବସ୍ଥାରେ ଥିବା ଆଇସିୟୁ ରୋଗୀମାନଙ୍କୁ ତୁରନ୍ତ ହସପିଟାଲର ନ୍ୟୁ ମେଡ଼ିସିନ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଭୟାବହ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏହା ସର୍ଟସର୍କିଟ ଯୋଗୁଁ ଘଟିଛି ନା ଏଥିରେ ପ୍ରଶାସନିକ ଅବହେଳା ରହିଛି, ତାହା ତଦନ୍ତ ପରେ ହିଁ ଜଣାପଡ଼ିବ । ଏହି ହୃଦୟ ବିଦାରକ ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରକୁ ସିଏମଆରଏଏଫ ପାଣ୍ଠିରୁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି । ସେହିପରି ଆଇସିୟୁରୁ ସ୍ଥାନାନ୍ତରିତ ହୋଇଥିବା ଅନ୍ୟରୋଗୀମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଘଟଣାର ଏକ ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ରିର୍ପୋଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଗ୍ନିଶମ ଡିଜିଙ୍କୁ ଘଟଣାର ତଦାରଖ କରିବାର ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାଲିଙ୍ଗ, ପୋଲିସ ମହାନିର୍ଦ୍ଦେଶକ, ପୋଲିସ ଆୟୁକ୍ତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ, ଜିଲ୍ଲାପାଳ, ଡିସିପିଙ୍କ ସମେତ ମେଡ଼ିକାଲ କର୍ତ୍ତୃପକ୍ଷ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ପରେ ପରେ ବହୁ ବିଧାୟକ ଓ ମେୟର ପ୍ରମୁଖ ମେଡ଼ିକାଲ ଯାଇ ସ୍ଥିତି ପରଖିଥିଲେ । କଟକ ଏସସିବି ମେଡ଼ିକାଲରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠି (ପିଏମଏନଆରଏଏଫ) ରୁ ମୃତକଙ୍କ ପରିବାର ପାଇଁ ପ୍ରତ୍ୟେକ ମୃତକଙ୍କ ନିକଟତମ ସଂପର୍କୀୟଙ୍କୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ଏହା ସହିତ ପ୍ରତ୍ୟେକ ଆହତ ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ଲେଖାଁଏ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। କଟକ ଏସସିବି ମେଡ଼ିକାଲ ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଫ୍ୟାକ୍ଟଲାଇନ ଟିମ' ଗଠନ କରିଛନ୍ତି।

# ରାମକଥା





ରାମଚରିତମାନସରେ ଉଲ୍ଲେଖ ରହିଛି ଯେ ସର୍ବପ୍ରଥମେ ଦେବୀ ପାର୍ବତୀଙ୍କୁ ଭଗବାନ ଶଙ୍କର ରାମକଥା ଶୁଣାଇଥିଲେ । ଏହି କଥାକୁ ଏକ କାଉ ଶୁଣି ନେଇଥିଲା । କାକଭୁଶୁଣ୍ଡୀ ରୂପରେ ସେହି କାଉର ପୁନର୍ଜନ୍ମ ହେଲା । କାକଭୁଶୁଣ୍ଡୀ ପୂର୍ବ ଜନ୍ମରେ ଭଗବାନ ଶଙ୍କରଙ୍କ ମୁଖରୁ ଶୁଣିଥିବା ରାମକଥା ସମ୍ପୂର୍ଣ୍ଣ ମନେ ରହିଥିଲା । ସେ ଏହି କଥା ନିଜ ଶିଷ୍ୟଙ୍କୁ ଶୁଣାଇଥିଲେ । ଏହିପରି ରାମ କଥାର ପ୍ରସାର ହୋଇଥିଲା । ଭଗବାନ ଶଙ୍କରଙ୍କ ମୁଖରୁ ବାହାରିଥିବା ଶ୍ରୀରାମଙ୍କ ଏହି ପବିତ୍ର କଥା 'ଆଧାତ୍ମ ରାମାୟଣ' ନାମରେ ବିଖ୍ୟାତ ହେଲା । ତେବେ ରାମାୟଣକୁ ନେଇ ଆଉ ଏକ ମତ ପ୍ରଚଳିତ ରହିଛି । ସର୍ବପ୍ରଥମେ ହନୁମାନଙ୍କ ଦ୍ୱାରା ରାମାୟଣ ଲେଖାଯାଇଥିଲା । ମହର୍ଷି ବାଲ୍ମିକୀ ସଂସ୍କୃତ ମହାକାବ୍ୟ 'ରାମାୟଣ' ରଚନା କରିଥିଲେ । ମହାକାବ୍ୟ ରାମାୟଣ ପରେ ଅନେକ ଭାଷାରେ ରାମାୟଣ ଲେଖାଯାଇଥିଲା । ହନୁମାନ ଏକ ଶିଳା ବା ପଥର ଉପରେ ରାମାୟଣ ଲେଖିଥିଲେ ବୋଲି ବିଶ୍ୱାସ କରାଯାଏ । ମହର୍ଷି ବାଲ୍ମିକୀଙ୍କ ପୂର୍ବରୁ ଏହି ରାମାୟଣ ଲେଖାଯାଇଥିଲା । ଏହା ହନୁମନ୍ନାଟକ ନାମରେ ମଧ୍ୟ ପ୍ରସିଦ୍ଧ । ବର୍ତ୍ତମାନ ବିଶ୍ୱରେ ରାମାୟଣକୁ ନେଇ ବିଭିନ୍ନ ପ୍ରକାର ଗ୍ରନ୍ଥ ରହିଛି । ହଜାର ହଜାର ବର୍ଷ ଧରି ରାମାୟଣ ପ୍ରଚଳିତ ହୋଇ ଆସୁଛି । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଭାଷାରେ ଏବଂ ପ୍ରକାରରେ ରାମାୟଣ ଲେଖାଯାଇଛି । କେତେକ ରାମାୟଣ କାହାଣୀରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ତେବେ ସବୁଥିରେ କେବଳ ଶ୍ରୀରାମଙ୍କୁ ଗୁରୁତ୍ୱ ଦିଆଯାଇ ରାମାୟଣ ରଚନା କରାଯାଇଛି । ତେବେ ମହର୍ଷି ବାଲ୍ମିକୀଙ୍କ ଦ୍ୱାରା ରଚିତ ସଂସ୍କୃତ ରାମାୟଣକୁ ସର୍ବପ୍ରାଚୀନ ରାମାୟଣ ବୋଲି ଗ୍ରହଣ କରାଯାଇଥାଏ । ସେଥିପାଇଁ ଏହାକୁ ଆଦି ରାମାୟଣ କୁହାଯାଏ । ବାଲ୍ମିକୀ ରାମାୟଣ ଏବଂ ଅନ୍ୟ ରାମାୟଣ ମଧ୍ୟରେ ପ୍ରଭେଦ ଦେଖିବାକୁ ମିଳିଥାଏ । ତଥ୍ୟ ଏବଂ ଘଟଣାବଳୀ ଆଧାରରେ ବାଲ୍ମିକୀ ରାମାୟଣ ରଚନା କରିଥିଲେ । ଅନ୍ୟପକ୍ଷରେ ଜନଶ୍ରୁତି ଆଧାରରେ ପରବର୍ତ୍ତୀ ରାମାୟଣ ରଚନା କରାଯାଇଥିବା ଜଣାଯାଏ । ଉଦାହରଣ ସ୍ୱରୂପ ଭାରତର କେତେକ ପ୍ରାନ୍ତରେ ଏକ ଜନଶ୍ରୁତି ରହିଛି ଯେ ଭଗବାନ ବୁଦ୍ଧ ନିଜ ପୂର୍ବ ଜନ୍ମର ବୃତ୍ତାନ୍ତ ଶିଷ୍ୟମାନଙ୍କୁ କହୁଥିବା ସମୟରେ ସେମାନଙ୍କୁ ରାମକଥା ଶୁଣାଇଥିଲେ । ବୁଦ୍ଧଙ୍କ ପରେ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସ ଲେଖିଥିଲେ । ଏହା ଅୱଧୀ ଭାଷାରେ ଲେଖାଯାଇଥିଲା । ଠିକ୍ ସେହିପରି ଜନଶ୍ରୁତି ଆଧାରରେ ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଭାଷାରେ ରାମାୟଣ ରଚନା କରାଯାଇଥିଲା । ଅତ୍ରାମୀ, ବାଲୀ, ବଙ୍ଗଳା, କାମ୍ବୋଡିଆ ଭାଷା, ଚୀନୀ, ଗୁଜରାଟୀ, ଜାବାଇ, କନ୍ନଡ଼, କାଶ୍ମିରୀ, ଖୋଟାନୀ, ଲାଓସୀ, ମାଲେସିଆୟୀ, ମରାଠି, ଓଡ଼ିଆ, ପ୍ରାକୃତ, ସଂସ୍କୃତ, ସାନ୍ତାଳୀ, ସିଂହଳୀ, ତାମିଲ, ତେଲୁଗୁ, ଥାଇ, ତାିବ୍ବତୀ, କାବୀ ଆଦି ଭାଷାରେ ରାମାୟଣ ରଚନା କରାଯାଇସାରିଛି ।



# ଶିବ ଏବଂ ଗଣେଶଙ୍କ ପୂଜାରେ କାହିଁକି ଲାଗିନଥାଏ

## ତୁଳସୀ ପତ୍ର

ତୁଳସୀ ଭଗବାନ ଶିବ ଏବଂ ଶ୍ରୀଗଣେଶଙ୍କ କୌଣସି ପୂଜାରେ ଅର୍ପଣ କରାଯାଇନଥାଏ । ଏହା ପଛରେ କ'ଣ କାରଣ ରହିଛି ଫଳରେ ମାତା ତୁଳସୀ ଭଗବାନ ଶିବ ଏବଂ ଗଣେଶଙ୍କୁ ପସନ୍ଦ ଆସିନଥାଆନ୍ତି । ଏଥର ଜାଣିବା ଏହା ବିଷୟରେ, ପୂର୍ବଜନ୍ମରେ ତୁଳସୀଙ୍କ ନାଁ ବୃନ୍ଦା ଥିଲା ଏବଂ ସେ ଜଳନ୍ଧର ନାମକ ରାକ୍ଷସଙ୍କ ପତ୍ନୀ ଥିଲେ । ଏହି ରାକ୍ଷସ ବୃନ୍ଦାଙ୍କ ଉପରେ ଖୁବ୍ ଅତ୍ୟାଚାର କରୁଥିଲେ । ଜଳନ୍ଧରଙ୍କୁ ପାନେ ଦେବାପାଇଁ ଭଗବାନ ବିଷ୍ଣୁଙ୍କୁ ଶିବ ନିବେଦନ କରିଥିଲେ । ହିନ୍ଦୁ ଧର୍ମର ପୂଜାପାଠ ଏବଂ ମାଙ୍ଗଳିକ କାର୍ଯ୍ୟରେ ତୁଳସୀ ଗଛର ବିଶେଷ ମହତ୍ତ୍ୱ ରହିଥାଏ । ଭଗବାନ ଶ୍ରୀହରିଙ୍କ ପ୍ରିୟ ହୋଇଥିବା କାରଣରୁ ମାଆ ତୁଳସୀଙ୍କ ବିନା ଭଗବାନ କୌଣସି ପ୍ରସାଦ ସେବନ କରନ୍ତି ନାହିଁ । ଏହା ପରେ ବିଷ୍ଣୁ ଛଳ କରି ବୃନ୍ଦାଙ୍କ ପତିବ୍ରତ ଧର୍ମ ଭଙ୍ଗ କରି ଦେଇଥିଲେ । ବୃନ୍ଦା ଯେତେବେଳେ ଜାଣିଲେ ଯେ ହରି ତାଙ୍କ ପତିବ୍ରତ ଧର୍ମ ଭଙ୍ଗ କରିଛନ୍ତି ସେତେବେଳେ ସେ ବିଷ୍ଣୁଙ୍କୁ ପଥର ହୋଇଯିବାର ଅଭିଶାପ ଦେଇଥିଲେ । ଏହା ପରେ ବିଷ୍ଣୁ ମାତା ତୁଳସୀଙ୍କୁ କହିଥିଲେ ଯେ ସେ ଜଳନ୍ଧରଙ୍କ କବଳରୁ ତାଙ୍କୁ ରକ୍ଷା କରିବାପାଇଁ ଏହା କରିଥିଲେ । ଏହା ପରେ ବିଷ୍ଣୁ ତାଙ୍କୁ କାଠ ହୋଇଯିବାର ଅଭିଶାପ ଦେଇଥିଲେ । ଏହି ଅଭିଶାପ ପରେ ତୁଳସୀ ଦୀର୍ଘଦିନ ପରେ ତୁଳସୀ ଗଛ ହୋଇ ଯାଇଥିଲେ । ତେଣୁ ଶିବଙ୍କ ପୂଜାରେ ତୁଳସୀ ପରିବର୍ତ୍ତେ ବେଲପତ୍ର ଚଢ଼ାଯାଇଥାଏ କାରଣ ତୁଳସୀ ଅଭିଶପ୍ତ । ଦ୍ୱିତୀୟରେ ଶିବଙ୍କ ପୂଜାରେ ତୁଳସୀ ପତ୍ର ଏଥିପାଇଁ ଚଢ଼ାଯାଇନଥାଏ ।





# ଘିଅ ଦୀପ ଓ କର୍ପୂର ଆଳତି

ପ୍ରାଚୀନ କାଳରୁ ଆମ ଦେଶରେ ଅନେକ ପରମ୍ପରା ରହିଆସିଛି । ଯାହାକୁ ଏବେ ବି ପାଳନ କରାଯାଏ । ଯେପରି ଦେଶୀ ଘିଅରେ ଦୀପ ଜାଳିବା ଏବଂ କର୍ପୂରରେ ଦେବାଦେବୀଙ୍କୁ ଆଳତି କରିବା ପ୍ରଥା ପ୍ରଚଳନ ହୋଇଆସୁଛି । ଧାର୍ମିକ ମାନ୍ୟତା ଅନୁସାରେ ଆରତି କଲେ ଦେବାଦେବୀ ପ୍ରସନ୍ନ ହୋଇ ବରଦାନ ଦେଇଥାନ୍ତି । ସାଧକର ମନୋକାମନା ପୂର୍ଣ୍ଣ ହୋଇଥାଏ । ଏଥିସହ ଦେବଦୋଷ ଏବଂ ପିତୃଦୋଷ ଲାଘବ ହୁଏ । ତେଣୁ କର୍ପୂର ଆରତି ଶୁଭ । ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ କର୍ପୂର ଜାଳିବା ଭଲ । ଏହା ଦ୍ୱାରା ବାତାବରଣରେ ଶୁଦ୍ଧତା ଆସିଥାଏ । ଅନେକ ଜୀବାଣୁ-କୀଟାଣୁ ନଷ୍ଟ ହୋଇଯାଇଥାନ୍ତି । ଶରୀର ଉପରେ ରୋଗର ଆକ୍ରମଣ ସହଜରେ ହୋଇପାରିନଥାଏ । ଏହିପରି ଅନେକ କିଛି । ତେଣୁ କର୍ପୂରରେ ଆରତି କରିବା ଅନେକ ଶୁଭଫଳ ଦେଇଥାଏ ।



# ମା' କାଳୀଙ୍କ ଉପାସନା



**ମହାଦେବଙ୍କ କ୍ରୋଧ ଶାନ୍ତ କରିବାକୁ ଯାଇ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତାଙ୍କ ଶରୀରରକୁ ଖଣ୍ଡ ଖଣ୍ଡ କରିଦେଲା**

ମଧ୍ୟପ୍ରଦେଶର ଅମରକଣ୍ଟକ ନିକଟବର୍ତ୍ତୀ କଲମାଧବା ଶକ୍ତିପୀଠ । ଏହି ଶକ୍ତିପୀଠ ସ୍ଥାନୀୟ ସୋନ ନଦୀ ବା ସୋନଭଦ୍ର ନଦୀ ତଟରେ ଥିବା ଏକ ଗୁମ୍ଫା ମଧ୍ୟରେ ରହିଛି । ପରବର୍ତ୍ତୀ ସମୟରେ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇଛି । ଏହି ସ୍ଥାନରେ ମାତା ସତୀଙ୍କ ବାମ ନିତମ୍ବ ଖସିପଡ଼ିଥିଲା ବୋଲି ବିଶ୍ୱାସ ରହିଛି । ଏଠାରେ ମାତା ଶକ୍ତିଙ୍କୁ କାଳୀ ରୂପରେ ପୂଜା କରାଯାଏ । କଲମାଧବାର ଅର୍ଥ ହେଉଛି ମା' କାଳୀ । ଭୈରବରୂପୀ ମହାଦେବ ଏଠାରେ ଅସୀତାଙ୍ଗ ବା ଅସୀତାନନ୍ଦ ନାମରେ ପୂଜା ପାଇଥାନ୍ତି । ଏଠାରେ ମାତା ଶକ୍ତିଙ୍କୁ ଉପାସନା କଲେ ଭକ୍ତର ସମସ୍ତ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ, ପିତା ପ୍ରଜାପତି ଦକ୍ଷଙ୍କ ଅପମାନ ସହି ନପାରି ଯଜ୍ଞ କୁଣ୍ଡରେ ଝାସ ଦେଇ ଦେବୀ ସତୀ ଶରୀର ତ୍ୟାଗ କରିବା ପରେ ମହାଦେବ କ୍ରୋଧିତ ହୋଇ ଉଠିଲେ । ସେ ତୁରନ୍ତ ଯଜ୍ଞସ୍ଥଳରେ ପହଞ୍ଚି ବୀରଭଦ୍ର ରୂପ ଧାରଣ କରିବା ପରେ ଦକ୍ଷଙ୍କ ମୁଣ୍ଡକାଟ କଲେ । ଏହା ପରେ ମାତା ସତୀଙ୍କ ମୃତଦେହକୁ ଧରି ସାରା ବ୍ରହ୍ମାଣ୍ଡ ପରିକ୍ରମା କରିବାକୁ ଲାଗିଲେ । ମହାଦେବଙ୍କ କ୍ରୋଧ ଶାନ୍ତ କରିବାକୁ ଯାଇ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତାଙ୍କ ଶରୀରରକୁ ଖଣ୍ଡ ଖଣ୍ଡ କରିଦେଲା । ଏହିସବୁ ଖଣ୍ଡ ପୃଥିବୀର ୫୧ଟି ସ୍ଥାନରେ ବିଛାଡ଼ି ହୋଇପଡ଼ିଥିଲା । ସେହିସବୁ ସ୍ଥାନରେ ଏବେ ଶକ୍ତିପୀଠ ଗଢ଼ି ଉଠିଛି । ସେଥିମଧ୍ୟରୁ କଲମାଧବା ପୀଠ ଅନ୍ୟତମ ।

# ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ

ସୁସ୍ଥ ଜୀବନ ସଫଳତାର ରାସ୍ତାକୁ ସହଜ କରିଥାଏ । ପୁଣି ଆଜିକାଲିର ପ୍ରତିଯୋଗିତାମ୍ନକ ଜୀବନରେ ତ ଶକ୍ତିଶାଳୀ ଏବଂ ସୁସ୍ଥ ଶରୀର ସବୁଠାରୁ ଅଧିକ ମହତ୍ତ୍ୱ ରଖେ । ଏହି ସମୟରେ ମିଳୁଥିବା ସୁଯୋଗ ବା ଅବସର ଯଦି ଆପଣଙ୍କ ଦୁର୍ବଳ ଶରୀର ପାଇଁ ନଷ୍ଟ ହୋଇଯାଏ ତେବେ ବିଫଳତା ମିଳିଥାଏ । ଏହା ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅସଫଳ କରିଦେଇଥାଏ । ଲକ୍ଷ୍ୟ ରଖିଥିବେ ଯେ ଜଣେ ସୁସ୍ଥ ଏବଂ ସବଳ ବ୍ୟକ୍ତି କିପରି ସଫଳତା ଆଡ଼କୁ ଆଗେଇ ଚାଲିଥାଏ । ଏଣୁ ସୁସ୍ଥ ଶରୀରକୁ ମଧ୍ୟ ଧନ ବା ସମ୍ପତ୍ତି ବୋଲି ବିଚାର କରାଯାଏ । ସୁସ୍ଥ ଶରୀର ଯେ କେବଳ ମଣିଷକୁ ଶାରୀରିକ ଦୃଷ୍ଟିରେ ଶକ୍ତିଶାଳୀ କରାଏ ତାହାନୁହେଁ, ଏହା ମଧ୍ୟ ମାନସିକ ସ୍ତରରେ ବ୍ୟକ୍ତିକୁ ଶକ୍ତିଶାଳୀ କରିଥାଏ । ତେଣୁ ଆମକୁ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ । ନିୟମିତ ଅନୁଶାସନ ମଧ୍ୟରେ ରଖିବାକୁ ପଡ଼ିବ । ଜୀବନରେ ସଂଯମତା ଏବଂ ଅନୁଶାସନ ଆଣିବାକୁ ହେଲେ କେତେକ ଧାର୍ମିକ ଉପାୟଗୁଡ଼ିକୁ ଶ୍ରେଷ୍ଠ ଭାବେ ବିଚାର କରାଯାଇଛି । ଯାହା ବିଷୟରେ ଆଜି ଆମେ ଆଲୋଚନା କରିବା । ଶରୀର ସୁସ୍ଥ ତଥା ସବଳ ରହିବା ପାଇଁ ଧାର୍ମିକ ନିୟମ ଅନୁସାରେ ଦୈନନ୍ଦିନ ସୂର୍ଯ୍ୟଙ୍କୁ ପୂଜା କରିବା ଉଚିତ । ଧାର୍ମିକ ଦୃଷ୍ଟିକୋଣରୁ ସୂର୍ଯ୍ୟ ଉପାସନା ସ୍ୱାସ୍ଥ୍ୟ, ସୁଖ-ସମୃଦ୍ଧି, ପ୍ରତିଷ୍ଠା ଆଦି ପ୍ରଦାନ କରିଥାଏ ବୋଲି ବିଶ୍ୱାସ । ବ୍ୟାବହାରିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରତିଦିନ ସକାଳେ ସ୍ନାନାଦି କର୍ମ କରିବା ସହ ସ୍ୱଚ୍ଛ ପବନ ଏବଂ ସୂର୍ଯ୍ୟଙ୍କ କୋମଳ କିରଣ ଶରୀରରେ ବାଜିଲେ ମନ ପ୍ରଫୁଲ୍ଲ ରହିବା ସହ ସ୍ୱାସ୍ଥ୍ୟ ଉତ୍ତମ ରହିଥାଏ । ଅନେକ ଲାଭ ମିଳିଥାଏ ।



ଏଥିପାଇଁ ମଧ୍ୟ ଶାସ୍ତ୍ରରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି । ବିଶେଷ ମନ୍ତ୍ର ଦ୍ୱାରା ସୂର୍ଯ୍ୟଙ୍କୁ ପୂଜା କରିବା ବିଧେୟ । ପ୍ରାତଃ ସମୟରେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନ କରନ୍ତୁ । ଏହାକୁ ତୀର୍ଥ ସ୍ନାନ କୁହାଯାଏ । ଏହାପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରି ଆଚମନ କରନ୍ତୁ । ତମ୍ବା ପାତ୍ରରେ ଗନ୍ଧ, ସୁଗନ୍ଧିତ ପୁଷ୍ପ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତୁ । ସୂର୍ଯ୍ୟ ବା ନବଗ୍ରହ ମନ୍ଦିରରେ ସୂର୍ଯ୍ୟଙ୍କ ପ୍ରତିମାରେ ନାଲି ଚନ୍ଦନ, ନାଲି ଫୁଲ, ନାଲି ବସ୍ତ୍ର ଅର୍ପଣ ପୂର୍ବକ ପୂଜା କରନ୍ତୁ । ଗୁଡ଼ ଏବଂ ଘିଅରେ ପ୍ରସ୍ତୁତ ବ୍ୟଞ୍ଜନ ଅଥବା ଆଖୁ ରସରେ ନୈବେଦ୍ୟ ଲଗାନ୍ତୁ । ଗୁଗ୍‌ଗୁଳ ଧୂପ ବା ଘିଅ ଦୀପ ଜାଳନ୍ତୁ । ଏହାପରେ "ଓଁ ଆଦିତ୍ୟାୟ ବିଦ୍ମହେ, ବିଶ୍ୱଭାବାୟ ଧୀମହି, ତନ୍ନୋ ସୂର୍ଯ୍ୟଃ ପ୍ରଚୋଦୟାତ୍ ।" ସୂର୍ଯ୍ୟଗାୟତ୍ରୀ ମନ୍ତ୍ରକୁ ସ୍ମରଣ କରି ପୂର୍ବ ଦିଗକୁ ମୁହଁ କରି ବସନ୍ତୁ ଏବଂ ନାଲି ଚନ୍ଦନ ଦାନାରେ ନିର୍ମିତ ମାଳାକୁ ୧୦୮ ଥର ଜପ କରନ୍ତୁ । ଏହାଦ୍ୱାରା ଆପଣ ନୀରୋଗ ରହିବେ । ଏହା ଏକ ପ୍ରକାର ଅନୁଶାସନରେ ପରିଣତ ହୋଇଯିବ । ବ୍ୟାୟାମ ପରି କାମ ଦେବ । ସୁସ୍ଥ ତଥା ସବଳ ହୋଇପାରିବେ । ସଫଳତା ଆପଣଙ୍କୁ ନିରାଶ କରିପାରିବ ନାହିଁ ।

# ରାମାୟଣ: ଦେବୀ ଅହଲ୍ୟାଙ୍କ ଉଦ୍ଧାର କଥା

ଋଷି ବିଶ୍ୱାମିତ୍ର ଭଗବାନ ଶ୍ରୀରାମ ଏବଂ ଲକ୍ଷ୍ମଣ ରାକ୍ଷସଙ୍କ ଦମନ କରି ରାଜା ଜନକଙ୍କ ରାଜଧାନୀ ମିଥିଳା ଆଡ଼କୁ ଯାଉଥିଲେ । ଏହି ସମୟରେ ରାସ୍ତାରେ ଏକ ସୁନ୍ଦର ଆଶ୍ରମ ଦେଖାଦେଲା । ଆଶ୍ରମରେ କେହି ଲୋକ ନଥିଲେ । ସେହି ସ୍ଥାନ ଅଭିଶପ୍ତ ଥିଲା । ଭଗବାନ ଶ୍ରୀରାମ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ଗୁରୁବର ! ଏହି ଆଶ୍ରମ ଭୂମିରେ ଦୂର ଦୂର ପର୍ଯ୍ୟନ୍ତ କେହି ତ' ଦେଖାଯାଉନାହାନ୍ତି ? ବିଶ୍ୱାମିତ୍ର କହିଲେ, ଏହି ଶୂନ୍‌ଶାନ୍ ଆଶ୍ରମ ପଛରେ ଋଷି ଗୌତମଙ୍କ ପତ୍ନୀ ଅହଲ୍ୟାଙ୍କ ଦୁଃଖଭରା କାହାଣୀ ରହିଛି । ପୂର୍ବରୁ ଏହି ଆଶ୍ରମରେ ଋଷି ଗୌତମ ପତ୍ନୀ ଅହଲ୍ୟାଙ୍କ ସହ ରହୁଥିଲେ । ମାତା ଅହଲ୍ୟା ଅତ୍ୟନ୍ତ ସୁନ୍ଦର ଥିଲେ । ଦେବରାଜ ଇନ୍ଦ୍ର ତାଙ୍କ ପ୍ରତି ଆକର୍ଷିତ ହୋଇପଡ଼ିଲେ । ଦିନେ ଋଷି ଗୌତମ କୁଡ଼ିଆରୁ ବାହାରକୁ ଯାଇଥିବା ସମୟରେ ଗୌତମ ଋଷିଙ୍କ ରୂପ ଧରି ଦେବରାଜ ଇନ୍ଦ୍ର ଆଶ୍ରମରେ ପହଞ୍ଚିଲେ । ତାଙ୍କୁ ଦେଖି ଗୌତମ ଋଷି ଅହଲ୍ୟା ମୋହିତ ହୋଇଗଲେ । ଏହାର କିଛି କ୍ଷଣ ପରେ ଗୌତମ ଋଷି ସେଠାରେ ଆସି ପହଞ୍ଚିଲେ । ସେ ଇନ୍ଦ୍ରଙ୍କ ଅସଲ ରୂପ ଜାଣିପାରିଲେ । ଇନ୍ଦ୍ରଦେବ ତାଙ୍କୁ କ୍ଷମା ପ୍ରାର୍ଥନା କଲେ । କିନ୍ତୁ ଗୌତମ ଋଷି ତାଙ୍କୁ ନପୁଂସକ ହୋଇଯିବା ଲାଗି ଅଭିଶାପ ଦେଲେ । ଏହାପରେ ଗୌତମ ଋଷି ପତ୍ନୀ ଅହଲ୍ୟାଙ୍କୁ ପଥର ହୋଇଯିବା ଲାଗି ଅଭିଶାପ ଦେଇଥିଲେ । ତେବେ କ୍ରୋଧ ନିୟନ୍ତ୍ରଣ କରିନପାରି ନିଜ ସରଳ ପତ୍ନୀଙ୍କୁ ଅକାରଣରେ ଅଭିଶାପ ଦେଇଥିବାରୁ ଗୌତମ ଋଷି ଦୁଃଖିତ ହେଲେ । ସେ ବରଦାନ ଦେଇ କହିଲେ ଯେ ଭଗବାନ ବିଷ୍ଣୁ ଯେତେବେଳେ ମନୁଷ୍ୟ ରୂପରେ ଜନ୍ମ ନେବେ ତାଙ୍କରି ପବିତ୍ର ପାଦ ବାଜି ତୁମେ ପୁଣି ଥରେ ମନୁଷ୍ୟ ଜନ୍ମ ଲାଭ କରିବ । ଏହାପରେ ତୁମର ଉଦ୍ଧାର ହେବ । ଏହି କଥା କହିସାରି ମହର୍ଷି ବିଶ୍ୱାମିତ୍ର କହିଲେ, ହେ ରାମ ! ଏବେ ଆପଣ ନିଜ ପବିତ୍ର ଚରଣ ସ୍ପର୍ଶ କରି ମାତା ଅହଲ୍ୟାଙ୍କ ଉଦ୍ଧାର କରନ୍ତୁ । ଶ୍ରୀରାମ ତାହା ହିଁ କଲେ । ଅହଲ୍ୟା ନିଜ ସତୀତ୍ୱ ପାଇଁ ସବୁଦିନ ପାଇଁ ଅମର ହୋଇରହିଗଲେ ।



# ତପସ୍ୟାରେ ଆଧ୍ୟାତ୍ମିକତା



ମହାଭାରତ ଅନୁସାରେ ସପ୍ତର୍ଷି କହିଲେ- ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, କ୍ରତୁ, ବଶିଷ୍ଠ ଏବଂ ପୁଲହଙ୍କୁ ବୁଝାଯାଇଥାଏ । କିନ୍ତୁ ବାୟୁ ପୁରାଣରେ ସପ୍ତର୍ଷି ମଧ୍ୟରେ ଭୃଗୁଙ୍କ ନାମ ଯୋଡ଼ାଯାଏ । ବିଷ୍ଣୁ ପୁରାଣରେ ଭୃଗୁ ତଥା ଦକ୍ଷଙ୍କୁ ମିଶାଯାଇ ନବ ବ୍ରହ୍ମର୍ଷି କୁହାଯାଏ । ଶତପଥ ବ୍ରାହ୍ମଣରେ ସପ୍ତର୍ଷି ହେଉଛନ୍ତି- ଗୌତମ, ଭରଦ୍ୱାଜ, ବିଶ୍ୱାମିତ୍ର, ଜମଦଗ୍ନି, ବଶିଷ୍ଠ, କାଶ୍ୟପ ଏବଂ ଅତ୍ରି । ଆହୁରି କେତେକ ଗ୍ରନ୍ଥରେ କଣ୍ୱ, ବାଲ୍ମୀକି, ବ୍ୟାସ ଏବଂ ମନୁଙ୍କର ସମାବେଶ କରାଯାଇଛି । ଆମ ଦେଶର ସଂସ୍କୃତିରେ ତପସ୍ୟା କରି ଆଧ୍ୟାତ୍ମିକତା ପ୍ରାପ୍ତ କରାଯାଇଥାଏ ଏବଂ ଲୋକମାନଙ୍କର ମଙ୍ଗଳ ପାଇଁ ଏକରୁ ଆରେକ ବଳି ଅଦ୍ୱିତୀୟ କାର୍ଯ୍ୟ କରାଯାଇଥାଏ । ଏହାର ଯେଉଁ ପରମ୍ପରା ରହିଛି ଏଥିରେ ଏହିପରି ଋଷି-ମହର୍ଷିମାନେ ଆମକୁ ଯେଉଁ ଖ୍ୟାତି ଦେଇଛନ୍ତି, ସେଥିରେ କେବଳ ଭାରତ ନୁହେଁ ସାରାବିଶ୍ୱ ସେମାନଙ୍କ ନିକଟରେ ଋଣୀ ହୋଇ ରହିଛି । ଭାରତବର୍ଷରେ ଅନେକ ଋଷି ଅଛନ୍ତି ମାତ୍ର ଶାସ୍ତ୍ର କହେ, 'ଯସ୍ୟ ମନ୍ତ୍ରଃ ସ ଋଷି' । ଅର୍ଥାତ୍ ଯାହାର ମନ୍ତ୍ର ଅଛି ସେ ହିଁ ଋଷି । ଏଣୁ ଯେ ବେଦମନ୍ତ୍ର କରେ ସେ ଋଷି ।

# କେଦାରନାଥ ଓ ପଶୁପତିନାଥ ଜ୍ୟୋତିର୍ଲିଙ୍ଗ

ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ନେପାଳର ପଶୁପତିନାଥ ଜ୍ୟୋର୍ତିଲିଙ୍ଗ ଅନ୍ୟତମ । ଏହାକୁ କେଦାରନାଥ ଧାମରେ ଥିବା କେଦାରେଶ୍ୱର ଜ୍ୟୋତିର୍ଲିଙ୍ଗର ଅଂଶବିଶେଷ ବୋଲି ମଧ୍ୟ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ମହାଭାରତ ଯୁଦ୍ଧରେ ଭ୍ରାତୃହତ୍ୟା ଦୋଷରେ ଭାଗୀ ହୋଇ ପାଣ୍ଡବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ଲାଗି ବାହାରିଗଲେ । ଗୁପ୍ତକାଶୀ ନିକଟରେ ପାଣ୍ଡବମାନଙ୍କୁ ଦେଖି ଭଗବାନ ଶିବ କେଦାରନାଥ ଧାମ ଆଡ଼କୁ ଚାଲିଗଲେ । ପାଣ୍ଡବମାନେ କେଦାରନାଥରେ ଯାଇ ପହଞ୍ଚିଲେ । ପାଣ୍ଡବମାନଙ୍କୁ ଦେଖି ମହାଦେବ ଏକ ଷଣ୍ଢ ରୂପ ଧାରଣ କରି ଗୋରୁପଲରେ ସାମିଲ ହୋଇଗଲେ । ମାତ୍ର ପାଣ୍ଡବମାନେ ତାଙ୍କୁ ଚିହ୍ନି ପାରିଲେ । ଶିବ ଏହା ଜାଣିପାରି ମାଟି ତଳକୁ ପଶିଯିବାକୁ ଉଦ୍ୟମ କଲେ । ଏହି ସମୟରେ ଭୀମ ଦୌଡ଼ି ଯାଇ ତାଙ୍କୁ କୁଣ୍ଢାଇ ପକାଇଲେ । ଏହାପରେ ଶିବ ପ୍ରକଟ ହୋଇ ପାଣ୍ଡବମାନଙ୍କୁ ଭ୍ରାତୃହତ୍ୟା ଦୋଷରୁ ମୁକ୍ତ କଲେ । ତେବେ ମାଟି ତଳେ ପୋତି ହୋଇଯାଇଥିବା ଷଣ୍ଢରୂପୀ ଶିବଙ୍କ ମସ୍ତକ ନେପାଳରେ ଯାଇ ପହଞ୍ଚିଥିଲା । ଷଣ୍ଢର ଶରୀର କେଦାରନାଥ ନିକଟରେ ଥିଲା । ଏହି କାରଣରୁ କେଦାରନାଥ ଏବଂ ପଶୁପତିନାଥଙ୍କୁ ଗୋଟିଏ ଜ୍ୟୋତିର୍ଲିଙ୍ଗର ଅଂଶବିଶେଷ ବୋଲି ଧରାଯାଇଥାଏ । ପଶୁପତିନାଥଙ୍କ ଦର୍ଶନ କରିବା ଦ୍ୱାରା ମନୁଷ୍ୟ କେବେ ହେଲେ ପଶୁ ଯୋନିରେ ଜନ୍ମ ହୋଇନଥାଏ । ଜନଶ୍ରୁତି ରହିଛି ଯେ ଯଦି ପଶୁପତିନାଥ ମନ୍ଦିର ଭିତରକୁ ଯିବା ପୂର୍ବରୁ ଭକ୍ତ ମନ୍ଦିର ବାହାରେ ଥିବା ନନ୍ଦୀ ଦେବଙ୍କ ଦର୍ଶନ କରିଥାଏ, ତେବେ ସେ ପଶୁଯୋନିରେ ଜନ୍ମ ନେବା ନିଶ୍ଚିତ । ପଶୁପତିନାଥ ଜ୍ୟୋତିର୍ଲିଙ୍ଗ ହେଉଛି ଚର୍ତୁମୁଖୀ । କୁହାଯାଏ, ଏଥିରେ ପାରସ୍ ପଥରର ଗୁଣ ରହିଛି, ଯାହା ଲୁହାକୁ ମଧ୍ୟ ସୁନା କରି ଦେଇପାରେ । ଅନ୍ୟପକ୍ଷରେ କେଦାରନାଥ ଶୈବପୀଠ ଭାରତରେ ରହିଛି । ଭାରତର ଦେବଭୂମି ଉତ୍ତରାଖଣ୍ଡରେ ଭଗବାନ କେଦାରନାଥ ବିରାଜମାନ କରିଛନ୍ତି । କେଦାରନାଥ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ । ଏହି ଶୈବପୀଠଟି ଅତ୍ୟନ୍ତ ପବିତ୍ର ତଥା ପ୍ରତ୍ୟକ୍ଷ ଧାର୍ମିକସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଛି । ଏହି ପୀଠ ମହାଦେବଙ୍କ ପ୍ରିୟ ସ୍ଥାନ ହିମାଳୟ କୋଳରେ ରହିଛି ।



## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ହିଞ୍ଜିଳିକାଟୁ,(ନି.ପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ଦୟାପଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବି. ସଞ୍ଜିତା, ସଭ୍ୟ ଇ.ରାଜା ରାଓ,ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ବେଲଗାଁ ଥାନା ସବ-ଇନ୍ସପେକ୍ଟର କାମଲିନ ନାୟକ ଓ ଜିଲ୍ଲା ପରିଷଦ ସଭ୍ୟା ପ୍ରମୁଖ ଯୋଗ



ଦେଇଥିଲେ । ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ, ଉପେକ୍ଷିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବିଭିନ୍ନ ଯୋଜନାରୁ ଉପକୃତ ହେବା ପାଇଁ ଅଭିଯୋଗ କରିଥିଲେ । ଜନ ଶୁଣାଣି କାର୍ଯ୍ୟକ୍ରମରେ ରାସନ୍ କାର୍ଡ ୫ , ଗ୍ରାମୀଣ ଆବାସ ୯, ସାମାଜିକ ସୁରକ୍ଷା ୯, ସୁଭଦ୍ରା ୧୪, ବ୍ୟକ୍ତିଗତ ୧, ଗୋଷ୍ଠୀଗତ ୨ ଆଦି ଭିନ୍ନ ଭିନ୍ନ ବାବଦରେ ଶୁଣାଣି ପାଇଁ ୪୦ଟି ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ, କ୍ଷୁଦ୍ର ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ ବିନ୍ଦୁସାଗର ପଣ୍ଡା, ଗ୍ରାମ ଉନ୍ନୟନ ସହକାରୀ ଯନ୍ତ୍ରୀ ଇଂ ଗିରିଶ ଚନ୍ଦ୍ର ନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମିଥୁନ କୁମାର ସେଠୀ, ସିଡ଼ିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ , ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ ଭଜରାମ ସାହୁ, ଜଳ ଓ ପରିମଳ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୀମାଞ୍ଚଳ ବେହେରା, କନିଷ୍ଠ ଯନ୍ତ୍ରୀ ଇଂ ପ୍ରସନ୍ନ ଦଳାଇ, ସହକାରୀ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ଦାଶ,ଏପିଓ ଅନିଲ ପାଣି, ସିପି ଦଣ୍ଡପାଣି ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱାଗତିକା ପାଣିଗ୍ରାହି, ସହକାରୀ ଯନ୍ତ୍ରୀ ଇଂ ବି. ଅଶୋକ,ଏଡ଼ିଇଓ ଧର୍ମେନ୍ଦ୍ର ସେଠୀ, ବିଏଫଟି ବୃନ୍ଦାବନ ଗୌଡ, ଯୋଗାଣ ସହାୟିକା ଇ.ସୁମିତ୍ରା, ଗାଁ ସାଥୀ ପି.ମହେନ୍ଦ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିବିରରେ ଆଶା, ଅଙ୍ଗନବାଡି ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମିଳିମିଳା ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,(ହି.ସ.)- ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ମିଳିମିଳା ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀ ଅଧକ୍ଷ ଡା. ନକୁଳ ସାହୁ କହିଲେ, ଏହି ଋତୁରେ କିଛି ଶିଶୁଙ୍କ ଠାରେ ମସୁର ପରି କିଛି ଚିହ୍ନ ଦେଖାଗଲେ ପରିବାର ଲୋକ ସନ୍ଦେହରେ ବସନ୍ତ ଭାବି ବ୍ୟସ୍ତ ହୋଇପଡୁଛନ୍ତି । ଦୂଷିତ ଜଳ ପାନ, ଖଟା ଖାଇଲେ ଓ ଖୋଲା ପବନରେ ଅଧିକ ବୁଲିଲେ କଫ ବଢି ଭୂତାଣୁ ସଂକ୍ରମିତ ହୁଏ । ରୋଗାକ୍ରାନ୍ତ ଶିଶୁର ନାସା ସ୍ରାବ ପବନ ଦ୍ୱାରା ଯାଇ ଅନ୍ୟ ଶିଶୁମାନଙ୍କୁ ସଂକ୍ରମଣ ହୁଏ । ସାହି, ସହର, ଗ୍ରାମ ବ୍ୟାପିଯାଏ । ଆଖି ନାକରୁ ପାଣି ବହେ, ଜ୍ୱର, ଶୁଷ୍କ କାସ, ଅରୁଚି, ମୁଣ୍ଡବ୍ୟଥା, ଶରୀର ପୀଡା ସହ ମସୁର ଜାଇ ପରି ଫୋଟକା ଦେହ ସାରା ବାହାରି ପଡେ । ମସୁରର ଲକ୍ଷଣ ମସୁର ମଝିରେ ବିନ୍ଦୁଟିଏ ଦବିଲା ପରି ହୋଇଥାଏ । କାରଣ ଗୁଡିକୁ ଛାଡି ଲଘୁ ଖାଦ୍ୟ, ଉଷ୍ଣଜଳ ପାନ କରିବେ, ଘରେ ଭୂତାଣୁ ନାଶ ପାଇଁ ଝୁଣା ନିମ୍ବ ପତ୍ର ଧୂପ ଦେବେ, ପ୍ରତିଷେଧ ପାଇଁ ହଳଦୀଗୁଣ୍ଡ କିମ୍ବା କଲରା ପତ୍ର ରସ ସକାଳୁ ତିନିଦିନ ଖାଇବେ । ଶେଜରେ କୋମଳ ନିମ୍ବ ପତ୍ର ପକାଇବେ, ଶରୀର କୁଣ୍ଡେଇ ହେଲେ ନିମ୍ବ କାଠିରେ କୁଣ୍ଡାଇବେ । ଗୋରଚନା ବା ହଳଦୀଗୁଣ୍ଡ ଦିନରେ ତିନିଥର ମହୁ ସହ ଖାଇଲେ ଜ୍ୱର ସହ ମିଳିମିଳା ଭଲ ହୋଇଯାଏ । କାଶ ପାଇଁ ତୁଳସୀ ରସ ଦେବେ, ପଦାରେ ବୁଲିବେ ନାହିଁ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀ ରୋଗ ଆଦି ବିଭିନ୍ନ ରୋଗୀଙ୍କୁ ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ ।

## ବିଶ୍ୱ ଖାଉଟି ଅଧିକାର ଦିବସ

ଭବାନୀପାଟଣା,(ନି.ପ୍ର): ଭବାନୀପାଟଣା ସ୍ଥିତ ଏନ . ଆର. ଏଚ.ଏମ ସଭା ଗୃହରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଆୟୋଜନରେ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉପଭୋକ୍ତା ସମାଧାନ ଆୟୋଗର ଅଧକ୍ଷ୍ୟ ଶ୍ରୀଯୁକ୍ତ ଅଶ୍ୱିନୀ ପତ୍ର ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଠିକ୍ ସେହିପରି ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ବିଜେପି ଉପସଭାପତି ଭବେନ୍ଦ୍ର ପଣ୍ଡା ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମର ଜେନା, ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ ଅଧିକାରୀ, ଏ. ଜେ. ବେହେରା ବୈଧମାପ ବିଜ୍ଞାନ ନିରିକ୍ଷକ ଜୁନାଗଡ କାର୍ଯକର୍ମର ଆବାହକ ତଥା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାଯତ ରାଜ୍ୟ କାର୍ଯକାରିଣୀ ସଦସ୍ୟ ପଶ୍ଚିମ ପ୍ରାନ୍ତ ତଥା ୧୯୭୫- ୭୭ ଆପାତ କାଳୀନ ସେନାନୀ ସମିତି, ରାଷ୍ଟ୍ରୀୟ ଅଧକ୍ଷ୍ୟ ସୁଶୀଲ ପଣ୍ଡା ମଞ୍ଚସୀନ ହୋଇ ନିଜ ନିଜର ମତ ଉପସ୍ଥାପନା କରିଥିଲେ । ବରିଷ୍ଠ ଆଇନଜୀବୀ ତଥା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାଯତ ଜିଲ୍ଲା ସହ ସଂଯୋଜକ ସୌଦାମିନି ଦ୍ୱିବେଦୀ ସଭା ପରିଚାଳନା କରିଥିଲେ । ଏହି କାର୍ଯକର୍ମକୁ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାଯତ ଜିଲ୍ଲା ସହ ସଂଯୋଜକ ବରିଷ୍ଠ ଆଇନଜୀବୀ କୃତିବାସ ମୁଣ୍ଡ କାର୍ଯ୍ୟକ୍ରମ ପ୍ରମୁଖ ।

### ବିଭିନ୍ନ ହୋଟେଲ ମାଲିକଙ୍କୁ ନେଇ ଏକ ଜରୁରୀ ବୈଠକ

## ଜିଲ୍ଲାପାଳଙ୍କୁ ବଣିକ ସଂଘ ପକ୍ଷରୁ ଦାବିପତ୍ର

ଭବାନୀପାଟଣା,(ନି.ପ୍ର): ଯୁଦ୍ଧ ଯୋଗୁ ଦେଖାଦେଲାଣି ବ୍ୟବସାୟିକ ଓ ଘରୋଇ ଏଲପିଜି ଗ୍ୟାସ ସଂକଟ । ରେଷ୍ଟୁରାଣ୍ଟ, ଖାଦ୍ୟ ବିକ୍ରେତା ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି । ଆଗକୁ ମିଳିବ କି ନାହିଁ ଆଶଙ୍କା କରି ଲୋକେ କଳାବଜାରରେ ଗ୍ୟାସ କିଣୁଛନ୍ତି । କଳାହାଣ୍ଡି ଜିଲ୍ଲାରେ ମଧ ଗ୍ୟାସ ସିଲିଣ୍ଡର ଅଭାବ ଉତ୍କଟ ସ୍ଥିତିରେ ପହଞ୍ଚିଛି । ଭବାନୀପାଟଣାର ଅନେକ ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ଗ୍ୟାସ ଅଭାବରୁ ବନ୍ଦ ହେବା ଆରମ୍ଭ ହେଲାଣି ତ ଆଉ କିଛି ଗ୍ୟାସ ପାଇଁ ସଂଘର୍ଷ କରୁଛନ୍ତି । ଏନେଇ ସ୍ଥାନୀୟ ଭାଗୀରଥି ଇନ୍ ଠାରେ ବଣିକ ସଂଘ ପକ୍ଷରୁ ଭବାନୀପାଟଣାର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ , କାଫେ, ଫାଷ୍ଟଫୁଡ ତଥା ଫୁଡ୍ ଷ୍ଟଲ୍ ମାଲିକ ମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମର୍ସିଆଲ ଗ୍ୟାସ ଯୋଗାଣକୁ ନେଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏନେଇ ସୋମବାର ସକାଳେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କୁ ବଣିକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ରେଷ୍ଟୁରାଣ୍ଟ, ହୋଟେଲ , ଫାଷ୍ଟଫୁଡ, ଟିଫିନ ସେଣ୍ଟର ଆଦି ଖାଦ୍ୟ ଷ୍ଟଲ୍‌କୁ ବ୍ୟବସାୟିକ ଏଲପିଜି



ଗ୍ୟାସ ଯୋଗାଣ କରିବା, କୋଇଲା ଓ କାଠରେ ରନ୍ଧନ ପାଇଁ ଅନୁମତି, ଗ୍ୟାସ ଏଜେନ୍ସିର କଳାବଜାରୀ ରୋକିବା, କୋଇଲା ଭାରକୁ ଫରେଷ୍ଟ ବିଭାଗ ପକ୍ଷରୁ କୋହଳ କରିବା ଏବଂ ଗ୍ୟାସ ସଂକଟ ଦୂର ନ ହେବା ପର୍ଯ୍ୟନ୍ତ ଖାଦ୍ୟ ବ୍ୟବସାୟୀଙ୍କୁ ନୀରିକ୍ଷଣ ନାମରେ ହଇରାଣ ନ କରିବା ଆଦି ବିଷୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ପ୍ରତିନିଧି ଦଳରେ କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ ସାହୁ, ସାଧାରଣ ସମ୍ପାଦକ ନିରୋଜ ପଟ୍ଟନାୟକ, ବିଶିଷ୍ଟ ବ୍ୟବସାୟୀ ପ୍ରମୋଦ ଖମାରୀ, ସହ ସମ୍ପାଦକ ସଚ୍ଚିଦାନନ୍ଦ ସାହୁ , ପ୍ରମୋଦ ଜୈନ, ଯୁବ ଉଦ୍ୟୋଗୀ ଅବିନାଶ ଠାକୁର, ମହମ୍ମଦ କରୀମ, ଅବିନାଶ ଅଗ୍ରୱାଲ, ରାଜ ମିଶ୍ର, ସାଇ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବେଲଗୁଣ୍ଠା: ବିପୁଳ ପରିମାଣର ବିସ୍ଫୋରକ ଜବତ, ଦୁଇ ଗିରଫ

ବେଲଗୁଣ୍ଠା.(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବେଲଗୁଣ୍ଠା ଥାନା ରେବତୀ ଶବରଙ୍କ ନେତୃତ୍ୱରେ ପୋଲିସ ଟିମ୍ ବରଗାଁ ଗ୍ରାମର ବଡ଼ସାହିରେ ଅତର୍କିତ ଚଢ଼ାଉ କରିଥିଲେ । ସେଠାରେ ପୋଲିସ ବିପୁଳ ପରିମାଣର ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ସେହି ଗ୍ରାମର କଂଗ୍ରେସ ଜେନାଙ୍କ ଦୁଇ ପୁଅ ଶଙ୍କର ଜେନା (୩୮) ଏବଂ ସାଗର ଜେନା (୨୮) ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କୌଣସି ବଡ଼ ଧରଣର ବେଆଇନ କାର୍ଯ୍ୟ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହି ବିସ୍ଫୋରକଗୁଡ଼ିକୁ ମହଜୁଦ ରଖିଥିବା ସନ୍ଦେହ କରାଯାଉଛି । ଜବତ ସାମଗ୍ରୀ ମଧ୍ୟରେ ୮ଟି ପ୍ୟାକେଟ ଆମୋନିୟମ ନାଇଟ୍ରେଟ ରହିଛି, ଯେଉଁଥିରୁ ପ୍ରତ୍ୟେକର ଓଜନ ପ୍ରାୟ ୫୦ କେଜିରୁ ଅଧିକ,ଏଥି ସହିତ ୫୯୯ଟି ଆଇଡିଆଲ ପାୱାର-୯୦ ଜେଲାଟିନ ଷ୍ଟିକ, ୧୫ ଟି କଏଲ ବ୍ଲାଷ୍ଟିଂ ତାର ଏବଂ ୧୧ କଏଲ ଡିଏଫଏ ତାର ରହିଛି ।ଏହି ଘଟଣାରେ ବେଲଗୁଣ୍ଠା ପୋଲିସ ନିଜ ଆଡୁ ୯୬/୨୬ ରେ ଗୋଟିଏ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତାର ୨୮୮/୩(୫) ଧାରା ଏବଂ ବିସ୍ଫୋରକ ସାମଗ୍ରୀ ଅଧିନିୟମର ଧାରା ୪/ ୫ ଅନୁସାରେ ତଦନ୍ତ ଚଳାଇଛି । ଉଭୟ ଅଭିଯୁକ୍ତଙ୍କୁ ଭଞ୍ଜନଗର ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଛି । ଏତେ ପରିମାଣର ବିପଜ୍ଜନକ ବିସ୍ଫୋରକ ଏହି ଅଞ୍ଚଳକୁ କେଉଁଠାରୁ ଆସିଲା ଏବଂ ଏହା ପଛରେ କୌଣସି ବଡ଼ ରାକେଟ୍ ସମ୍ପୃକ୍ତ ଅଛି କି ନାହିଁ, ସେ ନେଇ ପୋଲିସ ଅଧିକ ଛାନଭିନ୍ ଜାରି ରଖିଛି ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି ।

## ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଦୈନିକ ବଜାରରେ ପରିବା ବିକ୍ରି ବନ୍ଦ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌରାଞ୍ଚଳ ଅଧୀନରେ ଥିବା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଦୈନିକ ପରିବା ବଜାର ସଂପୂର୍ଣ୍ଣ ବନ୍ଦ କରାଯାଇଛି, କିନ୍ତୁ କେବଳ ମକର ସଂକ୍ରାନ୍ତି ଦିନରେ ହିଁ ଖୋଲା । ଏହାକୁ ନେଇ ବଡ଼ ସଙ୍ଘର୍ଷ ଆରମ୍ଭ ହୋଇଯାଇଛି ପାରଳାଖେମୁଣ୍ଡି ସହରରେ । ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କୁ ନେଇ ବଡ଼ ପ୍ରଶ୍ନ ଉଠିଛି । ପାରଳାଖେମୁଣ୍ଡି ମଧ୍ୟବିତ୍ତ ଶ୍ରେଣୀର ପରିବା ବିକ୍ରି କରୁଥିବା କିଛି ହାତଗଣତି ବ୍ୟବସାୟୀମାନେ ସେମାନଙ୍କର ମନମୁଖୀ କାର୍ଯ୍ୟକ୍ରମ ସହିତ ନିଜର ସ୍ୱାର୍ଥକୁ ନେଇ କରୁଥିବ କାର୍ଯ୍ୟ ଯାହା ବି ଜାତିଗତ ପର୍ବପର୍ବାଣିକୁ ନେଇ ଏଠି ମତାନ୍ତର ଦେଖିବକୁ ମିଳିଥିଲା, ଯାହା କି ଗତ ଜୁଲାଇ ମାସଠାରୁ ଆରମ୍ଭ କରିଥିଲେ ଦୈନିକ ପରିବା ବଜାର ବନ୍ଦ କରିବା ଦ୍ୱାରା ଗରିବ ଚାଷୀମାନେ ରାସ୍ତା କଡ଼ରେ ବିକ୍ରି କରୁଥିବା ବେଳେ ସେମାନଙ୍କ ଉପରେ ଆକ୍ରମଣ କରିବା ଦେଖିବାକୁ ମିଳିଥିଲା ।

ଅପରପକ୍ଷରେ ମାଛ ଓ ମାଂସ, କୁକୁଡ଼ା ମାଂସ ତଥା ଆମିଷ ଜିନିଷ ଖୋଲା ରହୁଛି, କେବଳ ପରିବା ହିଁ ବିକ୍ରି ବନ୍ଦ କରାଯାଇଛି । ଏହି ଅବସରରେ ପାରଳାଖେମୁଣ୍ଡିର କିଛି ବୁଦ୍ଧିଜୀବୀମାନେ ଅଗଷ୍ଟ ମାସରେ ପାରଳାଖେମୁଣ୍ଡି ଓ ଆଦର୍ଶ ଥାନା ଅଧିକାରୀଙ୍କ ସହିତ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଅଗଷ୍ଟ ମାସରେ ଅଭିଯୋଗ ସତ୍ତ୍ୱେ ପରିବା ବିକ୍ରି ବନ୍ଦ କରିବା ବଳବତ୍ତର ରହିଲା । ବର୍ତ୍ତମାନ ରାମ ଶାଗର ଛକଠାରୁ ଆରମ୍ଭ କରି ରାଣିପେଣ୍ଠ ଛକ ପର୍ଯ୍ୟନ୍ତ ଜୋରଜବରଦସ୍ତ ବନ୍ଦ କରିବା ଦ୍ୱାରା ସାଧାରଣରେ ଜନଅସନ୍ତୋଷ ବୃଦ୍ଧି ପାଇଛି । ହେଲେ ଜାନୁଆରୀ ୧୪ ତାରିଖରେ ତେଲୁଗୁ ଭାଷା ଭାଷୀ ଲୋକଙ୍କ ବଡ଼ ପର୍ବ ପାଣ୍ଡୁକୁ ଅରଫ ମକର ସଂକ୍ରାନ୍ତି ଦିନ ପରିବା ବହାର ବିକ୍ରି ଖୋଲା ବନ୍ଦ କରାଯାଇନଥିଲା ।

ଏହି ଅବସରରେ ପୂର୍ବରୁ ପ୍ରଶାସନିକ ଅବଗତ କରାଇଥିଲେ । ପରିବା ବ୍ୟବସାୟୀ ଏବଂ ବୁଦ୍ଧିଜୀବୀ, ସହରବାସିନ୍ଦାଙ୍କ ସହମତିରେ ମିମାଂସା କରିବାକୁ ପଡିବାବେଳ କାର୍ଯ୍ୟାନୁଷ୍ଠାନ ନ ଗ୍ରହଣ କରାଯିବ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ବିଭିନ୍ନ ସ୍ଥାନରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି ।

## ବରିଷ୍ଠ ନାଗରିକ ମଂଚ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ବରିଷ୍ଠ ନାଗରିକ ମଂଚର ବାର୍ଷିକ ଉତ୍ସବ ଆସନ୍ତା ୧୮ ତାରିଖରେ ରବୀନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି । ଏଥି ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସ୍ତାବ ମାନ ଆଗତ ହୋଇଥିଲା । ସଂପାଦକ ଦିଗମ୍ବର ନାୟକ ଉତ୍ସବ ସଂପର୍କରେ ସବିଶେଷ ରିପୋର୍ଟ ଉପସ୍ଥାପନ କରି ସମସ୍ତ ସଭ୍ୟସଭ୍ୟାଙ୍କ ସହଯୋଗ କାମନା କରିବା ସହିତ ଜିଲ୍ଲା / ରାଜ୍ୟ ସ୍ତରୀୟ ମଂଚ କର୍ମକର୍ତ୍ତାମାନେ ଯୋଗ ଦେବେ ବୋଲି ପ୍ରକାଶ କରିଥିଲେ । ମଂଚ ପକ୍ଷରୁ ବିଭିନ୍ନ ସମୟରେ ବୃକ୍ଷରୋପଣ, ରକ୍ତଦାନ ଶିବିର, ଜଳଛତ୍ର ଆଦି ଅନେକ ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ସୂଚନା ଦେଇ ସହ ସଂପାଦକ ଦୀନବନ୍ଧୁ ମୁଦୁଲି ବାର୍ଷିକ ଉତ୍ସବରେ ନିମାପଡ଼ାବାସୀଙ୍କ ସହଯୋଗ ଲୋଡ଼ିଥିଲେ । ଉପ-ସଭାପତି କୃଷ୍ଣମୋହନ ବେହେରା, ପ୍ରଶାନ୍ତ ସାହୁ, ଆଖଣ୍ଡଳମଣୀ ଦାସ, ବାବୁଲି ମହାପାତ୍ର, ଲକ୍ଷ୍ମୀଧର ପଣ୍ଡା, ନିରଞ୍ଜନ ସ୍ୱାଇଁ, ସୁଧୀର ନାୟକ, ଦେବେନ୍ଦ୍ର ମୁଦୁଲି ପ୍ରମୁଖ ଯୋଗ ଦେଇ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀବୃନ୍ଦ ଯୋଗ ଦେବେ ବୋଲି ସୂଚନା ଦିଆଯାଇଥିଲା ।

## ସାମାନ୍ୟ ବଚସାରୁ ଆକ୍ରମଣ: ୨ ଗିରଫ

ବେଲଗୁଣ୍ଠା,(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ସରନୁଆପଲ୍ଲୀ ଗ୍ରାମରେ ସାମାନ୍ୟ କଥା କଟାକଟିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୧୧ ରିଖରେ ସରନୁଆପଲ୍ଲୀ ଗ୍ରାମର ରାଜା ନାୟକଙ୍କ ସହ କୌଣସି ଏକ ସାମାନ୍ୟ ବିଷୟକୁ ନେଇ ସେହି ଗ୍ରାମର ଦୁଇ ଯୁବକଙ୍କ ଯୁକ୍ତିତର୍କ ହୋଇଥିଲା । ଏହି ବଚସା ଉଗ୍ର ରୂପ ନେଇଥିଲା ଏବଂ ଅଭିଯୁକ୍ତମାନେ ରାଜାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ।ରାଜା ନାୟକର ଲିଖିତ ଅଭିଯୋଗ ଅଭିଯୋଗ ପାଇବା ପରେ ବେଲଗୁଣ୍ଠା ପୋଲିସ କେସ୍ ନଂ- ୯୨/୨୬ ରୁଜୁ କରିଥିଲା । ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨), ୧୧୫(୨), ୧୦୯(୧), ୩୫୧(୨) ଏବଂ ୩(୫) ଅଧୀନରେ ମାମଲା ଦାୟର କରି ସରନୁଆପଲ୍ଲୀର ମାନସ ରଞ୍ଜନ ଗୌଡ଼ (୧୯),ଲିପୁ ଓରଫ ଦୀପକ ଗୌଡ଼କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି ।

## ଗୋରୁପଲଙ୍କ ଉତ୍ପାତ ଯୋଗୁଁ ଚାଷୀ ଚିନ୍ତିତ

### ମୁଗ, ବିରି ଫସଲ ନଷ୍ଟ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବାମନାଳ, ସଲଙ୍ଗ ଆଦି ଗ୍ରା.ପ.ର ବିଭିନ୍ନ ଗ୍ରାମରେ ବ୍ୟାପକ ବିରି, ମୁଗ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ସୂଚନା ଦେଇଥିଲେ ମଧ କୃଷି ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ପ୍ରତ୍ୟେହ ଅନେକ ବୁଲା ଗାଇଗୋରୁ, ଷଣ୍ଢ ଫସଲ ଖାଇ ନଷ୍ଟ କରୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ବ୍ଲକ୍ କୃଷି କାର୍ଯ୍ୟାଳୟରେ କୌଣସି ଅଭିଯୋଗ ମିଳି ନାହିଁ ବୋଲି ବ୍ଲକ୍ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି ଆମ ପ୍ରତିନିଧିଙ୍କୁ କହି ସୋମବାର ଦିନ କ୍ଷତିଗ୍ରସ୍ତ ଅଂଚଳକୁ ବିଭାଗୀୟ ଅଧିକାରୀଙ୍କୁ ପଠାଯିବ ବୋଲି ସୂଚନା ଦେଇଥିଲେ । ତିହୁଳା, ସଲଙ୍ଗ, ରାହାଙ୍ଗଗୋରଡ଼ା, ଛବାଟିଆ, ଆମରଙ୍ଗ ଆଦି ୧୫ଟି ଗ୍ରାମରେ ହୋଇଥିବା ମୁଗ, ବିରି ଫସଲ ଗତ ସପ୍ତାହ ହେଲା ନଷ୍ଟ ହୋଇଥିବା ଚାଷୀମାନେ ସୂଚନା ଦେଇଛନ୍ତି । ଗତ ୩ ମାସ ତଳେ ଏହିଭଳି ଗାଇଗୋରୁ ଏବଂ ବାଛୁରୀଙ୍କ ଉତ୍ପାତ ଯୋଗୁଁ ଧାନ ଫସଲ ଅନେକାଂଶରେ ନଷ୍ଟ ହୋଇଥିଲା । ବିଡ଼ିଓ ଅଂଚଳ ବୁଲି ଚଉଁରପଦା ଠାରେ ଏକ ଗୋଶାଳା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ତାହା କେବଳ ପ୍ରତିଶ୍ରୁତିରେ ରହିଯାଇଛି । ପାଖାପାଖି ୫୦ ଏକର ଜମିରେ ମୁଗ, ବିରି ଫସଲ ନଷ୍ଟ ହୋଇଥିବା ବେଳେ ଚାଷୀମାନଙ୍କ ମେରୁଦଣ୍ଡ ଦୋହଲି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଦିଗରେ ପୁରୀ ଜିଲ୍ଲା କୃଷି ଅଧିକାରୀ ଏକ ସ୍ୱତନ୍ତ୍ର ଟିମ୍ ପଠାଇ କ୍ଷୟକ୍ଷତି ସଂପର୍କରେ ଆକଳନ କରି ଆବଶ୍ୟକ କ୍ଷତିପୂରଣ ଦେବା ପାଇଁ ଚାଷୀ ମହଲ ପକ୍ଷରୁ ଦାବି କରାଯାଇଛି ।

## ଆସିକା : ୧୬୦ ଅଭିଯୋଗକୁ ଗ୍ରହଣ

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆସିକା ବ୍ଲକ ଅଧିନ ୨୭ଟି ପଚାଂୟତରୁ ଆସିଥିବା ପ୍ରାୟ ୧୬୦ଟି ଅଭିଯୋଗକୁ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି.କିର୍ତି ଭାସନ, ଏସ.ପି ଶୁଭେନ୍ଦୁ କୁମାର ପାତ୍ର, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ଭାରପ୍ରାପ୍ତ ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ସାଙ୍ଗକୁ ଜାତୀୟ ରାଜପଥ ଅଧିକାରୀ, ଆର.ଡ.ବ୍ଲୁ.ଏସ.ଏସ , ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ବିଦ୍ୟୁତ ବିଭାଗୀୟ ଅଧିକାରୀ, ଜଳସେଚନ, କ୍ଷୁଦ୍ର ଜଳସେଚନ, ସ୍ୱାସ୍ଥ୍ୟ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣିରେ ୧୬୦ ଟି ଅଭିଯୋଗ ମଧ୍ୟରୁ ୨୧ଟି ସମସ୍ୟାର ସ୍ଥାୟୀ ସମାଧାନ କରାଯାଇଥିଲା । ୧୧ ଜଣ ଭିନ୍ନକ୍ଷମଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା । ଏହା ସହିତ ବହୁ ହିତାଧିକାରୀଙ୍କୁ ରାସନ କାର୍ଡ ଯୋଗାଇ ଦିଆଯାଇଥିଲା । ବିଭିନ୍ନ ଅସହାୟଙ୍କୁ ୬୦ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ଗ୍ରୀଷ୍ମ ଋତୁର ଆଗମନକୁ ନେଇ ପାନୀୟ ଜଳର ସମସ୍ୟାକୁ ମୁକାବିଲା କରିବା ପାଇଁ ଅଗ୍ରାଧିକାରୀ ଭିତିରେ ନଳକୂପ ଖନନ ସାଙ୍ଗକୁ ମରାମତି ଓ ଆବଶ୍ୟକ ସ୍ଥଳରେ ଟ୍ୟାଙ୍କର ଜରିଆରେ





ପାଣି ଯୋଗାଇବା ପାଇଁ ବନ୍ଦୋବସ୍ତ କରାଯାଇଥିବା ନେଇ ଘୋଷଣା କରିଥିଲେ । ଅନ୍ୟପଟରେ ଜିଲ୍ଲାରେ ସରକାରଙ୍କ ତରଫରୁ ଜନଶୁଣାଣି ପୋର୍ଟାଲ ସୁବିଧା ଜିଲ୍ଲାପାଳ ଘୋଷଣା କରିଥିଲେ । ଏହି ପୋର୍ଟାଲ ମାଧ୍ୟମରେ ହିତାଧିକାରୀଙ୍କ ବିଭିନ୍ନ ଅଭିଯୋଗ ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ବିଭାଗୀୟ ସ୍କିମ ଗୁଡ଼ିକୁ ଏହି ପୋର୍ଟାଲ ଜରିଆରେ ହିତାଧିକାରୀ ସୂଚନା ଜାଣିପାରିବେ । ବିଶେଷକରି ଆସିକା ଏନଏସିରେ ଦ୍ୱାରା ଟାଉନ ହଲ ନିକଟରେ ଦୁଇ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମିତ ପାର୍କ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା, ପ୍ରତ୍ୟେକ ୱାର୍ଡରେ ଟ୍ରାଫିକ ସମସ୍ୟା, ଜବର ଦଖଲ ସାଙ୍ଗକୁ ଅନେକ ଉନ୍ନୟନ କାର୍ଯ୍ୟ ନିମ୍ନ ମାନର ହୋଇଥିବା, ଅନେକ ହିତାଧିକାରୀ ଠିକ ସମୟରେ ସୁବିଧା ପାଉନଥିବା ନେଇ ଅଭିଯୋଗ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପ୍ରଦାନ କରାଯାଇଥିଲା ।

## ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ପରୀକ୍ଷା

ରମ୍ଭା,(ନିପ୍ର): ଭାରତ ସରକାରଙ୍କ ପ୍ରଣୀତ ଜନ ଶିକ୍ଷା ଅଭିଯାନ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ(ଉଲ୍ଲାସ)ର ମୁଖ୍ୟ ଲକ୍ଷ୍ୟ ଆଭିମୁଖ୍ୟ ନେଇ ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀଙ୍କ ସୁପରିଚାଳନା ସଂଯୋଜନା କ୍ରମେ କ୍ଲଷ୍ଟର ତଥା ବିଦ୍ୟାଳୟ ସ୍ତରୀୟ ଦ୍ୱିତୀୟ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ପରୀକ୍ଷା ଆୟୋଜିତ ହୋଇଯାଇଛି । ୧୫ ବର୍ଷ ବା ତାହାଠାରୁ ଅଧିକ ସମସ୍ତ ନିରକ୍ଷର ବ୍ୟକ୍ତିଙ୍କୁ ଅକ୍ଷର ଶିକ୍ଷା, ସଂଖ୍ୟା ଜ୍ଞାନ, ସାମାଜିକ ଚଳଣି ସକାଶେ ଦକ୍ଷତା ବୃଦ୍ଧି, ମୌଳିକ ଶିକ୍ଷା, ନିରନ୍ତର ଶିକ୍ଷା, ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ସାମାଜିକ ଅଂଶ ଗ୍ରହଣ ଆଦି ଶିକ୍ଷା ପ୍ରଦାନ ଉପରେ ଆଧାରିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକର ଷୋହଳ ଗୋଟି କ୍ଲଷ୍ଟରର ପରୀକ୍ଷାର୍ଥୀ ଆୟୋଜିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି । ଲଙ୍ଗଳେଶ୍ୱର, କେଶପୁର, ଦାନପୁର, ଚିକିଲି, ପଥରା, କହ୍ନେଇପୁର, ଆଭାସ, ବଧିନୂଆପଲ୍ଲୀ, ସାବୁଳିଆ, କଞ୍ଚଣା, ମଥୁରା, କନକା କ୍ଲଷ୍ଟର ଅଧୀନସ୍ଥ ୧୫୭ ଟି ପରୀକ୍ଷା କେନ୍ଦ୍ରରେ ୫୪୫ ଜଣ ପୁରୁଷ ୯୬୫ ଜଣ ମହିଳା ସର୍ବମୋଟ ୧୫୧୦ ଜଣ ପରୀକ୍ଷା ଦେଇଛନ୍ତି ।

## ଗୁଡାରି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରାୟଗଡା,(ନିପ୍ର): ଗୁଡାରି ବ୍ଲକ ସଭାଗୃହରେ ଜିଲ୍ଲାପାଳ, ରାୟଗଡଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋଷ୍ଟନର ବାର୍ଲା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରଜୋନୀ ଦେବୀ, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୬୩ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୫୭ ବ୍ୟକ୍ତିଗତ, ୬ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଜିଲ୍ଲାପାଳ ତିନି ଜଣଙ୍କୁ ୫୦ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ



ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅଭିଯୋଗ ଶିବିରରେ ଅବକାରୀ ନିରିକ୍ଷକ ସନ୍ତୋଶ କୁମାର ଧଳ ସାମନ୍ତ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଗୁଡରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠୀତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତହସିଲଦାର ଆଡାଲା ସ୍ନେହଲତା ଗୁଡରି ଥାନା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଚକ ଫାଟି ୧୨ ଚକିଆ କାଠ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

ମୟୂରଭଞ୍ଜ,(ନିପ୍ର): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ଏକ କାଠ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ସୂଚନା ଅନୁଯାୟୀ, ରାଇରଙ୍ଗପୁର ବନାଞ୍ଚଳ ଅଞ୍ଚଳରୁ ଏକ ୧୨ ଚକିଆ ଟ୍ରକ ଯୋଗେ ଆକାଶିଆ ଏବଂ ମୂଲ୍ୟବାନ ଶାଳଗଣ୍ଡି ବେଆଇନ ଭାବେ ରାସଗୋବିନ୍ଦପୁର ରେଞ୍ଜ ଆଡକୁ ଯାଉଥିବା ବେଳେ ଉକ୍ତ ରେଞ୍ଜ ଅଧୀନ ବାରିପଦା-ଚିତ୍ରଡା-ଅମର୍ଦ୍ଦା ୬୧ ନମ୍ବର ରାଜ୍ୟ ରାଜପଥର ବାଘୁଆଶୋଳ ନିକଟରେ ଉକ୍ତ ଟ୍ରକ୍‌ର ଚକା ଫାଟି ଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପରେ ଉକ୍ତ ଟ୍ରକ୍‌ରେ କାଠଗଣ୍ଡି ଥିବାର ସୂଚନା ପାଇ ଘଟଣାସ୍ଥଳରେ ଏସ୍‌ସିଏଫ ମେହେରବାନ ଅଲ୍ଲୀ, ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର, ଫରେଷ୍ଟ ଗାର୍ଡ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଡ୍ରାଇଭର ଏବଂ ହେଲପରଙ୍କୁ ଅଟକ ରଖିବା ସହିତ କାଠ ବୋଝେଇ ଟ୍ରକକୁ ଜବତ କରିଛନ୍ତି । ତେବେ ଆକାଶିଆ କାଠର ଅନୁମତି ଥିବା ବେଳେ ଟ୍ରକ୍‌ରେ ଶାଳଗଣ୍ଡି ମଧ ଅଛି । ଏସବୁର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି ।

## ସାମାଜିକ ସେବା ପାଇଁ ପ୍ରାନ୍ତୀୟ ଅଧିବେଶନ -ଶିଖର- ୨୦୨୬ରେ ସହଯୋଗ ଫାଉଣ୍ଡେସନ ସମ୍ମାନିତ

ବଲାଙ୍ଗିର, (ହି.ସ.): ବଲାଙ୍ଗିର ଜିଲ୍ଲା ପାଇଁ ଏକ ଗୌରବମୟ ମୁହୂର୍ତ୍ତ ସୃଷ୍ଟି ହୋଇଥିଲା, ଯେତେବେଳେ ପ୍ରସିଦ୍ଧ ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ୍‌କୁ ସମ୍ବଲପୁରରେ ଆୟୋଜିତ ପ୍ରାନ୍ତୀୟ ଅଧିବେଶନ ଶିଖର ୨୦୨୬ ରେ ଗତକାଲି ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଓଡିଶା ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ହୋଇଥିଲା । ଗତ ଛଅ ବର୍ଷ ଧରି ସମାଜ କଲ୍ୟାଣ ଓ ମାନବ ସେବା କ୍ଷେତ୍ରରେ ନିରନ୍ତର ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସହଯୋଗ ଫାଉଣ୍ଡେସନକୁ ଏହି ସମ୍ମାନ ପ୍ରଦାନ କରାଯାଇ ଆସୁଅଛି । ଏହି ଭବ୍ୟ ସଭାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ପ୍ରମୁଖ ଅତିଥି ଓ ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ । ଭାରତ ସରକାରଙ୍କ କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ ଏବଂ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସେମାନେ ତାଙ୍କ ଉଦବୋଧନରେ ସମାଜର କଲ୍ୟାଣ ପାଇଁ ନିରନ୍ତର କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ସମାଜରେ ସେବା, ସହଯୋଗ ଓ ମାନବତାର ମୂଲ୍ୟବୋଧକୁ ମଜବୁତ କରିବାରେ ଏହିପରି ସଂଗଠନମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ ।ଏହି ଅବସରରେ ସମ୍ମେଳନର ନେତୃତ୍ୱରେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଥିଲା । ପୂର୍ବତନ ସଭାପତି ଦିନେଶ ଅଗ୍ରୱାଲ ଔପଚାରିକ ଭାବେ ନୂତନ ନିର୍ବାଚିତ ସଭାପତି ସୁଭାଷ ଅଗ୍ରୱାଲଙ୍କୁ ସଭାପତି ପଦର ଦାୟିତ୍ୱ ହସ୍ତାନ୍ତର କରିଥିଲେ, ଯାହା ସଂଗଠନର ନେତୃତ୍ୱରେ ଏକ ନୂତନ ଅଧ୍ୟାୟର ଆରମ୍ଭ ସୂଚିତ କରିଥିଲା । ଏହି ଧାରାବାହିକ ସେବା କାର୍ଯ୍ୟକଳାପ ମାଧ୍ୟମରେ ସହଯୋଗ ଫାଉଣ୍ଡେସନ୍ ବଲାଙ୍ଗିର ଓ ପାର୍ଶ୍ୱବର୍ତୀ ଅଞ୍ଚଳର ହଜାର ହଜାର ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି । ସଂଗଠନର ସଦସ୍ୟ ଓ ସ୍ୱେଚ୍ଛାସେବକମାନେ ସଦା ସମର୍ପଣ, କରୁଣା ଓ ସେବାଭାବନା ସହିତ ସମାଜର ମଙ୍ଗଳ ପାଇଁ କାମ କରୁଛନ୍ତି ।ପ୍ରାନ୍ତୀୟ ଅଧିବେଶନ ଶିଖର ୨୦୨୬ ରେ ମିଳିଥିବା ଏହି ସମ୍ମାନ ସହଯୋଗ ଫାଉଣ୍ଡେସନ୍‌ର ମାନବ ସେବା ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରତୀକ ।

ତିଥି : (ତ୍ରୟୋଦଶୀ) : (ଧନିଷ୍ଠା କୁମ୍ଭ)
ଅମୃତବେଳା: ଦିବା ଘ.୮।୨୧ ଗତେ ଘ୧୦।୪୫ ମଧ୍ୟେ

## ଆଜିର ଅନୁଚିନ୍ତନ

ଏହି ଶରୀରକୁ ଛେଦନ କରାଯାଇପାରେ ନାହିଁ, ଜଳାଯାଇ ପାରେନାହିଁ, ଆର୍ଦ୍ର କରାଯାଇ ପାରେନାହିଁ ଓ ଶୁଷ୍କ କରାଯାଇପାରେ ନାହିଁ। କାରଣ ଏହା ନିତ୍ୟ, ସର୍ବବ୍ୟାପୀ ଅଚଳ ଓ ସ୍ଥାଣୁ ଓ ଅନାଦି।।

- ଶ୍ରୀମଦ୍ ଭଗବଦ୍ ଗୀତା

# ସବୁଜ ବନାନୀ ହେଉ ଲକ୍ଷ୍ୟ

ରାଜ୍ୟରେ ମାର୍ଚ୍ଚ ପ୍ରଥମ ଭାଗରୁ ଗ୍ରୀଷ୍ମତାପ ଲହରୀ ଯେଭଳି ଅନୁଭୂତ ହେଲାଣି ତାହା ଆଗକୁ ବଢ଼ିବ ସିନା କମିବା ସମ୍ଭାବନା ନାହିଁ। ତାପଲହରୀ ବିଭିନ୍ନ ତତ୍ତ୍ୱ ଦ୍ୱାରା ପ୍ରଭାବିତ। ଯେପରିକି ଆବଶ୍ୟକ ସବୁଜିମା, ଭୂତଳ ଜଳସ୍ତର ଅଭାବ, ପରିବେଶ ପ୍ରଦୂଷଣ, କଳକାରଖାନାର ବର୍ଜ୍ୟଜଳ ଓ ବାଷ୍ପ ବହୁ ସମୟରେ ଅନିୟନ୍ତ୍ରିତ ହେବା, ବନାଗ୍ନି ସମସ୍ୟା ବଢ଼ିବା ପ୍ରଭୃତି ନିରନ୍ତର ପରିବେଶକୁ ନଷ୍ଟଭ୍ରଷ୍ଟ କରିଚାଲିଛି। ଅର୍ଥାତ୍, ପ୍ରତିକୂଳ ପାଣିପାଗ ବେଳକୁ ବେଳ ଦାଉ ସାଧିବାରେ ଲାଗିଛି।

ଉଲ୍ଲେଖ କରାଯାଇପାରେ ଯେ ଏସବୁ ଆଲୋଚ୍ୟ ତତ୍ତ୍ୱ ମଣିଷକୃତ। ଯଦି ରାଜଧାନୀ ଭୁବନେଶ୍ୱର କଥା ଦେଖାଯିବ ତେବେ ଜଣାପଡ଼େ ଯେ ପ୍ରାୟତଃ ୨୦୧୬ ପରଠାରୁ କଂକ୍ରିଟ ଜଙ୍ଗଲ ବହୁ ମାତ୍ରାରେ ବଢ଼ିଯାଇଛି ସେହି ଅନୁପାତରେ ସବୁଜିମା ପରିବେଶ ପ୍ରତି ଧ୍ୟାନ ଦିଆଯାଉ ନାହିଁ। ପରିଣତିରେ ଖରା ବିକିରଣ ଜନିତ ଉତ୍ତାପ ବଢ଼ିବା ଅବଧାରିତ। ତଥାକଥିତ ବିକାଶରେ ସବୁଜିମା ହେଉଛି ମୁଖ୍ୟ ଦିଗ,ମାତ୍ର ସରକାରୀ କଳ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବା ଓ ତାହା ପର ତଦାରଖ ଓ ରକ୍ଷଣାବେକ୍ଷଣ ନିୟମିତ କରାଯାଉଥିବା ଦାବି କରାଯାଇପାରିବ ନାହିଁ।

ସହଜେ ସର୍ବତ୍ର ଋତୁଚକ୍ର ବିଗିଡ଼ି ଚାଲିଛି। ପରିଣତିରେ ପାରିବେଶିକ ସନ୍ତୁଳନ ବହୁ ମାତ୍ରାରେ ଅନିଶ୍ଚିତ ହୋଇଛି। । ଏକ ରିପୋର୍ଟ ମୁତାବକ ଆମ ଦେଶରେ ବାର୍ଷିକ ହାରାହାରି ତାପମାତ୍ରା ୨୦୦୧ରୁ ୨୦୧୦ ମ ଧ୍ୟରେ ସ୍ୱାଭାବିକତାଠାରୁ ଥିଲା ୦.୨୩ ଡିଗ୍ରୀ ଅଧିକ। ୨୦୧୦ରୁ ୨୦୦୦ ମଧ୍ୟରେ ତାହା ୦.୩୪ ଡିଗ୍ରୀକୁ ବୃଦ୍ଧି ପାଇଥିଲା। ଆଜିକାଲି ପାଣିପାଗ କହିଲେ ଦୁଇଟି କଥା ବୁଝାଯାଉଛି,ଗୋଟିଏ ଅତ୍ୟଧିକ ଗରମ ଅନ୍ୟଟି ଅତ୍ୟଧିକ ଥଣ୍ଡା। ଅର୍ଥାତ୍ , ଉପଯୁକ୍ତ ସନ୍ତୁଳନ ରକ୍ଷା କରାଯାଇପାରୁନାହିଁ। ପାଣିପାଗ ବିଶେଷଜ୍ଞଙ୍କ କହିବା କଥା , ଗତ ପ୍ରାୟ ୨ ଦଶନ୍ଧି ହେବ ଏପରି ସମସ୍ୟା ଅଧିକ ଅନୁଭୂତ ହେଉଛି। ଅସ୍ୱାଭାବିକ ଭାବରେ ତାପମାତ୍ରା ବଢୁଥିବା ସହର ଗୁଡ଼ିକର ମଧ୍ୟରେ ରହିଛି ଆମ ରାଜ୍ୟର ଅନୁଗୁଳ, ତାଳଚେର, ଭୁବନେଶ୍ୱର, ଝାରସୁଗୁଡ଼ା , ପାରାଦୀପ ପ୍ରଭୃତି।ବୈଜ୍ଞାନିକ ମାନଙ୍କ କହିବା କଥା ତାପ ଓ ଶୀତଳନା ମଧ୍ୟରେ ଭାରସାମ୍ୟ ରକ୍ଷା ପାଇଁ ଏକମାତ୍ର ବାଟ ସବୁଜ ବନାନୀ ସୃଷ୍ଟି। ୨୦୫୦ ମସିହା ବେଳକୁ ପୃଥିବୀର ତାପମାତ୍ରା ପ୍ରାୟ ୫ ଡିଗ୍ରୀ ସେଲସିୟସକୁ ବଢ଼ିପାରେ। ତାହା ଦ୍ୱାରା ଜନସଂଖ୍ୟାର ଏକ ବଡ଼ଭାଗ କୁପ୍ରଭାବିତ ହେବା ଆଶଙ୍କା ଉପେକ୍ଷା କରିହେବ ନାହିଁ। ତେଣୁ ସବୁଜବନାନୀ ସୃଷ୍ଟି ପ୍ରତି ବେଳହୁଁ ସତର୍କ ତଥା ସଜାଗ ସାଙ୍ଗକୁ ସ୍ୱତନ୍ତ୍ର ରଣନୀତି କାର୍ଯ୍ୟକାରୀ ବିନା ଅନ୍ୟ ପନ୍ଥା ନାହିଁ।

# ଆପ୍ ସାଂସଦ ରାଘବ ଚଢା ଓ ସଂସଦରେ ସାର୍ବଜନୀନ ପ୍ରସଙ୍ଗ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ରାଘବ ଚଢା ଭାରତରେ ଜଣେ ଯୁବ ଏବଂ ଲୋକପ୍ରିୟ ରାଜନେତା ଭାବରେ ଜଣାଶୁଣା। ଜଣେ ଗୁରୁତ୍ୱପୂର୍ଣ୍ଣ ନେତା ଏବଂ ସଂସଦ ସଦସ୍ୟ ଭାବରେ, ସେ ସଂସଦରେ ବିଭିନ୍ନ ସାର୍ବଜନୀନ ପ୍ରସଙ୍ଗ ଉଠାଇଥାନ୍ତି। ସଂସଦରେ ତାଙ୍କର ଭାଷଣ ସାଧାରଣତଃ ଯୁବପିଢ଼ି, ଆର୍ଥିକ ପରିସ୍ଥିତି, ଶିକ୍ଷା, ଦୁର୍ନୀତି ଏବଂ ଶାସନ ଉପରେ କେନ୍ଦ୍ରିତ ହୋଇଥାଏ। ତାଙ୍କର ଭାଷଣ ସଂକ୍ଷିପ୍ତ, ଯୁକ୍ତିଯୁକ୍ତ ଏବଂ ଜନହିତକର ଦୃଷ୍ଟିକୋଣରେ ପରିପୂର୍ଣ୍ଣ। ସଂସଦ ହେଉଛି ଭାରତୀୟ ଗଣତନ୍ତ୍ରର ମୂଳ ଶକ୍ତି। ଦେଶର ସମସ୍ତ ରାଜ୍ୟର ପ୍ରତିନିଧିମାନେ ଲୋକଙ୍କ ସମସ୍ୟା ଉଠାଇବା ଏବଂ ତାହାର ସମାଧାନ ବିଷୟରେ ଆଲୋଚନା କରିବା ପାଇଁ ସଂସଦକୁ ଆସନ୍ତି। ଏହି ପରିପ୍ରେକ୍ଷୀରେ, ରାଘବ ଚଢାଙ୍କ ଭାଷଣର ବିଶେଷ ଗୁରୁତ୍ୱ ରହିଛି। ତାଙ୍କର ଯୁବ ଦୃଷ୍ଟିକୋଣ ଏବଂ ଦୃଢ଼ ଯୁକ୍ତି ସହିତ, ସେ ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥାନ୍ତି। ରାଘବ ଚଢା ଭାରତୀୟ ଗଣତନ୍ତ୍ରର ମୂଲ୍ୟବୋଧକୁ ଆଲୋକପାତ କରି ତାଙ୍କ ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ ଯେ ସଂସଦ ହେଉଛି ଦେଶର ଆଲୋଚନା ପାଇଁ ସର୍ବୋଚ୍ଚ ମଞ୍ଚ, ଯେଉଁଠାରେ ଦେଶର ସମସ୍ତ ଲୋକଙ୍କ ଆଶା ଏବଂ ଆକାଂକ୍ଷା ପ୍ରତିଫଳିତ ହୁଏ। ସେ କହିଥିଲେ ଯେ ଯଦି ସଂସଦ ସଠିକ୍ ଭାବରେ କାର୍ଯ୍ୟ କରେ, ତେବେ ଦେଶର ଗଣତନ୍ତ୍ର ସୁଦୃଢ଼ ହୁଏ। ରାଘବ ଚଢାଙ୍କ ଭାଷଣରେ, ସେ ଦେଶର ଆର୍ଥିକ ସମସ୍ୟା ଏବଂ ବେକାରୀ ପ୍ରସଙ୍ଗ ମଧ ଉଠାଇଥିଲେ। ସେ କହିଥିଲେ ଯେ ଆଜି ଭାରତର ଯୁବପିଢ଼ି ବେକାରୀ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଦେଶର ଲକ୍ଷ ଲକ୍ଷ ଶିକ୍ଷିତ



ଯୁବକଯୁବତୀ ଉପଯୁକ୍ତ ଚାକିରି ପାଇପାରୁ ନାହାଁନ୍ତି। ଏହାର ସମାଧାନ ପାଇଁ ସେ ସରକାରଙ୍କୁ ନୂତନ ନୀତି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେ ଦୁର୍ନୀତି ବିଷୟରେ ମଧ ଖୋଲାଖୋଲି କହିଥିଲେ। ସେ କହିଥିଲେ ଯେ ଦୁର୍ନୀତି ଦେଶର ବିକାଶରେ ସବୁଠାରୁ ବଡ଼ ପ୍ରତିବନ୍ଧକ। ଯଦି ଦୁର୍ନୀତିକୁ ନିୟନ୍ତ୍ରଣ କରାଯାଇପାରିବ, ତେବେ ଦେଶର ଆର୍ଥିକ ଏବଂ ସାମାଜିକ ବିକାଶ ତ୍ୱରାନ୍ୱିତ ହେବ। ସେ କହିଥିଲେ ଯେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି କରାଯିବା ଉଚିତ। ରାଘବ ଚଢା ମଧ ଶିକ୍ଷା ବ୍ୟବସ୍ଥା ଉପରେ ନିଜର ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଶିକ୍ଷା ହେଉଛି ଭାରତର ବିକାଶର ମୌଳିକ ମୂଳଦୁଆ। ଯଦି ସମସ୍ତ ପିଲା ଭଲ ଶିକ୍ଷା ପାଇପାରିବେ, ତେବେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ। ସେ ସରକାରଙ୍କୁ ଶିକ୍ଷାରେ ଅଧିକ ବିନିଯୋଗ ଏବଂ ସରକାରୀ ସ୍କୁଲଗୁଡ଼ିକୁ ଉନ୍ନତ କରିବାକୁ ନିବେଦନ କରିଥିଲେ।

ତାଙ୍କ ଭାଷଣର ଆଉ ଏକ ପ୍ରମୁଖ ଦିଗ ଥିଲା ସଂଘୀୟ ବ୍ୟବସ୍ଥା। ଭାରତ ଅନେକ ରାଜ୍ୟ ବିଶିଷ୍ଟ ଏକ ବିଶାଳ ଦେଶ। ସେହିପରି, ସମସ୍ତ ରାଜ୍ୟକୁ ସମାନ ଗୁରୁତ୍ୱ ଦିଆଯିବା ଉଚିତ। ଯଦି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହିତ ସହଯୋଗରେ କାମ କରେ, ତେବେ ଦେଶର ବିକାଶ ତ୍ୱରାନ୍ୱିତ ହେବ। ସେ ତାଙ୍କ ଭାଷଣରେ ଯୁବପିଢ଼ିଙ୍କ ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଭାରତର ଜନସଂଖ୍ୟାର ଅଧିକାଂଶ ଯୁବକ, ଏବଂ ଏହି ଯୁବଶକ୍ତି ଦେଶର ସର୍ବଶ୍ରେଷ୍ଠ ସମ୍ପତ୍ତି। ଯଦି ଯୁବପିଢ଼ିଙ୍କୁ ସଠିକ୍ ଦିଗଦର୍ଶନ ଏବଂ ସୁଯୋଗ ଦିଆଯାଏ, ତେବେ ଭବିଷ୍ୟତରେ ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଗଣାଯିବ। ତାଙ୍କ ଭାଷଣରେ, ସେ ସମାଜର ଦୁର୍ବଳ ବର୍ଗଙ୍କ ପାଇଁ ମଧ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ହେଉଛି ଗରିବ, ଚାଷୀ ଏବଂ ଶ୍ରମିକଙ୍କ ସମସ୍ୟାର ସମାଧାନ କରିବା। କୃଷିର ବିକାଶ ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ନୂତନ ଯୋଜନା ଗ୍ରହଣ କରିବା ପାଇଁ ସେ ଆହ୍ୱାନ କରିଥିଲେ। ରାଘବ ଚଢାଙ୍କ କଥାବାର୍ତ୍ତା ଶୈଳୀ ସରଳ ଏବଂ ସ୍ପଷ୍ଟ। ସେ ସାଧାରଣ ଲୋକଙ୍କ ଭାଷାରେ କଥା ହୁଅନ୍ତି ଯାହା ଦ୍ୱାରା ସମସ୍ତେ ସହଜରେ ବୁଝିପାରିବେ। ତାଙ୍କ ଭାଷଣରେ ତଥ୍ୟ ଏବଂ ଯୁକ୍ତି ଉଭୟ ଥାଏ, ଯାହା ସଂସଦୀୟ ବିତର୍କକୁ ଅଧିକ ଅର୍ଥପୂର୍ଣ୍ଣ କରିଥାଏ। ତାଙ୍କର ସଂସଦୀୟ ଭାଷଣକୁ ଭାରତୀୟ ଗଣତନ୍ତ୍ରର ଏକ ଉଦାହରଣ ଭାବରେ ଦେଖାଯାଏ। ସେ ଯୁବପିଢ଼ିଙ୍କ ସ୍ୱରକୁ ସଂସଦକୁ ଆଣନ୍ତି ଏବଂ ଦେଶର ଉନ୍ନତି ପାଇଁ ଚିନ୍ତିତ ଆଲୋଚନାରେ ସାମିଲ ହୁଅନ୍ତି। ତାଙ୍କ ଭାଷଣର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଦେଶର ସମସ୍ୟାଗୁଡ଼ିକୁ ଉଜାଗର କରିବା ଏବଂ ସେଗୁଡ଼ିକର ସମାଧାନ ଖୋଜିବା। ଏପରି ଭାଷଣ ସଂସଦର ମର୍ଯ୍ୟାଦା ବୃଦ୍ଧି କରେ ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ। ତେଣୁ, ରାଘବ ଚଢାଙ୍କ ଭାଷଣକୁ ଆଜିର ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବରେ ବିବେଚନା କରାଯାଏ।

ଅରଙ୍ଗାବାଦ ବରୀ ଯାଜପୁର
ମୋ - ୮୨୪୯୫୦୨୭୭୬

# ଆଇଟି କର୍ମଚାରୀଙ୍କ ପାଇଁ ଅବସାଦ ଆଣୁଛି ଏଆଇ

## ଡାକ୍ତର ସମ୍ରାଟ କର

> ମନୁଷ୍ୟପରି ଏଆଇକୁ ବିଶ୍ରାମର ଆବଶ୍ୟକତା ନାହିଁ କିମ୍ୱା ମଜୁରୀ ବୃଦ୍ଧି ପାଇଁ ଶ୍ରମିକ ମାନଙ୍କର ଧର୍ମଘଟ ବା ଆନ୍ଦୋଳନର ଭୟ ନାହିଁ। ତେଣୁ ଏ କ୍ଷେତ୍ରରେ ଏଆଇ ଅନେକଙ୍କ ପାଇଁ ମାନସିକ ଦୁଃଚିନ୍ତାର ବଡ଼ କାରଣ ପାଲଟୁଛି। କୃତ୍ରିମ ବୁଦ୍ଧିମତ୍ତା ଯେଉଁଠାରେ ଅର୍ଥନୈତିକ କାର୍ଯ୍ୟକ୍ଷମତା ବଢ଼ାଇ ପାରୁଛି ସେଠାରେ ନିଯୁକ୍ତି ଓ ଆର୍ଥିକ ବୈଷମ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏହା ସ୍ୱାଭାବିକ କଥା ଏଆଇର ପ୍ରୟୋଗ ବଢ଼ିବା ଦ୍ୱାରା ମଣିଷର ଉପଯୋଗ, ବ୍ୟବହାର ଓ ସାମର୍ଥ୍ୟର କ୍ଷମତା ସବୁକିଛି କମିବାରେ ଲାଗିଛି। ଯାହାଦ୍ୱାରା କର୍ମସଂସ୍ଥାନ ହରାଉଥିବା ବା ନୂଆ ଆହ୍ୱାନପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା ଉନ୍ନତ ଜ୍ଞାନସମ୍ପନ୍ନ ଟେକ୍ନୋଲୋଜି ଧାରାରେ ନିଜକୁ ସାମିଲ କରିବା ମଧ କେତେକଙ୍କ କ୍ଷେତ୍ରରେ କଷ୍ଟକର ହୋଇଯାଉଥିବାରୁ ଅନେକ ଏହି କ୍ଷେତ୍ରରେ ମାନସିକ ଭାବେ ଆଘାତ ପାଇଥାନ୍ତି।

୨୦୧୭-୨୦୨୫ ମଧ୍ୟରେ ଦେଶରେ ୨୨୭ ଜଣ ଆଇଟି କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ ଚେନ୍ନାଇର ଏକ ସଫ୍ଟୱେୟାର କମ୍ପାନୀର ମ୍ୟାନେଜର ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଅତ୍ୟଧିକ କାର୍ଯ୍ୟ ଚାପ ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ ବୋଲି ପୋଲିସ କହିଥିଲା। ସେହିଭଳି ପୁଣେରେ ଜଣେ ୩୬ ବର୍ଷୀୟ ଆଇଟି କର୍ମଚାରୀ ନଦୀକୁ ଡେଇଁ ଜୀବନ ହାରିଥିଲେ। ଆଉ ଜଣେ ୩୮ ବର୍ଷୀୟ ସଫ୍ଟୱେବେର ଇଞ୍ଜିନିୟର ନିଜକୁ କରେଣ୍ଟ ଦେଇ ଆତ୍ମହତ୍ୟା କରିଥିଲେ। ସେ ମଧ କାର୍ଯ୍ୟରେ ଅଧିକ ଚାପ ଯୋଗୁଁ ଜୀବନ ହାରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ଭାରତୀୟ ଆଇଟି କର୍ମଚାରୀଙ୍କ ଜୀବନରେ ଅତ୍ୟଧିକ ଅବସାଦ ଆଣୁଛି। ଏହି ଚିନ୍ତାରେ ଆଇଟି କର୍ମଚାରୀମାନେ ଆତ୍ମହତ୍ୟା କରୁଛନ୍ତି। ଏସବୁ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ରେଷ୍ଟ ଅପ୍ ଓବାର୍ଲ୍ଡ ରିପୋର୍ଟରୁ ଜଣାପଡ଼ିଛି। ଏଭଳି ଚିନ୍ତା କର୍ମଚାରୀଙ୍କ ମଧ୍ୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରୁଛି।

କୃତ୍ରିମ ବୁଦ୍ଧିମତ୍ତା ବିଶ୍ୱକୁ ଦ୍ରୁତ ଗତିରେ କବଳିତ କରିବାରେ ଲାଗିଛି। କୃତ୍ରିମ ବୁଦ୍ଧିମତ୍ତାର ମଧ ପ୍ରକାର ଭେଦ ରହିଛି। ପ୍ରଥମଟି ହେଉଛି ସୀମିତ କୃତ୍ରିମ ବୁଦ୍ଧିମତ୍ତା ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାର



କ୍ଷମତା ରଖିଥାଏ। ଆଉ ଗୋଟିଏ ହେଉଛି ଅତି କୃତ୍ରିମ ବୁଦ୍ଧିମତ୍ତା ଏହା ଏକ ପ୍ରକାର ଏଆଇ ଯାହା ମାନବୀୟ ବୁଦ୍ଧି, ବିଚାରଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାକୁ ଅତିକ୍ରମ କରି ଅଧିକ କୁଶଳ ଓ ସଚେତନ କରିପାରେ। ତେବେ ସୃଜନଶୀଳ କୃତ୍ରିମ ବୁଦ୍ଧିମତ୍ତାଟି ହେଉଛି ଅନ୍ୟତମ। ଯାହା ଅଗ୍ରୀମ ତଥ୍ୟ ଓ ପ୍ରଣାଳୀ ଉପରେ ଆଧାର କରି ନୂତନ ବିଷୟ ସୃଷ୍ଟି ବା ସୃଜନ କରିପାରେ। ଏଆଇ ପ୍ରଭାବରେ ଚଳିତ ବର୍ଷରୁ ବିଶ୍ୱର ୧ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ସେମାନଙ୍କ ଚାକିରୀ ହରାଇ ବେକାର ହୋଇସାରିଛନ୍ତି। ଅଧିକାଂଶ କମ୍ପାନୀର ବ୍ୟବସାୟ, ପରିବେଶରେ ପରିବର୍ତ୍ତନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଛି। ଉଦାହରଣ ବଶତଃ ଆମାଜନ ୧୪ ହଜାର କର୍ପୋରେଟ କର୍ମଚାରୀଙ୍କୁ ଛଟେଇ କରିଥିବାବେଳେ ଚିପ୍ ନିର୍ମାତା ଇଣ୍ଟେଲ ଚଳିତ ବର୍ଷ ୨୪ ହଜାର ପାଖାପାଖି କର୍ମଚାରୀଙ୍କୁ ଛଟେଇ କରିଛି।

ପ୍ରଥମେ ଭାରତ ଭଳି ଦେଢଶହ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ବେକାରୀ ସମସ୍ୟାକୁ ଏଆଇ ପ୍ରୋତ୍ସାହିତ କରୁଛି। ସାରା ବିଶ୍ୱ ପାଇଁ ମଧ ବୃହତ୍ ଆର୍ଥିକ ସଂକଟ ସୃଷ୍ଟି କରିବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସ୍ୱୟଂ ଚାଳିତ ଶକ୍ତି ଏବଂ କୃତ୍ରିମ ଶକ୍ତି ଆମ କାମର କରିବାର ଶୈଳୀକୁ ପରିବର୍ତ୍ତନ କରୁଛି। ଯାହାଦ୍ୱାରା ଭବିଷ୍ୟତରେ ଦେଶର ବେକାର ଓ ନିଯୁକ୍ତି ସମସ୍ୟା ଅଧିକ ଉତ୍କଟ ହେବାର ସମ୍ଭାବନା ରହିଛି। ଏଆଇର ବ୍ୟାପକ ବ୍ୟବହାର ଦ୍ୱାରା ୨୦୩୦ ସୁଦ୍ଧା ବିଶ୍ୱ କର୍ମଶକ୍ତିର ୩ରୁ ୧୪ ପ୍ରତିଶତ କର୍ମଚାରୀ ସେମାନେ ଚାକିରି ବଦଳାଇ ନୂତନ କୌଶଳ ଶିଖିବାକୁ ବାଧ ହେବେ। ପ୍ରଯୁକ୍ତିବିଦ୍ୟା ଓ ବ୍ୟବସାୟ କ୍ଷେତ୍ରର ବ୍ୟବସାୟୀ ଅଧିକ ଲାଭବାନ ହୋଇଥିବାବେଳେ ଆମର ଶ୍ରମ ବଜାରର ଭବିଷ୍ୟତ ଉପରେ ଏକ ବଡ଼ ପ୍ରତିବନ୍ଧକ ହୋଇଛି ଏଆଇ।

କୃତ୍ରିମ ବୁଦ୍ଧିବତ୍ତା ହେଉଛି ଏକ ମେସିନ କ୍ଷମତା ଯାହା ଆମର ବୁଦ୍ଧିକୁ ବ୍ୟବହାର କରି ମେସିନ ଶିକ୍ଷା ଠାରୁ ସମସ୍ୟା ସମାଧାନ, କାର ଚଳାଇବା ଠାରୁ ନିଷ୍ପତ୍ତି ବା ତଥ୍ୟ ବିଶ୍ଳେଷଣ ସବୁ କରିପାରୁଛି। କେବଳ ସେତିକି ନୁହେଁ ଏଆଇ ମାଧ୍ୟମରେ ଭଏସ ଆସିଷ୍ଟାଣ୍ଡ ସୁପାରିଶ ଭଳି କାର୍ଯ୍ୟ କରାଯାଇପାରୁଛି। ବର୍ତ୍ତମାନ ସମୟରେ ଆମର ଦୈନନ୍ଦିନ ଜୀବନରେ ଏହାର ଭୂମିକା ବଢ଼ିବାରେ ଲାଗିଛି। ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଓ ଶ୍ରମ ଶକ୍ତି ବିନିଯୋଗ ସମ୍ପନ୍ନ ରାଷ୍ଟ୍ର ପାଇଁ ଏଆଇ ଯେତିକି ଲାଭ କରୁଛି ଅନେକ କ୍ଷତି ମଧ କରୁଛି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଖଡ଼ଗପୁରର ତଥ୍ୟ ଅନୁଯାୟୀ ଏଆଇ ଯୋଗୁଁ ଟେକ କର୍ମଚାରୀମାନେ ସେମାନଙ୍କ ଚାକିରି ବିଷୟରେ ଏକ ବିରାଟ ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି। ଏହା କମ୍ପାନୀ ଗୁଡ଼ିକୁ ଖର୍ଚ୍ଚ ହ୍ରାସ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାରେ ନିବେଶ କରିବାକୁ ପ୍ରେରଣା ଦେଇଛି। ରିପୋର୍ଟରେ କୁହାଯାଇଛି ଯେ ପ୍ରବେଶ ସ୍ତରୀୟ ଚାକିରିଗୁଡ଼ିକ ସର୍ବାଧିକ ବିପଦରେ ଆଜି ଏବଂ ଭାରତର ଆଇଟି ଶିଳ୍ପ ମଧ ଏଥିରୁ ମୁକ୍ତ ନୁହେଁ। ୨୦୨୫ରେ ଆମେରିକାର ଟେକ୍ନୋଲୋଜି କ୍ଷେତ୍ର ୧.୫ ଲକ୍ଷ ଚାକିରି ହ୍ରାସ କରିଥିଲା।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଚାପ ଏବଂ ଆମେରିକା-ଭାରତ ବାଣିଜ୍ୟିକ ସମ୍ପର୍କର ଉତ୍ତେଜନା ମଧ୍ୟରେ ଟିସିଏସ୍ ଗତ କିଛି ବର୍ଷ ଅକ୍ଟୋବରରେ ପ୍ରାୟ ୨୦ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। କମ୍ପାନୀ ଏଆଇ ଏବଂ ସ୍ୱୟଂ ଚାଳିତ ସେବା ଆଡ଼କୁ ଅଗ୍ରସର ହେଉଥିବାରୁ ଏହା ମାର୍ଚ୍ଚ ୨୦୨୬ ସୁଦ୍ଧା ଏହାର ବିଶ୍ୱସ୍ତରୀୟ କର୍ମଚାରୀଙ୍କ ଦୁଇ ପ୍ରତିଶତ ହ୍ରାସ କରିବାକୁ ଯୋଜନା କରୁଛି। ରିପୋର୍ଟରେ କୁହାଯାଇଛି ଯେ କାର୍ଯ୍ୟ ଘଣ୍ଟା ବୃଦ୍ଧି ଯୋଗୁଁ କର୍ମଚାରୀମାନେ ଏକାକୀ ହୋଇଯାଉଛନ୍ତି ଏବଂ ଯେଉଁମାନେ ନିଯୁକ୍ତି ପାଉଛନ୍ତି ସେମାନେ ନିରନ୍ତର ଚାକିରି ହରାଇବାର ଆଶଙ୍କାରେ ଅଛନ୍ତି। ଏହି ସବୁ ପ୍ରସଙ୍ଗ ଉପରେ ଅଧିକ ଧ୍ୟାନ ଦେଉଥିବା କର୍ମଚାରୀଙ୍କ ମଧ୍ୟରୁ କେତେକ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନିଅନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ବହୁଳ ଭାବେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅନେକଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମନୁଷ୍ୟପରି ଏଆଇକୁ ବିଶ୍ରାମର ଆବଶ୍ୟକତା ନାହିଁ କିମ୍ୱା ମଜୁରୀ ବୃଦ୍ଧି ପାଇଁ ଶ୍ରମିକ ମାନଙ୍କର ଧର୍ମଘଟ ବା ଆନ୍ଦୋଳନର ଭୟ ନାହିଁ। ତେଣୁ ଏ କ୍ଷେତ୍ରରେ ଏଆଇ ଅନେକଙ୍କ ପାଇଁ ମାନସିକ ଦୁଃଚିନ୍ତାର ବଡ଼ କାରଣ ପାଲଟୁଛି। କୃତ୍ରିମ ବୁଦ୍ଧିମତ୍ତା ଯେଉଁଠାରେ ଅର୍ଥନୈତିକ କାର୍ଯ୍ୟକ୍ଷମତା ବଢ଼ାଇ ପାରୁଛି ସେଠାରେ ନିଯୁକ୍ତି ଓ ଆର୍ଥିକ ବୈଷମ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏହା ସ୍ୱାଭାବିକ କଥା ଏଆଇର ପ୍ରୟୋଗ ବଢ଼ିବା ଦ୍ୱାରା ମଣିଷର ଉପଯୋଗ, ବ୍ୟବହାର ଓ ସାମର୍ଥ୍ୟର କ୍ଷମତା ସବୁକିଛି କମିବାରେ ଲାଗିଛି। ଯାହାଦ୍ୱାରା କର୍ମସଂସ୍ଥାନ ହରାଉଥିବା ବା ନୂଆ ଆହ୍ୱାନପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା ଉନ୍ନତ ଜ୍ଞାନସମ୍ପନ୍ନ ଟେକ୍ନୋଲୋଜି ଧାରାରେ ନିଜକୁ ସାମିଲ କରିବା ମଧ କେତେକଙ୍କ କ୍ଷେତ୍ରରେ କଷ୍ଟକର ହୋଇଯାଉଥିବାରୁ ଅନେକ ଏହି କ୍ଷେତ୍ରରେ ମାନସିକ ଭାବେ ଆଘାତ ପାଇଥାନ୍ତି।

କୃତ୍ରିମ ବୁଦ୍ଧିମତ୍ତା ମାନବ ସୃଜନଶୀଳତାକୁ କୌଣସି ପରିସ୍ଥିତିରେ ବଦଳାଇ ପାରିବ ନାହିଁ। ଏହା ଆମ ପାଇଁ ଏକ ପ୍ରତିଦ୍ୱନ୍ଦ୍ୱୀ ବଦଳରେ ବରଂ ସୃଜନଶୀଳ ସହଭାଗୀ ଭାବରେ ଗ୍ରହଣ କରିବା ଉଚିତ। କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିବା ଏବେ ସହଜ ଓ ଅଧିକ ଉପଲବ୍ଧ ହେଲାଣି। ତେବେ କୃତ୍ରିମ ବୁଦ୍ଧିମତ୍ତା ଚାକିରି ଛଡ଼ାଇ ନେବାର ଆଶଙ୍କା ସୃଷ୍ଟି କରୁଥିଲେ ମଧ ଏହି ଆହ୍ୱାନକୁ ଗ୍ରହଣ କରି ଅନେକ ଭଲ କ୍ୟାରିୟର ମଧ ଗଢ଼ି ପାରୁଛନ୍ତି। ଏହା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଇଛି । ଏହା ବିକଶିତ ହେବାସହ ଆସନ୍ତାକାଲିର ଆହ୍ୱାନ ଭରା ସମୟ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଛି। ତେଣୁ ଏ କ୍ଷେତ୍ରରେ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରି ଆହ୍ୱାନ ଭରା ଏହି ନୂତନ ଟେକ୍ନୋଲୋଜିକୁ ଗ୍ରହଣ କରି ନୂଆ କର୍ମସଂସ୍ଥାନକୁ ଆଗେଇ ନେବା ବାଞ୍ଛନୀୟ। ମାନସିକ ଭାବେ ନିଜକୁ ସୁଦୃଢ଼ କରି ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କଲେ ଆପଣ ଏହାକୁ ନେଇ କୌଣସି ଆଶା ଆଶଂକାରେ ନରହି ବରଂ ସକରାତ୍ମକ ଭାବନାର ସହିତ ନୂଆ ସମ୍ଭାବନାକୁ ଗ୍ରହଣ କରିବା ହିଁ ବୁଦ୍ଧିମାନର ପରିଚୟ ହେବ।

ପୁରୀଘାଟ ରୋଡ଼, କଟକ,
ମୋ : ୯୪୩୭୧୬୩୪୦୬

# ନିରାପଦ ବିଶ୍ୱ ଗଠନ ପାଇଁ ଶାନ୍ତି ଓ ଅହିଂସାର ମନ୍ତ୍ରଦାତା ଭାରତ

## ମନସିଜ୍ ଦାସ

> ବର୍ତ୍ତମାନର ବିଶ୍ୱ ଭୂରାଜନୀତି ଏକପକ୍ଷରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଅବିଶ୍ୱାସର ବାତାବରଣ ଓ ଅଶାନ୍ତି ସୃଷ୍ଟି କରିଚାଲିଥିବା ବେଳେ ଅନ୍ୟପକ୍ଷରେ ବାଣିଜ୍ୟ, ନିବେଶ, ଯୋଗାଯୋଗ, ଶକ୍ତି ଏବଂ ଅନ୍ୟାନ୍ୟ ସମ୍ପର୍କ ଓ ସହଯୋଗ ଦିଗରେ ପଥ ପ୍ରଶସ୍ତ ରହିଛି। ସମନ୍ୱୟ ସହଯୋଗ ଓ ବିଶ୍ୱାସ ବଳରେ ଏହି ସୁଯୋଗର ସଦୁପଯୋଗ କରି ସମ୍ଭାବନାକୁ ସାକାର କରାଯାଇପାରିବ। ଶାନ୍ତି ଓ ସ୍ଥିରତା ଦିଗରେ ଅଙ୍ଗୀକାରବଦ୍ଧତା ଜରିଆରେ ବିକାଶ ଓ ଅଭିବୃଦ୍ଧି ହାସଲ ସମ୍ଭବ। ତେଣୁ ଜୟଶଙ୍କର ଯଥାର୍ଥରେ କହିଛନ୍ତି ଯେ ଆମେ କେବଳ ନିଜ ସ୍ୱାର୍ଥ ନ ଦେଖି ଆତଙ୍କମୁକ୍ତ ନିରାପଦ ବିଶ୍ୱଗଠନରେ ଅଂଶୀଦାର ହେବାକୁ ପଡ଼ିବ। କାରଣ ବିଶ୍ୱ ଆମ ଠାରୁ ଅନେକ କିଛି ଆଶା ରଖୁଛି। ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କର ପ୍ରତିଟି ପଦକ୍ଷେପ ଏ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ବିଶ୍ୱ ଏବେ ଅଶାନ୍ତ, ଅସ୍ଥିର ଓ ଉଗ୍ର। ଅନେକ ରାଷ୍ଟ୍ରର ସାର୍ବଭୌମ ବିପଦରେ। ଭୂରାଜନୈତିକ କୂଟନୀତି ଜଟିଳ। ଦ୍ୱିପାକ୍ଷିକ ସମ୍ପର୍କ ବିଶ୍ୱାସର ଅଭାବରେ ଅବକ୍ଷୟଗ୍ରସ୍ତ। ଜଳବାୟୁ ଓ ପରିବେଶ ଅସ୍ୱାଭାବିକ ଭାବେ ପରିବର୍ତ୍ତନଶୀଳ। ମାନବାଧିକାର ଓ ଖାଦ୍ୟ ନିରାପତ୍ତା ବିପନ୍ନ। ଆତଙ୍କବାଦର କରାଳ ଛାୟା ବିଶ୍ୱବ୍ୟାପୀ ମାଡ଼ି ଚାଲିଛି। କେଳବ ସହଯୋଗ, ସମନ୍ୱୟ, ନିଃସ୍ୱାର୍ଥପର ବନ୍ଧୁତ୍ୱ ଓ ବିଶ୍ୱାସ ବଳରେ ଏହି ସବୁ ସମସ୍ୟାର ସମାଧାନ ସମ୍ଭବ। ଏକ ନିରାପଦ ବିଶ୍ୱ ପାଇଁ ସିକ୍ୟୁର ହିଁ ଏକମାତ୍ର ପ୍ରଭାବଶାଳୀ ଅସ୍ତ୍ର। ସଦ୍ୟ ସମାପ୍ତ ସାଂଘାଇ କୋଅପରେସନ ଅର୍ଗାନାଇଜେସନରେ ଭାରତ ବିଶ୍ୱକୁ ଏହି ମନ୍ତ୍ର ଦେଉଛି। ବିଶେଷକରି ଏସିଆର ଭୂରାଜନୈତିକ ଓ ସହାବସ୍ଥାନ ଦୃଷ୍ଟିରୁ ଏହି ସଂଘର ଆଲୋଚନା ଓ ନିଷ୍କର୍ଷ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଭାରତର ଶାନ୍ତି ଓ ସହଯୋଗର ମନ୍ତ୍ର ସର୍ବାଦୌ ଉପାଦେୟ ଓ ଗ୍ରହଣୀୟ। ଉପରୋକ୍ତ ସମସ୍ୟାଗୁଡ଼ିକ ମଧ୍ୟରୁ ଅଧିକାଂଶର ଜନକ ଚୀନ ଓ ପାକିସ୍ତାନ ଥିବାରୁ ଭାରତର ଏହି ସନ୍ଦେଶ ଆହୁରି ପ୍ରାସଙ୍ଗିକ ଓ ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଦୁଇ ଦୁଷ୍ଟ ରାଷ୍ଟ୍ରଙ୍କୁ ଭାରତ ପରୋକ୍ଷ ବାର୍ତ୍ତା ଦେଇଛି ଯେ ଆତଙ୍କବାଦକୁ ପ୍ରୋତ୍ସାହନ ଓ ବସ୍ତାରବାଦୀ ଆଭିମୁଖ୍ୟ ଦ୍ୱାରା ସ୍ଥାୟୀ ଶାନ୍ତି ଓ ପ୍ରଗତି ହାସଲ କରିହେବନାହିଁ।

ଦଶ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ବିଶ୍ୱର ଏହି ସର୍ବବୃହତ୍ ଆଞ୍ଚଳିକ ସଂଗଠନରେ ଭାରତ ସମେତ ଚୀନ, ପାକିସ୍ତାନ, ରୁଷ, ଇରାନ, କାଜାକସ୍ତାନ, କିରଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ ଓ ବେଲାରୁଷ ସଦସ୍ୟ ଅଛନ୍ତି। ଗତବର୍ଷ ଭାରତ ଏହାର ଅଧକ୍ଷତା କରୁଥିବାବେଳେ ଚୀନ ଓ ପାକିସ୍ତାନର ପ୍ରତିନିଧି ଭର୍ଚୁଆଲ ଜରିଆରେ ଉପସ୍ଥିତ ଥିଲେ। ତେଣୁ ଚଳିତ ବର୍ଷ ପାକିସ୍ତାନ ଏହାର ଅଧକ୍ଷତା କରୁଥିବାରୁ ଭାରତ ସେଠାକୁ ବ୍ୟକ୍ତିଗତ ପ୍ରତିନିଧି ପଠାଇବ କି ନାହିଁ ତାହା ଉପରେ ସମଗ୍ର ବିଶ୍ୱର ଦୃଷ୍ଟି ନିବଦ୍ଧ ଥିଲା। କିନ୍ତୁ ସବୁବେଳେ ସହଯୋଗ ଓ ଶାନ୍ତିର ବାର୍ତ୍ତା ଦେଉଥିବା ଭାରତ ଯେସାକୁ ତେସା ନୀତି ନ ଆପଣାଇ ପୁଣି ଥରେ ବନ୍ଧୁତ୍ୱର ହାତ ବଢ଼ାଇଛି ଏବଂ ବନ୍ଧୁତ୍ୱର ପରିଭାଷା ହିଁ ସବୁ ସମସ୍ୟା, ଦ୍ୱନ୍ଦ୍ୱର ସମାଧାନ ବୋଲି ମନ୍ତ୍ର ଦେଇଛି। ଭାରତର ବୈଦେଶିକ ମନ୍ତ୍ରୀ ପାକିସ୍ତାନ ଗସ୍ତରେ ଯିବା ବିଗତ ନଅ ବର୍ଷ ମଧ୍ୟରେ ପ୍ରଥମ।

ଆତଙ୍କବାଦର ପ୍ରୟୋଜକ ରାଷ୍ଟ୍ର ଭାବେ ପାକିସ୍ତାନର କୁଖ୍ୟାତି ସାରା ବିଶ୍ୱରେ ବ୍ୟାପୁଥିବା ବେଳେ ଭାରତ ଏହାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ। ଚୀନର ବିସ୍ତାରବାଦୀ ଆଭିମୁଖ୍ୟ ଯୋଗୁଁ ଭାରତ ସମେତ ଚୀନ ପଡ଼ୋଶୀ ରାଷ୍ଟ୍ର ଗୁଡ଼ିକର ସୀମା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିପଦରେ। ବିଡ଼ମ୍ବନା ହେଲା ଏସସିଓର ଚାର୍ଟରରେ ଆତଙ୍କବାଦ ନିରୋଧ ପ୍ରାଥମିକତା ପାଇଥିଲେ ହେଁ ଏହାର ଦୁଇ ସଦସ୍ୟ ରାଷ୍ଟ୍ର ହିଁ ଆତଙ୍କବାଦ ଓ ବିସ୍ତାରବାଦକୁ ପ୍ରୋତ୍ସାହନ ଦେଉଛନ୍ତି। ଚୀନର ବହୁ ଆକାଂକ୍ଷିତ ବେଲଟ ଆଣ୍ଡ ରୋଡ଼ ପ୍ରକଳ୍ପର ପାକିସ୍ତାନ ଦୃଢ଼ ଓ ଅନ୍ଧ ସମର୍ଥକ ହୋଇଥିବା ବେଳେ ଏହାଦ୍ୱାରା ଅଂଶୀଦାର ଦେଶମାନଙ୍କର ବିଶେଷକରି ଭାରତର, ସାର୍ବଭୌମତ୍ୱ ପ୍ରତି ବିପଦ ଆଶଙ୍କା ଥିବାରୁ ଭାରତ ଏହି ପ୍ରକଳ୍ପର ବିରୋଧ କରୁଛି। ତେଣୁ ଆତଙ୍କବାଦ ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧରେ ଏସସିଓର ସଂକଳ୍ପକୁ ଦୋହରାଇ ଏସ ଜୟଶଙ୍କର କହିଛନ୍ତି ଯେ ଯଦି ସହଯୋଗ ପର୍ଯ୍ୟାପ୍ତ ହେଉନାହିଁ, ବିଶ୍ୱାସରେ ଅଭାବ ରହୁଛି, ବନ୍ଧୁତ୍ୱରେ ପ୍ରତିବନ୍ଧକ ଆସୁଛି - ପ୍ରତିବେଶୀଙ୍କ ପ୍ରତି ମନୋମାଳିନ୍ୟର ହୃଦ୍‌ବୋଧ ହେଉଛି, ତେବେ ଏ ସମ୍ପର୍କରେ ମୁକ୍ତ ଓ ଅବାଧ ଆଲୋଚନା ଅପରିହାର୍ଯ୍ୟ। ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗ ଦ୍ୱିପାକ୍ଷିକ ସମ୍ମାନବୋଧ ଓ ସାର୍ବଭୌମତ୍ୱର ସୁରକ୍ଷା ଉପରେ ପର୍ଯ୍ୟବେସିତ ହେବା ଆବଶ୍ୟକ।

ଏହା ଅନସ୍ୱୀକାର୍ଯ୍ୟ ଯେ ଜଗତୀକରଣର ପ୍ରଭାବରେ ବିଶ୍ୱ ଏବେ ବହୁମେରୁ ବା ବହୁଧ୍ରୁବୀୟ ଦିଗରେ ଗତି କରୁଛି। ତେଣୁ ସ୍ୱାଭାବିକ ଭାବେ ପରିବର୍ତ୍ତିତ ବିଶ୍ୱ ଯେଉଁ ନୂଆ ଆହ୍ୱାନ ସୃଷ୍ଟି କରିଛି ସେଥିରୁ କୌଣସି ଦେଶ ନିଜକୁ ଦୂରେଇ ରଖିପାରିବେ ନାହିଁ। କୋଭିଡ଼ ମହାମାରୀ ପ୍ରଭାବ ଜନିତ ଅର୍ଥନୈତିକ ଦୁଃସ୍ଥିତିରୁ ଅନେକ ରାଷ୍ଟ୍ର ଏ ପର୍ଯ୍ୟନ୍ତ ଉଧାର ପାଇପାରିନାହାନ୍ତି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ବିଶ୍ୱ ଖାଦ୍ୟ ନିରାପତ୍ତା ବିପନ୍ନ ହୋଇ ବୁଭୁକ୍ଷା ଓ ଦାରିଦ୍ର୍ୟ ଉତ୍କଟ ହେବାରେ ଲାଗିଛି। ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଏବେ ମଧ ଅନେକ ରାଷ୍ଟ୍ର ପାଇଁ ଅପହଞ୍ଚ। ଆତଙ୍କବାଦ ଓ ଯୁଦ୍ଧ ସ୍ଥିତି ଏହି ସମସ୍ୟାର ଉତ୍କଟ କରୁଛି, ଯାହା ଆଗାମୀ ଦିନରେ ଆହୁରି ଉଗ୍ର ରୂପ ନେବାକୁ ଯାଉଛି। ଏ ଦିଗରେ ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ନିଆ ନଗଲେ ଜାତିସଂଘ ଦ୍ୱାରା ଧାର୍ଯ୍ୟ ନିରନ୍ତ ବିକାଶ ଲକ୍ଷ୍ୟ ହାସଲରେ ବିଶ୍ୱ ବହୁ ପଛରେ ପଡ଼ିଯିବ। ଏସସିଓର ଚାର୍ଟରର ଅନୁପାଳନରେ ହିଁ ଏହି ଆହ୍ୱାନର ମୁକାବିଲା ସମ୍ଭବ ଏବଂ ଏଥିରେ ସଦସ୍ୟ ରାଷ୍ଟ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜୟଶଙ୍କର ଚେତାଇ ଦେଇଛନ୍ତି।

ବର୍ତ୍ତମାନର ବିଶ୍ୱ ଭୂରାଜନୀତି ଏକପକ୍ଷରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଅବିଶ୍ୱାସର ବାତାବରଣ ଓ ଅଶାନ୍ତି ସୃଷ୍ଟି କରିଚାଲିଥିବା ବେଳେ ଅନ୍ୟପକ୍ଷରେ ବାଣିଜ୍ୟ, ନିବେଶ, ଯୋଗାଯୋଗ, ଶକ୍ତି ଏବଂ ଅନ୍ୟାନ୍ୟ ସମ୍ପର୍କ ଓ ସହଯୋଗ ଦିଗରେ ପଥ ପ୍ରଶସ୍ତ ରହିଛି। ସମନ୍ୱୟ ସହଯୋଗ ଓ ବିଶ୍ୱାସ ବଳରେ ଏହି ସୁଯୋଗର ସଦୁପଯୋଗ କରି ସମ୍ଭାବନାକୁ ସାକାର କରାଯାଇପାରିବ। ଶାନ୍ତି ଓ ସ୍ଥିରତା ଦିଗରେ ଅଙ୍ଗୀକାରବଦ୍ଧତା ଜରିଆରେ ବିକାଶ ଓ ଅଭିବୃଦ୍ଧି ହାସଲ ସମ୍ଭବ। ତେଣୁ ଜୟଶଙ୍କର ଯଥାର୍ଥରେ କହିଛନ୍ତି ଯେ ଆମେ କେବଳ ନିଜ ସ୍ୱାର୍ଥ ନ ଦେଖି ଆତଙ୍କମୁକ୍ତ ନିରାପଦ ବିଶ୍ୱଗଠନରେ ଅଂଶୀଦାର ହେବାକୁ ପଡ଼ିବ। କାରଣ ବିଶ୍ୱ ଆମ ଠାରୁ ଅନେକ କିଛି ଆଶା ରଖୁଛି। ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କର ପ୍ରତିଟି ପଦକ୍ଷେପ ଏ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ବିଶେଷକରି ଶ୍ରମ ବଜାର, ଶିଳ୍ପାୟନ ଓ ନିଯୁକ୍ତି ବଜାର ସୁଦୂରପ୍ରସାରୀ ହୋଇପାରିବ। ଔଷଧ ଶିଳ୍ପ ଚୀନ ବିଶ୍ୱର ସର୍ବବୃହତ କଞ୍ଚାମାଲ ଉତ୍ପାଦନକାରୀ ହୋଇଥିବାବେଳେ ଭାରତ ବିଶ୍ୱର ସର୍ବବୃହତ୍ ଜେନେରିକ ଔଷଧ ନିର୍ମାତା। ତେଣୁ ଏସସିଓ ସଦସ୍ୟା ରାଷ୍ଟ୍ରମାନେ ଆଞ୍ଚଳିକ ମତଭେଦ ଭୁଲି ଭେଷଜ ଓ ଔଷଧୀୟ ସହଯୋଗ ଜରିଆରେ ବିଶ୍ୱରେ ସଂକ୍ରାମକ ରୋଗ ଓ ମହାମାରୀ ପରିସ୍ଥିତିର ମୁକାବିଲା କରିବାରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିପାରିବେ। ବିଶ୍ୱ ସମୁଦାୟ ଏସସିଓ ସଦସ୍ୟ ରାଷ୍ଟ୍ର ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ଯୋଗଦାନ ଉଲ୍ଲେଖନୀୟ ଥିବାରୁ ଜାତିସଂଘରେ ପଶ୍ଚିମ ରାଷ୍ଟ୍ରର ବିକଳ୍ପ ହେବା ପାଇଁ ଉଦ୍ୟମ ହେବା ସହିତ ସୁରକ୍ଷା ପରିଷଦ ଅଧିକ ସ୍ୱଚ୍ଛ, ଦକ୍ଷ, ଗଣତାନ୍ତ୍ରିକ, ପ୍ରଭାବଶାଳୀ, ଉତ୍ତରଦାୟୀ ହେବା ଆବଶ୍ୟକ ବୋଲି ଜୟଶଙ୍କର ମତ ଦେଇଛନ୍ତି। ଜାତିସଂଘର ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ପାକିସ୍ତାନ ଓ ଚୀନ ବିରୋଧ କରୁଥିବାରୁ ଜୟଶଙ୍କର ପରୋକ୍ଷରେ ସେହି ଦୁଇ ରାଷ୍ଟ୍ରଙ୍କୁ ଉଦାରବାଦର ବାର୍ତ୍ତା ଦେଇଛନ୍ତି।

ମୋଟ ଉପରେ କହିବାକୁ ଗଲେ ଭାରତ ଏହି ସଂଘରେ ପୂର୍ବରୁ ନିରାପଦ ବିଶ୍ୱ ଗଠନ ପାଇଁ ଯେଉଁ ସିକ୍ୟୁର ମନ୍ତ୍ର ଉପରେ ଗୁରୁତ୍ୱ ଦେଇଥିଲା ତାହାକୁ ପୁଣି ଥରେ ପରୋକ୍ଷରେ ଦୋହରାଇଛି। ଏଥିରେ ଇଂରାଜୀ ଅକ୍ଷର ଏସ - ସିକ୍ୟୁରିଟି (ନିରାପତ୍ତା), ଇ- ଇକୋନୋମିକ୍ ଡେଭେଲପମେଣ୍ଟ (ଅର୍ଥନୈତିକ ବିକାଶ), ସି - କନେକ୍ଟିଭିଟି (ଯୋଗାଯୋଗ), ୟୁ- ୟୁନିଟ (ଏକତା), ଆର - ରେସପେକ୍ଟ ଫର ଟେରିଟୋରିଆଲ ଇଣ୍ଟିଗ୍ରିଟି ଆଣ୍ଡ ସୋଭେରନିଟି (ଆଞ୍ଚଳିକ ସାର୍ବଭୌମ ଓ ଅଖଣ୍ଡତା ପ୍ରତି ସମ୍ମାନବୋଧ) ଏବଂ ଇ- ଏନଭାୟର୍ନମେଣ୍ଟାଲ ପ୍ରୋଟେକ୍ସନ (ପରିବେଶ ସୁରକ୍ଷାକୁ) ସୂଚୀତ କରୁଛି। ଏକ ନିରାପଦ ବିଶ୍ୱ ଗଠନ ପାଇଁ ଶାନ୍ତି ଓ ଅହିଂସାର ମନ୍ତ୍ରଦାତା ଭାରତର ଏସସିଓ ବାର୍ତ୍ତା ଯେ ସର୍ବାଦୌ ପ୍ରାସଙ୍ଗିକ ଓ ଅପରିହାର୍ଯ୍ୟ ଏଥିରେ ଦ୍ୱିରୁକ୍ତିନାହିଁ।

**ଗୁରୁଗ୍ରାମ, ହରିୟାନା**

17.03.2026.pmd 1 3/16/2026, 6:37 PM

# ରକ୍ଷଣାବେକ୍ଷଣ ଅଭାବରୁ ଚମକ ହରେଇବାକୁ ବସିଛି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ

କାଶୀନଗର, ୧୬।୩ (ନିପ୍ର); କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଛକ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ପୂର୍ବ ସରକାର ସମୟରେ ପରିଷଦର ଗାରିମା ବଢେଇବା ସକାଶେ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପମାନ ନିର୍ମାଣ କରିଥିଲେ। ଯେପରି ସେଲ୍ଫି ପଏଣ୍ଟ, ଭେଣ୍ଡିଂ ଜୋନ, ଫୋଗ ପଏଣ୍ଟ,ଏଲ.ଇ.ଡ଼ି ପାର୍କ ଓ ମୁକ୍ତକାଶ ବ୍ୟାୟାମ ଶାଳ ଭଳି ବିଭିନ୍ନ ସ୍ଥାନରେ କରାଯାଇ ପରିଷଦର ଆକର୍ଷଣ ବଢ଼େଇ ଥିଲେ। ହେଲେ ପରିତାପର ବିଷୟ ଏହିକି ଯେ, ରକ୍ଷଣା ବେକ୍ଷଣା ଅଭାବରୁ ଏହି ସବୁ ପ୍ରକଳ୍ପ ଅଲୋଡ଼ା ହୋଇ ପଡିଛି । ଉଦାହରଣ ସ୍ୱରପ କାଶୀନଗର ବିଜୁ କଲ୍ୟାଣ ମଣ୍ଡପ ପାର୍ଶ୍ୱରେ ଥିବା ଟ୍ରାଫିଙ୍ଗଲ ଓ ସମ୍ମୁଖରେ ଥିବା ପୋଖରୀ ହୁଡ଼ାର



ମୁକ୍ତାକାଶ ବ୍ୟାୟାମ ଶାଳ ଅଲୋଡ଼ା ପାଲଟି ଯାଇଛି। ପରିଷଦ ସମ୍ମୁଖରେ ଥିବା ପୋଖରୀ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ବହୁ ଅର୍ଥ ବ୍ୟୟ ହୋଇଥିବା ସତ୍ତ୍ୱେ ଯଥା ତରଂ ତଥା ପରଂ ଭଳି ପୋଖରୀ ଭିତରେ ପୁରା ଘାସ ହୋଇ ପଡିଛି। ପୂର୍ବ ସରକାର ଯେପରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ ଗୁଡିକୁ କରିଥିଲେ ବର୍ତ୍ତମାନର ସରକାର କାହିଁକି ଏ ସବୁ ପ୍ରକଳ୍ପ ଗୁଡିକୁ ଅଣଦେଖା କରି ରାକ୍ଷଣବେକ୍ଷଣ କରୁ ନାହିଁ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

# ନିଆଁକୁ ଆୟତ କରିବରେ ବିଫଳ ହେଲା ଅଗ୍ନିଶମ ବିଭାଗ

ନବରଙ୍ଗପୁର, ୧୬।୩ (ନିପ୍ର):-ଝରୀଗୁଡା ଗ୍ରାମର ଝଡ଼େଶ୍ୱର ଗୌଡ଼ର ୧୦ ଏକର ଜମିର ପାଳଗଦାରେ ହଠାତ ଗତକାଲି ରାତି ପ୍ରାୟ ୧ଘଣ୍ଟା ସମୟରେ ନିଆଁ ଲାଗି ଯାଇଥିଲା। ଏହା ପରେ ଝଡ଼େଶ୍ୱର ଗୌଡ଼ ଏବଂ ଆଖ ପାଖ ଅଞ୍ଚଳର ଲୋକେ ନିଆଁକୁ ଆୟତ କରିବା ପାଇଁ ଉଦ୍ୟମ କରିଥିଲେ। ଏହା ସହ ଅଗ୍ନିଶମ ବିଭାଗକୁ ମଧ୍ୟ ନିଆଁ ଲିଭାଇବା ପାଇଁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। କିନ୍ତୁ ଦୁଃଖର ବିଷୟ ଦୁଇଘଣ୍ଟା ବିଳମ୍ବରେ ଅର୍ଥାତ ରାତ୍ର ପ୍ରାୟ ୩ଘଣ୍ଟା ସମୟରେ ଅଗ୍ନିଶମ ଗାଡି ଆସି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିଲା। ଶେଷରେ ବିଫଳ ହୋଇ ଅଗ୍ନିଶମ ବାହିନୀର



କର୍ମଚାରୀମାନେ ସେହି ସ୍ଥାନ ଛାଡି ଚାଲି ଆସିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିଆଁ ଏଭଳି ସକାଳ ପର୍ଯ୍ୟନ୍ତ ଜଳୁଥିଲା ଏବଂ ପାଲଗାଦା ପୋଡ଼ି ପାଉଁଶ ହୋଇଗଲା। ଯଦି କିଛି ସମୟ ପୂର୍ବରୁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚିଥିଲେ ନିଆଁ କୁ ଆୟତ କରିପାରି ଥାନ୍ତା ବୋଲି ସ୍ଥାନୀୟ ବାସିନ୍ଦାମାନେ ମତବ୍ୟକ୍ତ କରିଛନ୍ତି । ଡାବୁଗାଁ ବ୍ଲକର ଅଧିକାଂଶ ସ୍ଥାନରେ ଏଭଳି ଅଗ୍ନିସମ ବାହିନିର ଅବହେଳା ଯଗୁଁ ବହୁତ କ୍ଷେକ୍ଷକ୍ଷେତି ହେଉଛି। ଆଗକୁ ଗ୍ରୀଷ୍ମଋତୁ ଥିବାରୁ ଅଗ୍ନିଶମ ବାହିନୀ ସବୁବେଳେ ସଜାଗ ରହିଲେ ଭଲ ହୋଇଥାନ୍ତା ବଲି ବୁଦ୍ଧିଜୀବୀ ମାହୋଲ ରେ ଆଲଚନା ହେଉଛି।

# ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସାଂଗଠାନିକ ବୈଠକ

ବୁଗୁଡ଼ା, ୧୬।୩ (ନିପ୍ର); ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସୁଦୃଢ଼ୀକରଣ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ନୂତନ ଜିଲ୍ଲା କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି।ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ସହ ସମ୍ପାଦକ ଅରୁଣ କୁମାର ପାଢ଼ୀ ଏବଂ ବଜରଙ୍ଗ ଦଳ ଓଡ଼ିଶା ପୂର୍ବ ପ୍ରାନ୍ତର ସହ ସଂଯୋଜକ ରାଜୀବ ନେତ୍ର ଖାଡେଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗଠନକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ଏବଂ ହିନ୍ଦୁ ସମାଜର ସୁରକ୍ଷା ତଥା ସେବା କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ସେମାନେ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ନୂତନ ଦାୟିତ୍ୱ ଓ କାର୍ଯ୍ୟକର୍ତ୍ତା ଚୟନ ବୈଠକରେ ଘୁମୁସର ଜିଲ୍ଲା ପାଇଁ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ଚନ୍ଦନ କୁମାର ସ୍ୱାଇଁ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ସହ ସମ୍ପାଦକ ରାଜ କିଶୋର ଭୋସେଲ,ବୁଗୁଡ଼ା ନଗର ସଂଯୋଜକ ସ୍ୱାଧୀନ ନନ୍ଦ,ସହ ସଂଯୋଜକ ମଦନ ମୋହନ ପାଢ଼ୀ ଓ ଶୁଭମ୍ ଦଳାଇ,ଗୋ ରକ୍ଷା ପ୍ରମୁଖ ଦଣ୍ଡିଆ ସାହୁ,ସହ ଗୋ ରକ୍ଷା ପ୍ରମୁଖ କାଳିଆ ପାତ୍ର ଓ ହରି ପାତ୍ର,ବିଦ୍ୟାର୍ଥୀ ପ୍ରମୁଖ ସଂଗ୍ରାମ ଦାସ,ସୁରକ୍ଷା ପ୍ରମୁଖ ପ୍ରହଲ୍ଲାଦ ସାସମଲ୍ ସହ ସୁରକ୍ଷା ପ୍ରମୁଖ,ହର ପ୍ରସାଦ ସାହୁ।ନୂତନ ଭାବେ ଦାୟିତ୍ୱ ପାଇଥିବା କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହ ସଂଗଠନର କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି।

# ଜ୍ଞାନ ପ୍ରକାଶ ଗଜପତି ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ

ପାରଳାଖେମୁଣ୍ଡି, ୧୬।୩ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଉତ୍କଳ ହିତୈଷିଣୀ ସଭାଗୃହରେ ଜ୍ଞାନପ୍ରକାଶର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜ୍ଞାନ ପ୍ରକାଶର ଜିଲ୍ଲା ମୁଖ୍ୟ ସ୍ନିଗ୍ଧା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କରାଯାଇଥିଲା। ଏହି ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ରର ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ନିର୍ଦ୍ଦେଶିକା ଡି. ଶିକ୍ଷୟିତ୍ରୀ ଆଶାଲତା ପାଣିଗ୍ରାହୀ ଓ ନିର୍ଦ୍ଦେଶନାରେ ସ୍ଥାନୀୟ ସ୍ନାତକ ମହାବିଦ୍ୟାଳୟର କଳାକାରମାନେ ସୁନ୍ଦର ଅଧ୍ୟାପିକା ଡଃ କଲ୍ୟାଣୀ ମିଶ୍ର ଯୋଗ ପରିବେଷଣ କରିଥିଲେ। ଦେଇଥିଲେ। ଅତିଥି ମାନେ ଶିକ୍ଷାର କୁମାର ରଥ ଅତିଥିମାନଙ୍କୁ ବିକାଶ ନିମନ୍ତେ ଜ୍ଞାନ ପ୍ରକାଶ କରୁଥିବା ଆବାହନ କରିଥିବା ବେଳେ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ।

# ବିଜେପିରେ ଯୋଗଦେଲେ ପୂର୍ବତନ ବ୍ଲକ ଅଧକ୍ଷା ଓ ସମିତିସଭ୍ୟ



ରେଢ଼ାଖୋଲ, ୧୬।୩ (ନିପ୍ର):ରେଢ଼ାଖୋଲ ବିଧାନସଭା ମଣ୍ଡଳୀ ନାକଟିଦେଉଳ ପଂଚାୟତ ସମିତିର ପୂର୍ବତନ ବ୍ଲକ ଅଧକ୍ଷା ଓ ସମିତିସଭ୍ୟ ବିଜେପି ରେ ଯୋଗ ଦେଇଥିବା ଜଣାପଡିଛି। ବୁର୍ଲା ଏମସିଏଲ ଠାରେ ବିଜେପିର ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବା ଅବସରରେ ନାକଟିଦେଉଳ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷା ତଥା ବିଜେଡିର ମନ୍ଦାକିନୀ ରାଉଳ, ବିଜେଡି ର ବ୍ଲକ ସଭାପତି ତଥା ପୂର୍ବତନ ସମିତିସଭ୍ୟ ମୂଳିଆ ରାଉଳ ଓ ଘୋଷରାମାଳ ପଞ୍ଚାୟତର ନାଏବ ସରପଞ୍ଚ ଗିରିଧାରୀ ସାହୁ ବିଜେପିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେପି ନେତା ତଥା ରେଢ଼ାଖୋଲ ବିଧାନସଭାର ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାଏକ, ନାକଟିଦେଉଳର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ ତଥା ବିଜେପିର ବହୁ ବରିଷ୍ଠ ସଦସ୍ୟ ଯୋଗ ଦେଇଥିଲେ ।

# ଭିଜିଲାନ୍ସ ଦ୍ୱାରା ଏଏସଆଇ ଅରୂପା ନନ୍ଦ ଦାସ ଲାଞ୍ଚ ନେଉଥିବା ବେଳେ ଗିରଫ

## ଏଏସ୍ଆଇଙ୍କ ୪ଟି ସ୍ଥାନରେ ତଲାସି ସମୟରେ ୩ ଲକ୍ଷ ୩୧ ହଜାର ନଗଦ ଟଙ୍କା ସହ ବୈଦେଶିକ ମୁଦ୍ରା ଜବତ

ରାଉରକେଲା, ୧୬।୩ (ନିପ୍ର): ବଡଗାଁ ଥାନାର ଏଏସ୍ଆଇ ଅରୂପାନନ୍ଦ ଦାସ ଏକ ମାମଲାରେ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗତକାଲି ଭିଜିଲାନ୍ସ ଦ୍ୱାରା ଗିରଫ୍ କରାଯାଇଛି। ସୂଚନା ଅନୁସାରେ, ସୁନ୍ଦରଗଡ଼ ବଡ଼ଗାଁ ପୋଲିସ ଷ୍ଟେସନର ଏଏସ୍ଆଇ ଅରୂପା ନନ୍ଦ ଦାସ ରାସ୍ତା ପାର୍ଶ୍ୱରେ ଥିବା ଏକ ହୋଟେଲ (ଢାବା) ମାଲିକଙ୍କୁ ଏକ ମାମଲାରେ ସାହାଯ୍ୟ କରିବା ଏବଂ ତାଙ୍କ ବ୍ୟବସାୟକୁ ସୁଗମ କରିବା ପାଇଁ ଏଏସ୍ଆଇ ଶ୍ରୀ ଦାସ ୨୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ହୋଟେଲ ମାଲିକ ୨୫,୦୦୦ ଟଙ୍କା ନ ଦେଲେ ଏଏସ୍ଆଇ ଶ୍ରୀ ଦାସ ତାଙ୍କୁ ଗିରଫ କରିବାକୁ ଧମକ ଦେଇଥିଲେ। ତେଣୁ ହୋଟେଲ ମାଲିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଜଣାଇଥିଲେ। ସୂଚନା ପାଇବା ପରେ ଭିଜିଲାନ୍ସ ଅଧିକାରୀମାନେ ହୋଟେଲ ମାଲିକଙ୍କ ଠାରୁ ଶ୍ରୀ ଦାସ ୨୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ଏଥିସହିତ ଲାଞ୍ଚ ନେଉଥିବା ସମସ୍ତ ୨୫୦୦୦ ଟଙ୍କାକୁ ଭିଜିଲାନ୍ସ ବିଭାଗ ଜବତ କରିଥିଲେ।

ଶ୍ରୀ ଦାସଙ୍କର ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତଲାସୀ ଆରମ୍ଭ କରାଯାଇଥିଲା। ଏ ସମ୍ପର୍କରେ, ରାଉରକେଲା ଭିଜିଲାନ୍ସ ପକ୍ଷରୁ ଏଏସ୍ଆଇ ଶ୍ରୀ ଦାସଙ୍କ ବିରୁଦ୍ଧରେ ୭ ପିସି (ସଂଶୋଧିତ) ଧାରା ୨୦୧୮ରେ କେସ୍ ନମ୍ବର ୦୧/୨୦୨୬ ରୁଜୁ କରାଯାଇ ତଦନ୍ତ ଜାରି ରଖିଥିଲେ। ମିଳିଥିବା ସଦ୍ୟ ସୂଚନା ଅନୁସାରେ, ଶ୍ରୀ ଦାସଙ୍କ ୪ଟି ସ୍ଥାନରେ ତଲାସୀ ସମୟରେ ୩.୩୧ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି। ଏଥିସହିତ ଭିଏତନାମ ଏବଂ ନେପାଳର ବୈଦେଶିକ ମୁଦ୍ରା ମଧ ଜବତ କରାଯାଇଛି। ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ଦାସଙ୍କର ୪ଟି ସ୍ଥାନରେ ତଲାସି ଆରମ୍ଭ କରିଥିଲେ। ତଲାସି ସମୟରେ, ଶ୍ରୀ ଦାସଙ୍କ ଭୁବନେଶ୍ୱର ଏବଂ ବଡ଼ଗାଁ ସରକାରୀ କ୍ୱାର୍ଟର୍ସରୁ ନଗଦ ୩ ଲକ୍ଷ ୩୧ ହଜାର ୩୧୬ ଟଙ୍କା ଜବତ କରାଯାଇଥିଲା। ଏହା ବ୍ୟତୀତ, ସେ ଗତ ବର୍ଷ ମେ ମାସରେ ଭିଏତନାମ ଗସ୍ତ କରିଥିବା ଜଣାପଡିଥିଲା। ତାଙ୍କ ପାଖରେ ଭିଏତନାମ୍ ଏବଂ ନେପାଳର କିଛି ବୈଦେଶିକ ମୁଦ୍ରା ଥିବା ଜଣାପଡିବା ପରେ, ଭିଜିଲାନ୍ସ ସେ ସମସ୍ତ ବୈଦେଶିକ ମୁଦ୍ରାକୁ ମଧ୍ୟ ଜବତ କରାଯାଇଛି। ମାମଲାର ତଦନ୍ତ ଜାରି ରହିବା ସହିତ ଏଏସ୍ଆଇ ଅରୂପାନନ୍ଦ ଦାସଙ୍କ ବିରୁଦ୍ଧରେ ଧାରା ୭ ପିସି (ସଂଶୋଧିତ) ଆଇନ୍ ୨୦୧୮ରେ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୦୧/୨୦୨୬ ରୁଜୁ କରାଯାଇ ଶ୍ରୀ ଦାସଙ୍କୁ ଗିରଫ କରାଯିବା ସହିତ ଅଧିକ ତଦନ୍ତ ଜାରି ରହିଛି।

# ଅନୁକୂଳଚନ୍ଦ୍ର ଜୟନ୍ତୀ ଓ ବିଶାଳ ସମ୍ମିଳନୀ

ଦାମନଯୋଡି, ୧୬।୩ (ନିପ୍ର): ପରମ ପ୍ରେମମୟ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଜୟନ୍ତୀ ପାଳନ ଅବସରରେ ମାଥାଲପୁଟ ସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ଏକ ବିଶାଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

ଦାମନଯୋଡି ସତସଙ୍ଗ କେନ୍ଦ୍ର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଦେଓଘରରୁ ସହପ୍ରତି ରିତିକ୍ ପ୍ରଭାକର ଦାସ ମୁଖ୍ୟ ଅତିଥି ଓ ବରଗଡ଼ ରୁ ରିତିକ୍ ଅଧ୍ୱର୍ଯ୍ୟ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଠାକୁରଙ୍କ ବାଣୀ, ଯାଜନ, ଇଷ୍ଟବୃତ୍ତି ଆଦି ବିଷୟ ଉପରେ ଅଞ୍ଚଳବାସୀଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଦାମନଯୋଡି ତଥା ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଶହ ଶହ ପରିବାର ଏହି କାର୍ଯ୍ୟକ୍ରମରେ ସମ୍ମିଳିତ ହୋଇଥିଲେ ।

# କାର୍ଯ୍ୟକ୍ଷମ ହେଲା ବାହାଡାଝୋଲା ବଜାର ପ୍ରାଙ୍ଗଣ

ଭାପୁର, ୧୬।୩ (ନିପ୍ର); ଦୀର୍ଘ ୧୪ ବର୍ଷ ପରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ଭାପୁର ସଦର ମହକୁମାରେ ଅବସ୍ଥିତ ବାହାଡାଝୋଲା ବଜ଼ାର ପ୍ରାଙ୍ଗଣ। ନୟାଗଡ଼ ଜ଼ିଲ୍ଲା ଭାପୁର ବ୍ଲକ ସଦର ମହକୁମା ଠାରୁ କଇଁଫୁଲିଆ ରାସ୍ତାର ଶ୍ମଶାନ ନିକଟରେ ନିର୍ମାଣ ହୋଇଥିବା ବିରାଟକାୟ କୃଷି ବଜାର ପ୍ରାଙ୍ଗଣ ଭୂତକୋଠିରେ ପରିଣତ ହୋଇ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଖବର ଦୈନିକ 'ଦିନଲିପି'ର ଗତ ମାସ ୧୩ ତାରିଖ ସଂସ୍କରଣରେ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ, ଭାପୁର ବ୍ଲକର କୃଷକ ମାନଙ୍କଠାରୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ଧାନକ୍ରୟ କରି ଗଛିତ ରଖିବା ପାଇଁ ଜ଼ିଲ୍ଲା ନିୟନ୍ତ୍ରିତ ବଜାର କମିଟି ବାହାଡାଝୋଲା ଦ୍ୱାରା ୪ ଏକରରୁ ଉର୍ଦ୍ଧ୍ୱ ଜମିରେ ୩୦ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ବଜାର ପ୍ରାଙ୍ଗଣ ନିର୍ମିତ ହୋଇଥିଲା।ଏହି ପ୍ରାଙ୍ଗଣରେ ୫୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ,୨ଟି ସ୍ଥାନରେ ମଣ୍ଡି,ଖଳା ଏବଂ କାର୍ଯ୍ୟାଳୟ ଗୃହ ସହ ପାଚେରୀ ନିର୍ମାଣ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ଚାଷୀଙ୍କ ସ୍ୱାର୍ଥରେ ଲାଗିପାରି ନ ଥିବାରୁ ଅସନ୍ତୋଷ ଦେଖାଯାଇଥିଲା। ଗତ କିଛି ମାସ ତଳେ ବିଧାନସଭାର ଷ୍ଟାଣ୍ଡିଙ୍ଗ କମିଟି ଭାପୁର ଗସ୍ତ ସମୟରେ ସ୍ଥାନୀୟ ଚାଷୀମାନେ ଏହି ସମସ୍ୟା କୁ ଦୃଷ୍ଟି ଆକର୍ଷଣ କରିଥିଲେ। ଜ଼ିଲ୍ଲାର ଜ଼ିଲ୍ଲାପାଳ ତଥା ତିନିତିନି ଥର ବିଧାୟକ ବଦଳିଲେ ମଧ ଭାପୁର ଅଂଚଳର ଜନସ୍ୱାର୍ଥ ବାହାଡାଝୋଲା ପ୍ରାଙ୍ଗଣ କାର୍ଯ୍ୟକ୍ଷମ କରିବା ପାଇଁ କାହାର ଇଛାଶକ୍ତି ନ ଥିବାଭଳି ମନେ ହେଉଥିଲା । ଏହି ବଜ଼ାର ପ୍ରାଙ୍ଗଣର ମୁଖ୍ୟ ଫାଟକ ଭାଙ୍ଗିବା ସହିତ ଗୃହ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା ।

ଷ୍ଟାଣ୍ଡିଂ କମିଟି ଏହି ସମସ୍ୟାକୁ ଗୁରୁତର ସହ ବିଚାର କରି ନୟାଗଡ଼ ଜ଼ିଲ୍ଲାପାଳ ମଧୁମିତା ରଥଙ୍କୁ ପଦକ୍ଷେପ ନେଇ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୟାଗଡ଼ ଜ଼ିଲ୍ଲାପାଳ ଶ୍ରୀମତୀ ରଥ ଷ୍ଟାଣ୍ଡିଂ କମିଟିର ନିର୍ଦ୍ଦେଶକୁ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟକ୍ଷମ କରିବା ଦିଗରେ ଆଗେଇ ଥିବାରୁ ଭାପୁର ଅଞ୍ଚଳର କୃଷକମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି।

# ପାନପୋଷ ରୋଡର ମା ତାରିଣୀ ମନ୍ଦିର ଓଡ଼ିଶା ସରକାରଙ୍କ ହାତକୁ ଗଲା

ରାଉରକେଲା, ୧୬।୩ (ନିପ୍ର): ପାନପୋଷ ରୋଡ ସିଭିଲ୍ ଟାଉନସିପ୍ ଅଞ୍ଚଳରେ ଥିବା ମା' ତାରିଣୀ ମନ୍ଦିରର ମା' ତାରିଣୀ ପରିଚାଳନା ସମିତିକୁ ରାଜ୍ୟ ସରକାର, ଓଡ଼ିଶା ଧାର୍ମିକ ହିନ୍ଦୁ ଐତିହ୍ୟ ଆଇନ ୧୯୫୧ ଅନୁଯାୟୀ ଓଡ଼ିଶା ରାଜ୍ୟ ସରକାର ଦ୍ୱାରା ହାତକୁ ନିଆଯାଇଛି ବୋଲି ଏହାର ଏକ ସରକାରୀ ଆଦେଶନାମା ଜାରି କରାଯାଇଛି। ସମ୍ବଲପୁରର ଅତିରିକ୍ତ ସହାୟକ ଐତିହ୍ୟ କମିଶନର ୨୦୨୫ ଡିସେମ୍ବର ୬ ତାରିଖରେ ନୂତନ ଟ୍ରଷ୍ଟିଙ୍କ ନିଯୁକ୍ତି ନେଇ ମନ୍ଦିର ସମିତିକୁ ଅବଗତ କରାଇଥିଲେ। ଏଠାରେ ସ୍ମରଣଯୋଗ୍ୟ ଯେ, ମା ତାରିଣୀଙ୍କ ପ୍ରତିମା ୧୯୭୫ ମସିହାରେ ବାବା ଗଙ୍ଗାଧର ଦାସଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। କିଛି ବର୍ଷ ପରେ ପରବର୍ତ୍ତୀ ସମୟରେ ଭଗବାନ ହନୁମାନଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର, ସେହିଭଳି ମା ଲକ୍ଷ୍ମୀ ମନ୍ଦିର ମଧ ନିର୍ମିତ ହୋଇଥିଲା। ପରେ ପରେ କଲ୍ୟାଣ ମଣ୍ଡପ ନିର୍ମାଣ ମଧ୍ୟ ହୋଇଥିଲା। ପ୍ରତିବର୍ଷ ମନ୍ଦିର ପରିସରରେ ଅଷ୍ଟ ପ୍ରହରୀ, ଚୈତ୍ର ମଙ୍ଗଳବାର, ଝାମୁ ଯାତ୍ରା, ଅକ୍ଷୟ ତୃତୀୟା, ରଥଯାତ୍ରା, ନବରାତ୍ର, ଗୀତା ଯଜ୍ଞ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଗତ ବର୍ଷ ନୂତନ ମା ତାରିଣୀ ମନ୍ଦିରର ପ୍ରତିଷ୍ଠା ନିର୍ମଳ ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଓ ସଦସ୍ୟମାନଙ୍କ ଦ୍ୱାରା



କରାଯାଇଥିଲା। ପୂର୍ବରୁ ଥିବା ମା ତାରିଣୀ ମନ୍ଦିର ପରିଚାଳନା କମିଟିକୁ ରାଜ୍ୟ ସରକାର ହାତକୁ ନେବା ପରେ ଏହା ମା ତାରିଣୀ ଠାକୁରାଣୀ ଟ୍ରଷ୍ଟ ନାମରେ ପରିଚିତ ହୋଇଛି। ୨୦୨୬ ଜାନୁଆରୀ ୩୦ ତାରିଖରେ ମନ୍ଦିର ପରିସରରେ ଏକ ଟ୍ରଷ୍ଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନିର୍ମଳ ଚନ୍ଦ୍ର ରାଉତରାୟଙ୍କୁ ଟ୍ରଷ୍ଟ ବୋର୍ଡର ପରିଚାଳନା ଟ୍ରଷ୍ଟି ଭାବରେ ନିର୍ବାଚିତ କରାଯାଇଛି। ଟ୍ରଷ୍ଟର ନାମ ଶ୍ରୀ ମା ତାରିଣୀ ଠାକୁରାଣୀ ଟ୍ରଷ୍ଟ ଭାବରେ ସ୍ଥିର କରାଯାଇଛି। ନୂତନ ଶ୍ରୀ ମା ତାରିଣୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଭାବରେ ରାଉରକେଲା ତହସିଲଦାର ଉଦିତନଗର (ଟ୍ରଷ୍ଟି), ରଘୁନାଥପାଲ୍ଲି ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଯ (ଟ୍ରଷ୍ଟି)ଙ୍କ ସମେତ ପରିଚାଳନା ଟ୍ରଷ୍ଟି ଭାବରେ ନିର୍ମଳ ଚନ୍ଦ୍ର ରାଉତରାୟ ପ୍ରମୁଖ ରହିଛନ୍ତି।

# ବର୍ଷିଆନ କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ଭଦ୍ରକ, ୧୬।୩ (ନିପ୍ର); ୧୯୭୦ ଦଶକରୁ ତିହିଡି ବ୍ଲକର ଚାଷୀ, ଭାଗଚାଷୀ ଓ ଶ୍ରମଜୀବି ମଣିଷଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ଲଢେଇ କରି ଆସିଥିବା ବର୍ଷିଆନ କମ୍ୟୁନିଷ୍ଟ ନେତା ସନାତନ ଦାସ ୮୦ ବର୍ଷ ବୟସରେ ବାର୍ଦ୍ଧକ୍ୟତା ରୋଗ ଯୋଗୁଁ ମୃତ୍ୟୁ ବରଣ କରିଛନ୍ତି । ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ବିଶିଷ୍ଟ ବ୍ୟକ୍ତି , ଜ୍ଞାତି କୁଟୁମ୍ବ ଓ ଗ୍ରାମବାସୀ ମାନେ ତାଙ୍କ ଶବାଧାରରେ ସାମିଲ ହୋଇ ପୁଷ୍ପ ଅର୍ପଣ କରିଥିଲେ ।କମ୍ରେଡ ସନାତନ ଦାସ-ଲାଲ ସଲାମ୍ ଧ୍ୱନିରେ ଦୌଲତପୁର ପଞ୍ଚାୟତ ପ୍ରକମ୍ପିତ ହୋଇଥିଲା । ଶେଷରେ ତାଙ୍କ ମରଶରୀରକୁ ତାଙ୍କ ଘରବାଡିରେ ଦାହ କରାଯାଇଥିଲା । ଏହି ଶବ ଶୋଭାଯାତ୍ରାରେ ସିପିଆଇ ଭଦ୍ରକ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇ ର ବରିଷ୍ଠ ନେତା ସନ୍ଥ ଚରଣ ବିଶ୍ୱାଳ, ରମେଶ ଜେନା, ଗୌରହରି ମିଶ୍ର, ଭାଗିରଥି ରାଉତ, ନାରାୟଣ ତ୍ରିପାଠୀ, ରବିନ୍ଦ୍ର ବାରିକ୍, ଅଖାଳୁ ବାରିକ୍, ସନାତନ ବାବୁଙ୍କ ବଡପୁତ୍ର ରେଳ ଅଫିସର କାଶିନାଥ ଦାସ ପ୍ରମୁଖ ସାମିଲ ହୋଇ ବର୍ଷିଆନ କମ୍ୟୁନିଷ୍ଟ ନେତା ସନାତନ ଦାସ ଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ପୁଲିସ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ରମ୍ଭା, ୧୬।୩ (ନିପ୍ର); ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ପ୍ରଶାସନ ପକ୍ଷରୁ ପୃଥକ ପୃଥକ ଭାବେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇଙ୍କ ପରାମର୍ଶ କ୍ରମେ ଗଞ୍ଜାମ ଓ ରମ୍ଭା ଥାନା ପକ୍ଷରୁ ବଟେଶ୍ୱର ଓ ଗୋଖରକୁଦା ନିକଟସ୍ଥ ବେଳାଭୂମି ସଫେଇ କରାଯାଇଛି । ପ୍ରସିଦ୍ଧ ବଟେଶ୍ୱର ପ୍ରାଙ୍ଗଣ ସହ ବେଳାଭୂମି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରାଯାଇଥିଲା। ରମ୍ଭା ଥାନା ଅଧିକାରୀ କୁମର ମୁଦୁଲିଙ୍କ ନେତୃତ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ବଟେଶ୍ୱର ଐତିହ୍ୟ ସରଂକ୍ଷଣ ପରିଚାଳନା କମିଟିର ଛଅ ଖଣ୍ଡ ଗ୍ରାମର ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ । ରମ୍ଭା ଥାନା ଏଏସଆଇ ପ୍ରଶାନ୍ତ ପ୍ରଧାନ, ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ବେଣିଆ, ଉପଦେଷ୍ଟା ଦିଲ୍ଲୀପ କୁମାର ଛୋଟରାଏ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ ପଲାଇଙ୍କ ସମେତ ସମସ୍ତ ସଦସ୍ୟ ଓ ଓଡିଶା ଅନୁଷ୍ଠାନ ବିପଦର ବନ୍ଧୁର ପ୍ରକାଶ ଚନ୍ଦ୍ର ନାୟକ,ଶୁଭମ ନାୟକ, ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗୋଖରକୁଦା ବେଳାଭୂମି ସଫେଇରେ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ଏ ଏସଆଇ ସୁଦୀପ୍ତ କୁମାର ସାହୁ, ସୁପ୍ରଭା ସାହୁଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଚଳିତ ବର୍ଷ ହେବାକୁ ଥିବା ଅଲିଭରିଡଲେଙ୍କ ସୁରକ୍ଷିତ ସାମୂହିକ ଅଣ୍ଡାଦାନକୁ ଦୃଷ୍ଟିରେ ରଖି ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିବା କୁହାଯାଇଛି ।

# ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ନବବର୍ଷ ପାଳନ ପାଇଁ ଦାବି

କଟକ, ୧୬।୩ (ନିପ୍ର); ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘ ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ଏକ ପତ୍ର ଲେଖି ଏହି ଦାବି ଉପସ୍ଥାପନ କରିଛନ୍ତି। ଉକ୍ତ ପତ୍ରରେ ସେ ଲେଖିଛନ୍ତି ଯେ, ଜାନୁଆରି ପହିଲା ଆମର ନିଜସ୍ୱ ନୂଆବର୍ଷ ନୁହେଁ। ଇଂରେଜମାନେ ଏହି ଦିନକୁ ନବବର୍ଷ ଭାବେ ଆମ ଉପରେ ଲଦିଦେଇଛନ୍ତି। ଚୈତ୍ର ଶୁକ୍ଳ ପ୍ରତିପଦା ବା ବର୍ଷ ପ୍ରତିପଦା ହିଁ ଆମ ନିଜର ନୂଆବର୍ଷ ଅଟେ। ଆମର ପରମ୍ପରା ଅନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ। ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଅଛି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଚୈତ୍ରମାସ ଶୁକ୍ଳପକ୍ଷର ପ୍ରଥମ ଦିନକୁ ରାଷ୍ଟ୍ରୀୟ ନବବର୍ଷ ରୂପେ ପାଳନ କରାଗଲେ ଆମର ଛାତ୍ରଛାତ୍ରୀମାନେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧରେ ଜ୍ଞାତ ହେବା ସଙ୍ଗେସଙ୍ଗେ ସେମାନଙ୍କ ମନରେ ରାଷ୍ଟ୍ରପ୍ରେମ ଜାଗ୍ରତ ହୋଇପାରିବ ବୋଲି ଡକ୍ଟର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଲିଖିତ ଚିଠିରେ ଉଲ୍ଲେଖ କରିଛନ୍ତି।

# ମହାବାରୁଣୀ ସ୍ନାନ ନିମନ୍ତେ ପ୍ରସ୍ତୁତି

ଆସିକା, ୧୬।୩ (ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ଏବଂ ବରଗାଁ ନିକଟସ୍ଥ ପୂନ୍ୟତୋୟା ଋଷିକୂଲ୍ୟା ନଦୀରେ ଆସନ୍ତା ମଙ୍ଗଳବାର ହେବାକୁ ଥିବା ପବିତ୍ର ମହାବାରୁଣୀ ସ୍ନାନ ନିମନ୍ତେ ଭକ୍ତ ମାନଙ୍କ ଶାନ୍ତି ଶୃଙ୍ଖଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଥାନା ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୭ ତାରିଖ ମଙ୍ଗଳବାରରେ ଅନୁଷ୍ଠିତ ହେବାକୁ ଥିବା ଋଷିକୂଲ୍ୟା ଓ ବଡ଼ ନଦୀର ସଙ୍ଗମ ସ୍ଥଳରେ ହେବାକୁ ଥିବା ମହାବାରୁଣୀ ସ୍ନାନ ଅବସର ରେ ହଜାର ହଜାର ଲୋକ ଉପସ୍ଥିତ ରହି ପିତୃ ପୁରୁଷଙ୍କ ପିଣ୍ଡ ଦାନ, ଅସ୍ଥି ବିସର୍ଜନ, ଏବଂ ସଙ୍ଗମ ସ୍ଥାନ ରେ ସାନ୍ନ ନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଆସିକା ଥାନା ଅଧିକାରୀ ସୁଧୀର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଟିନାଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ,ଆସିକା ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନା, ଏ ଏସ ଆଇ ସୁଭାଶିଷ ସ୍ୱାଇଁ, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ବାରୁଣୀ ସମୟରେ ଭକ୍ତ ମାନଙ୍କ ପାଇଁ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଟ୍ରାଫିକ ସମସ୍ୟା, ଆଲୋକୀକରଣ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ପାର୍କିଙ୍ଗ,ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା । ଋଷିକୂଲ୍ୟା ଓ ବଡ଼ ନଦୀରେ ବର୍ତ୍ତମାନ ଶୁଖିଲା ପଡିଛି । ଏଥିରେ ପାଣି ଛାଡନଗଲେ ବାରୁଣୀ ବୁଡ ହେବା ସମ୍ଭବ ପର ହେବ ନାହିଁ । ତେଣୁ ଜଳ ସମ୍ପଦ ବିଭାଗ ଉପର ମୁଣ୍ଡ ରୁ ଜଳ ଛାଡିବାକୁ ଅନୁରୋଧ କରାଗଲା ।

# ଟମାଟୋର ଅଭାବୀ ବିକ୍ରିର ସମ୍ମୁଖୀନ ଚାଷୀ, ଶୀତଳଭଣ୍ଡାର ଶୂନ

ରାୟଗଡା, ୧୬।୩ (ନିପ୍ର) ରାୟଗଡା ଜିଲ୍ଲା ଅନ୍ତର୍ଗତ କଲ୍ୟାଣସିଂହପୁର ପ୍ରାୟ ପାଞ୍ଚ ବର୍ଷ ପୂର୍ବରୁ ରାୟଗଡା ଜିଲ୍ଲାର କିଛି ବ୍ଲକରେ ଆରମ୍ଭ ହୋଇଥିବା ଉନ୍ନତ ପ୍ରଣାଳୀରେ ଟମାଟ ଚାଷ ଚଳିତ ବର୍ଷ କ୍ଷତି ପଡି ମାନସିକ ଯନ୍ତ୍ରଣା ପାଇବା ଛଡା କିଛି ନୁହଁ ବୋଲି ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ। ଗତ ଜାନୁଆରୀ ୨୦ ପର ଠାରୁ ରାୟଗଡା ଜିଲ୍ଲାର ବିଭନ୍ନ ବ୍ଲକରେ ଉନ୍ନତ ପ୍ରଣାଳୀରେ କରୁଥିବା ଟମାଟୋ ଚାଷୀ ଅଭାବୀ ବିକ୍ରିରେ ଶିକାର ହୋଇ କ୍ଷତିରେ ପଡି ହନ୍ତସନ୍ତ ହେଉଛନ୍ତି।ବଜାରରେ ପରିପରିବା ଦର ଆକାଶଛୁଆଁ ରହିଥିବା ସ୍ଥଳେ ବିଭିନ୍ନ ପରିବା କିଲୋ ୬୦ରୁ ୭୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଟମାଟ ଦର ସମ୍ପ୍ରତି ରସାତଳକୁ ଖସି ଯାଇଛି ବୋଲି ସେହି ଅଞ୍ଚଳର ଚାଷୀ ଏଁକିଟି ପାଢ଼ୀ କହିଛନ୍ତି। ଟମାଟୋର ଦର ରାୟଗଡା ଜିଲ୍ଲା ସମସ୍ତ ବ୍ଲକ ଓ ସଦର ମହାକୁମା ବଜାରରେ କିଲୋ ୧୮ ଟଙ୍କାରୁ ୨୦ଟଙ୍କା ରେ ବିକ୍ରି ହେଉଛି । କିନ୍ତୁ ରାୟଗଡା, କଲ୍ୟାଣସିଂହପୁର, ବିଷମ କଟକ, ମୁନିଗୁଡା, ଅମ୍ଳଭଟାରେ ପ୍ରାୟ ଶହେ ଏକରରୁ ଅଧିକ ଉନ୍ନତ ପ୍ରଣାଳୀ ରେ କରୁଥିବା ଚାଷୀଙ୍କ ଟମାଟ ବିକ୍ରି ହେଉନଥିବାରୁ ଗଛରେ ହଜାର ହଜାର ଟ୍ରେ (ଥାଳିଆ) ଟମାଟ ପାଚି ପାଚି ସଡ଼ି ଯାଉଥିବାରୁ ଚାଷୀମାନେ ଚିନ୍ତାରେ ପଡି ଯାଇଛନ୍ତି। ଏକର ପିଛା ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କାରି ଥିଲେ ମଧ ଭଲ କରି ବିକ୍ରି କରି ପାରିନଥିବାରୁ ସେମାନଙ୍କ ନିଦ ହଜି ଯାଇଥିବା ନୀଳିମା ଦୁଃଖର ସହ କହିଛନ୍ତି।ଚାଷୀଙ୍କ ବିଲରେ ଦର ରହିଛି ମାତ୍ର ୨ ଟଙ୍କା,



କେହି ବେପାରୀ ନେବାପାଇଁ ରାଜି ହେଉନଥିବାରୁ ଗଛରେ ପାଚି ରହିଛି। ଟମାଟୋ ତୋଳିବା ପାଇଁ ଶ୍ରମିକଙ୍କୁ ଦେବା ପାଇଁ ଟଙ୍କା ଆସୁନଥିବାରୁ ଚିନ୍ତାରେ ପଡି ଯାଇଛନ୍ତି ଖୋଦ ଚାଷୀ । ବେପାରୀ ମାନେ ଡାଷୀଙ୍କ ଠାରୁ କମ୍ ଦରରେ ରେ କିଣି ବଜାର ରେ ଅଧିକ ଟଙ୍କାରେ ବିକ୍ରି କରି ଭଲ ଲାଭ ଉଠାଉଛନ୍ତି ବେପାରୀ । ସରକାରଙ୍କ ପକ୍ଷରୁ ଜିଲ୍ଲାରେ କିମ୍ବା କଲ୍ୟାଣସିଂହପୁର ବ୍ଲକରେ ଶୀତଳ ଭଣ୍ଡାର ନଥିବାରୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି ଓ ଟମାଟୋ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ବୋଲି ଟମାଟ ଚାଷୀ ଅଭିଯୋଗ କରିଛନ୍ତି। କମ୍ ଦରରେ ମିଳୁଥିବା ଟମାଟୋ କୁ ବାହାର ରାଜ୍ୟର ବ୍ୟବସାୟୀ କିଣି ନେଇ କିଛି ଦିନ ଶୀତଳ ଭଣ୍ଡାର ରେ ଗଛିତ ରଖି ପୁଣି ଚଢା ଦରରେ ବିକ୍ରି କରିବେ । କିନ୍ତୁ ଚାଷୀ ଚାଷ ଦୂରର କଥା ତୋଳିବା ଟଙ୍କା ପାଉନଥିବା କ୍ଷୋଭର ସହ ଜିଲ୍ଲାର ଚାଷୀମାନେ ପ୍ରକାଶ କରିଛନ୍ତି। ଟମାଟୋ ଟ୍ରେ(ପେଟି) ପିଛା ୩୦ ଟଙ୍କା ଦରରେ ବିକ୍ରି କରାଯାଉଛି । ଗୋଟିଏ ଟ୍ରେରେ (ପେଟି ) ୨୭ କେଜି ଟମାଟୋ ରହୁଛି ଓ ଅର୍ଥାତ କିଲୋ ପିଛା ଟମାଟୋ ଦର ଟଙ୍କାରୁ କିଛି ପଇସା ମାତ୍ର ପଡୁଛି । ହୋଲସେଲର ବଜାର ରେ ଏହାକୁ ଖୁଚୁରା ବେପାରୀମାନଙ୍କୁ ବିକ୍ରି କରୁଛନ୍ତି। ଖୁଚୁରା ବେପାରୀ ମାନେ ପ୍ରତି ୧୫ଟଙ୍କାରୁ ୨୦ଟଙ୍କା ରେ ବିକ୍ରି କରୁଛନ୍ତି।ପୂର୍ବରୁ ଟମାଟୋ ଚାଷ ନିକଟରେ ପ୍ରତି ଦିନ ୨ ଟି କିମ୍ବା ୩ ଟି ପିକଅପ ଭ୍ୟାନରେ ଟ୍ରକ, ଆଇଚର ଯୋଗେ ଟମାଟୋ ପଠାଯାଉଥିଲା । ମାତ୍ର ଦର ଦିନକୁ ଦିନ ତଳ ମୁହାଁ ହେଉଥିବା ବେଳେ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ସଂରକ୍ଷଣ ପାଇଁ କୌଣସି ସ୍ଥାନ ନାହିଁ।ଚାଷୀ ହିଁ କେବଳ ଅଭାବୀ ବିକ୍ରିର ଶିକାର ହେଉଛି ସରକାରୀ କଳ ଏଥି ପ୍ରତି ଦୃଷ୍ଟି ଦେଉନାହାନ୍ତି। ଲୋକଙ୍କ ସରକାର ପୂର୍ବନିର୍ବାଚନରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରସଙ୍ଗ ଉଠାଇବା ସହ ବ୍ଲକ କଣ ସମସ୍ତ ପଞ୍ଚାୟତକୁ ଏକ ସୁବିଧା ସ୍ଥାନ ନିରୂପଣ କରି ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଇତି ମଧରେ ଦୁଇବର୍ଷ ବିତିବାକୁ ଯାଉଥିଲେ ମଧ ମନେ ପଡୁ ନଥିବା ଦୁର୍ଭାଗ୍ୟ ଜନକ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ଓ ନିର୍ବାଚନ ଜିତିଗଲା ପରେ ଏ ନେଇ କୌଣସି ଆନ୍ତରିକତା ଦେଖାଉନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି।

ଆମେ ସବୁ ଚାଷୀ ଡବଲ ଇଞ୍ଜିନ ସରକାର ଗାଦିନାସିନ ହେଲେ ଚାଷକୁ ପ୍ରାଥମିକତା ଦିଆଯାଇ ସବୁ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି ଚାଷୀଙ୍କ ମନରେ ଆଶା ଭରି ଏବେ ସବୁକଥା ଭୁଲି ଚାଷୀଙ୍କ ସମସ୍ୟା ପ୍ରତି ଆଖି ବୁଜିଦେଇ ସରକାର ଚୁପ ବସି ଚାଷୀଙ୍କ କଷ୍ଟକୁ ନିଜ କଷ୍ଟ ବୋଲି ନ ଭାବିଲେ ଚାଷୀକୁଳଙ୍କ ପରିବାର ଚଳେଇବା କଷ୍ଟକର ହୋଇଯିବାୟ। କିଛି ବଡ କଥା ନାହିଁ ବୋଲି ଚାଷୀମାନେ କହିଥିଲେ। ସରକାର ଆମ ସମସ୍ୟା ବିଚାରକୁ ନେଇ ଯଥାଶୀଘ୍ର ସବୁ ବ୍ଲକ ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଶକ୍ତ କରନ୍ତୁ ବୋଲି ନିବେଦନ କରିଛନ୍ତି।

# ଇରାନର ଆର୍ମେନିଆ ଦେଇ ୫୫୦ ଭାରତୀୟଙ୍କୁ ଉଦ୍ଧାର



ନୂଆଦିଲ୍ଲୀ, ୧୬/୩: ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ରହିଥିବାବେଳେ ଭାରତ ସରକାର ଆନ୍ତଃ ମନ୍ତ୍ରିସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ଏଲପିଜି ଯୋଗାଣ, ଗଲ୍ଫ ଅଞ୍ଚଳରେ ଥିବା ପରିବହନ ଜାହାଜ ଓ ଭାରତୀୟଙ୍କ ନାଗରିକଙ୍କ ପ୍ରତ୍ୟାବର୍ତ୍ତନ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଭାରତ ଏହାର ନାଗରିକଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ସମସ୍ତ ପ୍ରୟାସ ଜାରି ରଖିଛି। ଇତିମଧ୍ୟରେବିଦେଶ ମନ୍ତ୍ରୀ ଏସ୍ ଇରାନରୁ ୫୫୦ରୁ ଅଧିକ ଭାରତୀୟଙ୍କୁ ଫେରାଇ ଅଣାଯାଇଛି। ଆର୍ମେନିଆ ଦେଇ ଭାରତୀୟମାନେ ନୂଆଦିଲ୍ଲୀ ଫେରିଛନ୍ତି। ଜୟଶଙ୍କର ସୋମବାର ସ୍ଥଳ ସୀମା ପରିବହନକୁ ସହଜ କରିବା ପାଇଁ ଆର୍ମେନିଆର ସରକାର ଏବଂ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜୟଶଙ୍କର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଏପରି କଷ୍ଟକର ସମୟରେ ଭାରତକୁ ସହାୟତା କରିଥିବାରୁ ଆର୍ମେନିଆର ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ଆନ୍ତଃ ମନ୍ତ୍ରିସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ତେହେରାନ ସ୍ଥିତ ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ନିରାପଦ ସ୍ଥାନାନ୍ତର ପାଇଁ ସୀମାରେ ଭିସା ଏବଂ ପ୍ରବାସନ ଔପଚାରିକତାରେ ସହାୟତା କରିଥିଲା। ଆର୍ମେନିଆ ବ୍ୟତୀତ, ଦୂତାବାସର ସହାୟତାରେ ପ୍ରାୟ ୯୦ ଜଣ ଭାରତୀୟ ନାଗରିକ ମଧ୍ୟ ଇରାନରୁ ଆଜରବାଇଜାନକୁ ପ୍ରବେଶ କରିଛନ୍ତି। ଇରାନରୁ ଆସିଥିବା ୫୫୦ ଭାରତୀୟ ନାଗରିକଙ୍କ ମଧ୍ୟରେ ୨୮୪ ଜଣ ଶ୍ରଦ୍ଧାଳୁ ଅଛନ୍ତି। ଜୟସ୍ୱାଲ କହିଛନ୍ତି, ଯୁଦ୍ଧସ୍ଥିତି ମଧ୍ୟରେ ତେହେରାନରେ ଥିବା ଭାରତୀୟ ଦୂତାବାସ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ଓ ତେହେରାନ ବାହାରେ ଥିବା ଭାରତୀୟଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବାରେ ସାହାଯ୍ୟ କରୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଏହାପୂର୍ବରୁ କହିଥିଲା ଯେ, ୯୦୦୦ ଭାରତୀୟ ବର୍ତ୍ତମାନ ଇରାନରେ ଫସି ରହିଛନ୍ତି।

## ଇସ୍ରାଏଲୀ ଗୁପ୍ତଚର ନେଟୱାର୍କ ଉପରେ ଇରାନ କଡ଼ା ଆକ୍ସନ୍, ୨୦ ଜଣ ଗିରଫ



ତେହରାନ,୧୬/୦୩: ଯୁଦ୍ଧ ବେଳେ ଇସ୍ରାଏଲ ପାଇଁ ଗୁଇନ୍ଦାଗିରି କରିବା ଅଭିଯୋଗରେ ଇରାନରେ ୨୦ ଜଣଙ୍କୁ ଗିରଫ କରାଯାଇଛି । ଦେଶର ଉତ୍ତରପଶ୍ଚିମ ଭାଗରେ ଏହି ଗିରଫଦାରି ହୋଇଛି । ରିପୋର୍ଟ ମୁତାବକ, ଅଭିଯୁକ୍ତମାନେ ଇରାନର ସାମରିକ ଓ ରଣନୀତିକ ସମ୍ପତ୍ତି ଓ ଠିକଣା ବାବଦରେ ଇସ୍ରାଏଲକୁ ତଥ୍ୟ ଦେଉଥିଲେ । ଇରାନୀ ସେନାର ଗତିବିଧି ସଂକ୍ରାନ୍ତରେ ସୂଚନା ହାସଲ କରି ସେମାନେ ପଠାଉଥିଲେ । ଏହାଦ୍ୱାରା ଇସ୍ରାଏଲ ସେନା ସଠିକ ଆକ୍ରମଣ କରିବାକୁ ସମର୍ଥ ହେଉଥିବା କୁହାଯାଉଛି । ତେବେ ଏହା ପୂର୍ବରୁ ମଧ୍ୟ ସମାନ ଅଭିଯୋଗରେ ଇରାନ ସରକାର ଅନେକ ଲୋକଙ୍କୁ ଗିରଫ କରିଥିବା ନଜିର ରହିଛି ।

## ଯୁଦ୍ଧ ବନ୍ଦ ହେବ ନାହିଁ, ଆମକୁ ଦେଶର ମାନ୍ୟତା ଦେଉନଥିଲା ଇରାନ: ଇସ୍ରାଏଲ ରାଷ୍ଟ୍ରଦୂତ



ନୂଆଦିଲ୍ଲୀ, ୧୬/୩: ତୈଳ ଏବଂ ଗ୍ୟାସ୍ ସଙ୍କଟ ସମ୍ପର୍କରେ ଭାରତରେ ଅବସ୍ଥାପିତ ଥିବା ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର କହିଛନ୍ତି, ଏହି ସମସ୍ୟା ଛୋଟ; ଆମେ ବିଶ୍ୱକୁ ଏକ ବଡ଼ ସଙ୍କଟରୁ ରକ୍ଷା କରିଛୁ। ଇରାନ ଭବିଷ୍ୟତରେ ପଶ୍ଚିମ ଏସିଆକୁ ଧ୍ୱଂସ କରିଥାନ୍ତା। ତେଣୁ, ଆଜି ଆମେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛୁ ତାହା ଆମେ ରୋକିବାକୁ ଚେଷ୍ଟା କରୁଥିବା ଭବିଷ୍ୟତର ସମସ୍ୟା ଅପେକ୍ଷା ଛୋଟ। ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ଯୋଗୁ ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ଘୋଷଣା କରିଛି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସ୍ପଷ୍ଟ କରିଛନ୍ତି, ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇନି। କେବଳ ଶତ୍ରୁ ଏବଂ ସେମାନଙ୍କର ସହଯୋଗୀଙ୍କ ଜାହାଜ ଏବଂ ଟ୍ୟାଙ୍କର ପାଇଁ ଏହା ବନ୍ଦ ରହିଛି। ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର କହିଛନ୍ତି , ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନର କ୍ଷେପଣାସ୍ତ୍ର କ୍ଷମତାକୁ ନଷ୍ଟ କରିବା ପାଇଁ ଏହି ଅଭିଯାନ ଆରମ୍ଭ କରିଥିଲେ। ଆମେରିକା ପ୍ରଥମେ କୂଟନୀତି ଚେଷ୍ଟା କରିଥିଲା, କିନ୍ତୁ ଇରାନ ମନା କରିଦେଇଥିଲା। ଇରାନ ଶାସନ ବର୍ତ୍ତମାନ ଚାରିଟି ମଧ୍ୟପ୍ରାଚ୍ୟ ଦେଶର ରାଜଧାନୀକୁ ନିୟନ୍ତ୍ରଣ କରୁଛି।ଯଦି ଏହି ପରମାଣୁ-ସଶସ୍ତ୍ର ଶାସନକୁ ବନ୍ଦ କରାଯାଇ ନଥାନ୍ତା ତେବେ ସମଗ୍ର ଆରବ କ୍ଷେତ୍ର ବଡ଼ ବିପଦରେ ପଡ଼ିଥାନ୍ତା। ଇସ୍ରାଏଲର ମୃତାହତ ଏବଂ ଆକ୍ରମଣ ସମ୍ପର୍କରେ, ରୁଭେନ ଆଜାର କହିଛନ୍ତି ଯେ,ଇସ୍ରାଏଲ ଜୁନ୍ ୨୦୨୫ ତୁଳନାରେ ଏଥର କମ୍ କ୍ଷତି ସହିଛି। ତଥାପି, ଇରାନ ଅଧିକ କ୍ଷେପଣାସ୍ତ୍ର ମାଡ଼ କରୁଛି। ଏପରିକି କ୍ଲଷ୍ଟର ବୋମା ମାଡ଼ କରାଯାଉଛି। ଏପର୍ଯ୍ୟନ୍ତ ୧୩ ଜଣ ଇସ୍ରାଏଲ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ କିଛି ଆହତ ହୋଇଛନ୍ତି। ଇରାନ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୧୦ଟି କ୍ଷେପଣାସ୍ତ୍ର ମାଡ଼ କରୁଛି। ଆମେ ନିଶ୍ଚିତ ଯେ ଏହି ସଂଖ୍ୟା ଆହୁରି ହ୍ରାସ ପାଇବ। ଇସ୍ରାଏଲ କିମ୍ବା ଆମେରିକା ଇରାନ ଉପରେ ସ୍ଥଳ ଆକ୍ରମଣ କରିବାକୁ ଚାହୁଁନାହାନ୍ତି, କିନ୍ତୁ ସେ କହିଛନ୍ତି ଆମେ ଏପରି ପରିସ୍ଥିତି ସୃଷ୍ଟି କରୁଛୁ ଯାହା ଇରାନକୁ ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ବାଧ୍ୟ କରିବ। ଇରାନର ଶକ୍ତି ଭିତ୍ତିଭୂମି ସୁରକ୍ଷିତ ରହିଛି।

## ଉପସାଗରକୁ ବିପର୍ଯ୍ୟୟରେ ପକାଇବା ବନ୍ଦ କର

# ନ ହେଲେ ପରିଣାମ ହେବ ଭୟଙ୍କର





ପ୍ୟାରିସ/ତେହେରାନ, ୧୬/୩: ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି। ସେ ମଧ୍ୟପ୍ରାଚ୍ୟରେ ହେଉଥିବା ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ କହିଛନ୍ତି। ମାକ୍ରୋନ ଇରାନ ରାଷ୍ଟ୍ରପତିଙ୍କ ସହ ଏପରି ଏକ ସମୟରେ କଥା ହୋଇଛନ୍ତି ଯେତେବେଳେ ଇରାନ ପକ୍ଷରୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ ଏବଂ କୁୱେତ ଭଳି ଦେଶ ଉପରେ ଲଗାତାର ଆକ୍ରମଣ କରାଯାଉଛି। ମାକ୍ରୋନ ଇରାନକୁ ଚେତାବନୀ ଦେଇଛନ୍ତି ଯେ, ଉତ୍ତେଜନା କ୍ରମାଗତ ବୃଦ୍ଧି ସମଗ୍ର ଅଞ୍ଚଳକୁ ଗଭୀର ଅସ୍ଥିରତା ଏବଂ ଦୀର୍ଘକାଳୀନ ପରିଣାମ ଆଡ଼କୁ ଠେଲି ଦେଇପାରେ। ମାକ୍ରୋନ କହିଛନ୍ତି, ଇରାନ ଏବଂ ଏହାର ପ୍ରକ୍ସି ସଂଗଠନ ହିଜବୋଲ୍ଲା, ହୁଥି କିମ୍ବା ଅନ୍ୟାନ୍ୟ ମିଲିସିଆ ଦ୍ୱାରା କରାଯାଉଥିବା ଆକ୍ରମଣକୁ ତୁରନ୍ତ ବନ୍ଦ କରନ୍ତୁ। ମାକ୍ରନ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ମୁଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ କଥା ହୋଇଛି। ଇରାନ ଏହି ଅଞ୍ଚଳର ଦେଶଗୁଡ଼ିକ ବିରୋଧରେ ସିଧାସଳଖ କିମ୍ବା ଲେବାନନ ଏବଂ ଇରାକ ସମେତ ଏହାର ସହଯୋଗୀ ମାଧ୍ୟମରେ ଯେଉଁ ଅଗ୍ରହଣୀୟ ଆକ୍ରମଣ କରୁଛି ତାହା ତୁରନ୍ତ ବନ୍ଦ କରିବାକୁ ମୁଁ ତାଙ୍କୁ ଅନୁରୋଧ କରିଛି। ମୁଁ ତାଙ୍କୁ ମନେ ପକାଇ ଦେଇଛି ଯେ ଫ୍ରାନ୍ସ ଏକ ସମ୍ପୂର୍ଣ୍ଣ ପ୍ରତିରକ୍ଷା ଢାଞ୍ଚା ମଧ୍ୟରେ କାର୍ଯ୍ୟ କରେ। ଆମର ଲକ୍ଷ୍ୟ ହେଉଛି ଆମ ସ୍ୱାର୍ଥ, ଆମର ଆଞ୍ଚଳିକ ସହଯୋଗୀ ଦେଶମାନଙ୍କର ସ୍ୱାର୍ଥ ଏବଂ ନୌଚାଳନା ସ୍ୱାଧୀନତା। ଏବଂ ଆମ ଦେଶକୁ ଟାର୍ଗେଟ କରାଯିବା ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ। ଆମେ ଯେଉଁ ଉତ୍ତେଜନାର ଅନିୟନ୍ତ୍ରିତ ବୃଦ୍ଧି ଦେଖୁଛୁ ତାହା ସମଗ୍ର ଅଞ୍ଚଳକୁ ଅରାଜକତା ଭିତରକୁ ଠେଲି ଦେଉଛି । ଯାହାର ଗମ୍ଭୀର ପରିଣାମ ଏବେ ଅନୁଭବ କରାଯାଉଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଅନୁଭବ କରାଯିବ। ଏହି ଅଞ୍ଚଳର ଅନ୍ୟ ଲୋକଙ୍କ ପରି ଇରାନର ଲୋକମାନେ ମଧ୍ୟ ଯୁଦ୍ଧ ଯୋଗୁ ବହୁମୂଲ୍ୟ ଦେଉଛନ୍ତି। କେବଳ ଏକ ନୂତନ ରାଜନୈତିକ ଏବଂ ସୁରକ୍ଷା ଢାଞ୍ଚା ସମସ୍ତଙ୍କ ପାଇଁ ଶାନ୍ତି ଏବଂ ସୁରକ୍ଷା ସୁନିଶ୍ଚିତ କରିପାରିବ। ଏପରି ଢାଞ୍ଚା ନିଶ୍ଚିତ କରିବା ଉଚିତ ଯେ, ଇରାନ କେବେ ବି ପରମାଣୁ ଅସ୍ତ୍ର ହାସଲ କରିବ ନାହିଁ। ନିଜର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏହାର ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହୋଇଥିବା ବିପଦର ମଧ୍ୟ ସମାଧାନ କରିବା ଆବଶ୍ୟକ। ମାକ୍ରନ୍ ଇରାନକୁ ହର୍ମୁଜ୍ ପ୍ରଣାଳୀ ବିଷୟରେ ଚେତାବନୀ ଦେଇ ଲେଖିଛନ୍ତି, ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ଯଥାଶୀଘ୍ର ପୁନଃସ୍ଥାପିତ ହେବା ଆବଶ୍ୟକ। ଇରାନ ଏହି ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ କରୁଛି, ଯାହା ଫଳରେ ବିଶ୍ୱରେ ଗ୍ୟାସ୍ ଏବଂ ତୈଳ ସଙ୍କଟ ବୃଦ୍ଧି ପାଉଛି।

### ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି

## ଆୟରଲ୍ୟାଣ୍ଡରେ ଜରୁରୀ ଅବତରଣ



ନୂଆଦିଲ୍ଲୀ, ୧୬ ।୩: ନ୍ୟୁୟର୍କରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ଏୟାର ଇଣ୍ଡିଆ ଇ୩୫୦ ବିମାନରେ ଯାନ୍ତ୍ରିକ ତ୍ରୁଟି। ସୋମବାର ସକାଳେ ଦେଖାଯାଇଥିଲା ଯାନ୍ତ୍ରିକ ତ୍ରୁଟି କାରଣରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆୟରଲ୍ୟାଣ୍ଡର ଶେଶନ୍ ବିମାନବନ୍ଦରରେ କରିଛି ଜରୁରୀ ଅବରତରଣ। ବିମାନଟି ପ୍ରାୟ ୩୦୦ ଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିଲା। ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି, ୧୫ ମାର୍ଚ୍ଚରେ ନ୍ୟୁୟର୍କ (ଜେଏଫ୍‌କେ)ରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବିମାନ ଇଓ୧୦୨କୁ ସମ୍ଭାବିତ ଯାନ୍ତ୍ରିକ ସମସ୍ୟା ପରେ ଆୟରଲ୍ୟାଣ୍ଡ ଆଡକୁ ଡାଇଭର୍ଟ କରାଯାଇଛି। ଏୟାରଲାଇନ୍ସ ଅନୁସାରେ, ବିମାନ ସ୍ଥାନୀୟ ସମୟ ଅନୁସାରେ, ସକାଳ ୪ଟା ୩୦ ମିନିଟରେ ଶେଶନ୍ ଏୟାରପୋର୍ଟରେ ସୁରକ୍ଷିତ ଲ୍ୟାଣ୍ଡିଂ କରାଯାଇଥିଲା। ସବୁ ଯାତ୍ରୀ ଓ ଚାଳକ ଦଳ ସୁରକ୍ଷିତ ଅଛନ୍ତି। ଅସୁବିଧା ପାଇଁ ଆମେ ଦୁଃଖିତ। ଆମେ ନିଜର ଯାତ୍ରୀ ଓ କ୍ରୁ ମେମ୍ବରଙ୍କ ସଦସ୍ୟଙ୍କୁ ସବୁ ଜରୁରୀ ସହାୟତା ଉପଲବ୍ଧ କରିବା ପାଇଁ ଶେଶନ୍ ବିମାନବନ୍ଦର ଅଧିକାରୀ ଓ ସ୍ଥାନୀୟ ଏଜେନ୍ସିଙ୍କ ସହିତ ମିଶିକି କାମ କରୁଛୁ। ମୁଖପାତ୍ର କହିଛନ୍ତି, ବିମାନର ସୁରକ୍ଷା ମାନକ ଅନୁସାରେ, ବିସ୍ତୃତ ଟେକ୍ନୋଲୋଜିର ଯାଞ୍ଚ କରାଯାଉଛି। ଏୟାର ଇଣ୍ଡିଆ କହିଛି ଯାତ୍ରୀଙ୍କ ସୁରକ୍ଷାର ସର୍ବୋଚ୍ଚ ପ୍ରାଥମିକତା ରହିଛି ଓ ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଇଛି। ଫ୍ଲାଇଟ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟରାଡାର ୨୪ର ସଂଖ୍ୟା ଅନୁସାରରେ ବିମାନ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଆକାଶମାର୍ଗରେ ରହିବା ପରେ ଶେଶନ୍ ଆଡକୁ ମୋଡ଼ା ଯାଇଛି।

## ସାମରିକ ଘାଟି ଉପରେ ଆକ୍ରମଣ କଲା ଆମେରିକା

ୱାସିଂଟନ, ୧୬/୩: ଚାବାହାର ମୁକ୍ତ ବାଣିଜ୍ୟ କ୍ଷେତ୍ର ନିକଟବର୍ତ୍ତୀ ଏକ ପାହାଡ଼ରେ ଅବସ୍ଥିତ ସାମରିକ ଘାଟିଗୁଡ଼ିକ ଉପରେ ଆମେରିକାର ଯୁଦ୍ଧ ବିମାନ ଆକ୍ରମଣ କରିଛି। ଚାବାହାର ମୁକ୍ତ ବାଣିଜ୍ୟ କ୍ଷେତ୍ର ଇରାନର ପାକିସ୍ତାନ ସହ ଥିବା ଦକ୍ଷିଣ-ପୂର୍ବ ସୀମାରେ ଅବସ୍ଥିତ। ଚାବାହାର ବନ୍ଦର ଭାରତ ପାଇଁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଦ୍ୱାରା ଆଫଗାନିସ୍ତାନ, ମଧ୍ୟ ଏସିଆ ଏବଂ ୟୁରୋପ ପ୍ରବେଶ କରିବା ସହଜ ହୋଇଥାଏ। ୨୦୨୪ ମସିହାରେ, ଭାରତ ଇରାନ ସହିତ ଏକ ୧୦ ବର୍ଷର ଚୁକ୍ତି ସ୍ୱାକ୍ଷର କରିଥିଲା। ଯାହା ଅନ୍ତର୍ଗତ ରାଷ୍ଟ୍ରାୟତ୍ତ ଇଣ୍ଡିଆ ପୋର୍ଟସ୍ ଗ୍ଲୋବାଲ୍ ଲିମିଟେଡ୍ ଚାବାହାରରେ ୩୭୦ ନିୟୁତ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଭାରତ ୨୦୩୦ ସୁଦ୍ଧା ଏହାର ଅର୍ଥନୀତିକୁ ୧୦ ଟ୍ରିଲିୟନ ଡଲାର ଏବଂ ୨୦୩୦ ସୁଦ୍ଧା ୧୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ଏହାକୁ ହାସଲ କରିବା ପାଇଁ ବିଦେଶୀ ନିବେଶ ଏବଂ ସ୍ଥିର ବାଣିଜ୍ୟ ମାର୍ଗର ଆବଶ୍ୟକତା ରହିଛି।

### ଜେଫରୀ ଏପଷ୍ଟିନ ସଂପର୍କିତ ମାମଲା

## ୧୦ କୋଟିର ମାନହାନି କେସ୍ ରୁଜୁ କଲେ ହରଦୀପ ପୁରୀଙ୍କ ଝିଅ



ନୂଆଦିଲ୍ଲୀ, ୧୬/୩ : କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଝିଅ ହିମାୟନୀ ପୁରୀ ଦିଲ୍ଲୀ ହାଇକୋର୍ଟରେ ୧୦କୋଟି ଟଙ୍କାର କେସ୍ ଦାଏର କରିଛନ୍ତି। ଏହି କେସ୍ ସେହି ଅନଲାଇନ ସାମଗ୍ରୀ ଓ ପୋଷ୍ଟସକୁ ହଟାଇବାର ଦାବିକୁ ନେଇ କରାଯାଇଛି, ଯାହା ସେହି ଆମେରିକୀୟ ଶିଶୁ ଯୌନ ଅପରାଧୀ ଜେଫରୀ ଏପଷ୍ଟିନ ସହ ଜଡ଼ିତ। ହିମାୟନୀ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଯେମିତି କି,ଏକ୍ସ , ଗୁଗଲ , ମେଟା ଓ ଲିଙ୍କଡ଼ଇନ୍ ସହ ଅଜଣା ବ୍ୟକ୍ତିଙ୍କ ବିରୋଧରେ ସ୍ଥାୟୀ ନିଷେଧାଜ୍ଞର ଦାବି କରିଛନ୍ତି। ମୋକଦମାରେ କୁହାଯାଇଛି ଯେ, ଭବିଷ୍ୟତରେ ଏମିତି କୌଣସି ମାନହାନିକାରୀ ସାମଗ୍ରୀ ସାମ୍ନାକୁ ଆସିଲେ, ତାକୁ ତୁରନ୍ତ ହଟେଇ ଦିଆଯିବ। ଏହି କେସ୍ ବରିଷ୍ଠ ଆଇନଜୀବୀ ମହେଶ ଜେଠମଲାନିଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଛି ଏବଂ ଲେକଷ୍ଟର ଲ ଏଲଏଲପି ମାଧ୍ୟମରେ ଦାଏର କରାଯାଇ ଥିଲା। ମାମଲା ଖୁବ୍ ଶୀଘ୍ର ଶୁଣାଣି ପାଇଁ ତାଲିକାଭୁକ୍ତ ହେବାର ଆଶା ରହିଛି। କେସ୍ ଅନୁସାରେ, ୨୨ ଫେବୃଆରୀ ୨୦୨୬ରୁ ସୋସିଆଲ ମିଡ଼ିଆରେ ବିଭିନ୍ନ ପୋଷ୍ଟସ ଓ ଭିଡ଼ିଓ ଭାଇରାଲ ହେବାକୁ ଲାଗିଲା , ଯେଉଁଥିରେ ଦାବି କରାଯାଇଛି ଯେ, ହିମାୟନୀ ପୁରୀଙ୍କ ଜେଫରୀ ଏପଷ୍ଟିନ କିମ୍ବା ତାଙ୍କର ଅପରାଧିକ କାର୍ଯ୍ୟକଳାପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ବ୍ୟାବସାୟିକ , ଆର୍ଥିକ , ବ୍ୟକ୍ତିଗତ କିମ୍ବା ଅନ୍ୟ ସମ୍ବନ୍ଧ ଥିଲା।

## ଆମେରିକା ସହ ବାଣିଜ୍ୟ ଚୁକ୍ତି ଏବେ ନୁହେଁ: ଅପେକ୍ଷା କରିବାକୁ ପସନ୍ଦ କରିବ ଭାରତ

ନୂଆଦିଲ୍ଲୀ, ୧୬/୩: ଶୁଳ୍କ ସ୍ଥିତି ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଆମେରିକା ସହ ଭାରତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବ ନାହିଁ। ଚଳିତ ମାସରେ ଆମେରିକା ସହ ଚୁକ୍ତି ହେବାର ଥିଲା। ମାତ୍ର ସେଠାକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ସ୍ଥିତି ବଦଳିଯାଇଛି। ଏହାର କିଛି ସମୟ ପରେ ଟ୍ରମ୍ପ ଦୁଇ ପର୍ଯ୍ୟାୟରେ ୧୫ ପ୍ରତିଶତର ନୂଆ ଶୁଳ୍କ ଲଗାଇଛନ୍ତି। ପ୍ରଥମେ ଯେଉଁ ଆଲୋଚନା ହୋଇଥିଲା ତାହା ପୂର୍ବରୁ ଲଗାଯାଇଥିବା ଶୁଳ୍କ ଆଧାରରେ ହୋଇଥିଲା। ଯେଉଁ ସବୁ ଦେଶ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିଛନ୍ତି ସେମାନେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଭଲ ଡିଲ୍ ପାଇବା ପରେ ଆଗକୁ ବଢ଼ିଥିଲେ। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଥିବାରୁ ସ୍ଥିତି ସ୍ପଷ୍ଟ ହେବା ପର୍ଯ୍ୟନ୍ତ ଭାରତ ଅପେକ୍ଷା କରିବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଗତ ଫେବୃଆରି ୨୦ରେ ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିଥିଲେ। ଏହାପରେ ରାଷ୍ଟ୍ରପତି ଟ୍ରମ୍ପ ଏକ ଜରୁରୀକାଳୀନ ଆଇନରେ ଦିଆଯାଇଥିବା କ୍ଷମତା ବ୍ୟବହାର କରି ଫେବୃଆରି ୨୪ରେ ନୂଆ ଶୁଳ୍କ ଲଗାଇଥିଲେ। ସେହି ଶୁଳ୍କ ସର୍ବାଧିକ ୧୫୦ ଦିନ ପର୍ଯ୍ୟନ୍ତ ଲାଗିପାରିବ। ଏହାର କିଛି ଦିନ ପୂର୍ବରୁ ଅର୍ଥାତ ଗତ ଫେବୃଆରି ୨ରେ ଉଭୟ ଭାରତ ଓ ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବା ନେଇ ସହମତ ହୋଇଥିଲେ। ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିବା ଓ ରୁଷ ତୈଳ କ୍ରୟ ପାଇଁ ଲାଗିଥିବା ୨୫ ପ୍ରତିଶତ ଜରିମାନା ଶୁଳ୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପରେ ଚୁକ୍ତି ସ୍ୱାକ୍ଷର କରିବାକୁ ଭାରତ ରାଜି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଘଟିଥିବା ଘଟଣାଗୁଡ଼ିକ ଏହି ଚୁକ୍ତିକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି।

## ଅନଲାଇନ୍‌ରେ ଗ୍ୟାସ୍ ବୁକିଂ ୯୦%କୁ ବଢ଼ିଛି



ନୂଆଦିଲ୍ଲୀ, ୧୬/୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏଲ୍‌ପିଜି ଯୋଗାଣ ପ୍ରଭାବିତ ହୋଇଛି। ଏଥିଯୋଗୁ ଗତ କିଛିଦିନ ହେଲା ଭାରତରେ ଏଲ୍‌ପିଜି ବ୍ୟବହାରକାରୀମାନେ ଅସୁବିଧା ଭୋଗୁଛନ୍ତି। ଏଭଳି ସ୍ଥିତିରେ ସରକାର ଏଲ୍‌ପିଜି ଉପଭୋକ୍ତାଙ୍କୁ ଗ୍ୟାସ ଏଜେନ୍ସିଗୁଡ଼ିକୁ ନଯାଇ ଅନଲାଇନ୍‌ରେ ବୁକିଂ କରିବାକୁ ପରାମର୍ଶ ଦେଇଥିଲେ। ଫଳସ୍ୱରୂପ ଅନଲାଇନ୍‌ରେ ଗ୍ୟାସ ବୁକିଂ ୯୦ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ଆଜି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନର ଭୂରାଜନୈତିକ ପରିସ୍ଥିତିରେ ଏଲ୍‌ପିଜି ସଂକଟ ସରକାରଙ୍କ ପାଇଁ ଚିନ୍ତାଜନକ ରହିଛି। ଏହା ସତ୍ତ୍ୱେ ଘରୋଇ ଏଲ୍‌ପିଜି ଗ୍ରାହକମାନେ ଗ୍ୟାସ୍ ପାଉଛନ୍ତି ଏବଂ କୌଣସି ଏଜେନ୍ସିରେ ଗ୍ୟାସ୍ ସଂପୂର୍ଣ୍ଣ ଖାଲି ହୋଇଯାଇ ନାହିଁ। ଯେଉଁସବୁ ଉତ୍ସରୁ ସମ୍ଭବ ସେଠାରୁ ଏଲ୍‌ପିଜି ଆଣିବା ଏବଂ ଘରୋଇ ଯୋଗାଣକୁ ବଢ଼ାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି। ଭାରତରେ ଯଥେଷ୍ଟ ମାତ୍ରାରେ ଅଶୋଧିତ ତେଲ ରହିଛି। ବିଶୋଧାନାଗାରଗୁଡ଼ିକ ପୂର୍ଣ୍ଣ କ୍ଷମତାରେ ଚାଲିଛି। ଆବଶ୍ୟକତା ପୂରଣ ପାଇଁ ଦେଶରେ ପର୍ଯ୍ୟାପ୍ତ ମାତ୍ରାରେ ପେଟ୍ରୋଲ ଓ ଡିଜେଲ ଉତ୍ପାଦନ ହେଉଛି। ତେଣୁ ଆମଦାନି କରିବାର କୌଣସି ଆବଶ୍ୟକତା ନାହିଁ।

## ପଶ୍ଚିମବଙ୍ଗରେ ବିଜେପି ଜାରି କଲା ୧୪୪ ପ୍ରାର୍ଥୀଙ୍କ ଲିଷ୍ଟ

# ମମତାଙ୍କୁ ଚ୍ୟାଲେଞ୍ଜ ଦେବେ ଶୁଭେନ୍ଦୁ





ନୂଆଦିଲ୍ଲୀ,୧୬।୩: ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ବିଜେପି ୧୪୪ ପ୍ରାର୍ଥୀଙ୍କ ପ୍ରଥମ ଲିଷ୍ଟ ଜାରି କରିଛି। ବିଜେପି ଶୁଭେନ୍ଦୁ ଅଧିକାରୀ ଓ ଦିଲ୍ଲୀପ ଘୋଷଙ୍କୁ ଟିକେଟ ଦେଇଛି। ବିଜେପି ନନ୍ଦିଗ୍ରାମ୍ ଓ ଭବାନୀପୁର ସିଟରୁ ଶୁଭେନ୍ଦୁ ଅଧିକାରୀଙ୍କୁ ଦୁଇଟି ଆସନରୁ ନିର୍ବାଚନରେ ଲଢିବାକୁ ସୁଯୋଗ ଦେଇଛି। ଭବାନୀପୁରରୁ ସିଏମ୍ ମମତା ବାନାର୍ଜୀ ଗତ ଥର ନିର୍ବାଚନ ଜିତିଥିଲେ। ୨୦୨୧ ବିଧାନସଭା ନିର୍ବାଚନରେ ନନ୍ଦୀଗ୍ରାମ ଆସନରୁ ଶୁଭେନ୍ଦୁ ଅଧିକାରୀ ସିଏମ୍ ମମତା ବାନାର୍ଜୀଙ୍କୁ ପ୍ରାୟ ୨୦୦୦ ଭୋଟ୍‌ରେ ହରାଇଥିଲେ। ୧୭ ରାଉଣ୍ଡ ଗଣତି ପରେ ଶୁଭେନ୍ଦୁ ଜିତିଥିବାର ଘୋଷଣା କରଯାଇଥିଲା। ସେତେବେଳେ ମମତା ବିଜେପି ଉପରେ ନିର୍ବାଚନ ବେଳେ ଠକେଇ ଅଭିଯୋଗ ଆଣିଥିଲା। ସେହି ପରାଜୟ ପରେ ମମତା ଭବାନୀପୁରରୁ ଲଢିଥିଲେ ଓ ନିର୍ବାଚନ ଜିତିଥିଲେ। ଏବେ ବିଜେପି ମମତାଙ୍କୁ ଘେରିବା ପାଇଁ ପୁଣିଥରେ ଶୁଭେନ୍ଦୁ ଅଧିକାରୀଙ୍କୁ ତାଙ୍କ ସିଟ୍‌ରେ ଓହ୍ଲାଇଛି। ଗତ ବର୍ଷ ନନ୍ଦିଗ୍ରାମ୍ ବିଧାନସଭା ଆସନରୁ ମମତା ହାରିଥିଲେ। ଏହାପରେ ସେ ସିଏମ୍ ହେବା ପାଇଁ ବିଧାୟକ ହେବାର ବାଧ୍ୟତାମୂଳକ ସ୍ଥିତି ଦେଖି ଭବାନୀପୁର ବିଧାନସଭା ଆସନରୁ ଉପ-ନିର୍ବାଚନ ଲଢିଥିଲେ। ଟିଏମସି ବିଧାୟକ ଶୋଭନଦେବ ଚାଟାର୍ଜୀ ସିଏମ୍ ପାଇଁ ନିଜ ଆସନ ଖାଲି କରି ଇସ୍ତଫା ଦେଇଥିଲେ। ଏବେ ଦେଖିବାର ଅଛି ଟିଏମ୍‌ସି ଲିଷ୍ଟରେ ମମତାଙ୍କ ନାଁ କେଉଁ ଆସନରେ ଆସିବ। ନନ୍ଦୀଗ୍ରାମରୁ ସେ ଗତଥର ହାରି ଯାଇଥିଲେ ଓ ଭାବନୀପୁରରୁ ବିଧାୟକ ଅଛନ୍ତି। ଶୁଭେନ୍ଦୁ ଏବେ ଦୁଇଟି ଆସନରେ ଓହ୍ଲାଇବା ପରେ ମମତା ସେଠାରୁ ନିର୍ବାଚନ ଲଢିବେ ନାଁ ଅନ୍ୟ କୌଣସି ତୃତୀୟ ଆସନରୁ ନିର୍ବାଚନ ଲଢିବେ। ସେପଟେ ବିଜେପି ଦିଲ୍ଲୀପ କୁମାର ଘୋଷଙ୍କୁ ବୋଲପୁର ବିଧାନସଭା, ଆସାନସୋଲ୍ ଦକ୍ଷିଣରୁ ଅଗ୍ନିମିତ୍ର ପଲ୍, ଖଡଗପୁର ସଦରରୁ ଦିଲ୍ଲୀପ ଘୋଷ, ରାସବିହାରୀରୁ ସ୍ୱପ୍ନ ଦାସ ଗୁପ୍ତାଙ୍କୁ ଟିକେଟ ଦେଇଛି। ନିର୍ବାଚନ କମିଶନ୍ ରବିବାର ଘୋଷଣା କରିଛି ପଶ୍ଚିମବଙ୍ଗର ୨୯୪ ଆସନରୁ ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ୨୩ ଏପ୍ରିଲ ଓ ୨୯ ଏପ୍ରିଲ ୨୦୨୬ରେ ହେବ। ଭୋଟ୍ ଗଣତି ୪ ମଇ ୨୦୨୬ ରୁ ହେବ।

# ଆକ୍ରମଣକାରୀଙ୍କୁ ମିଳିଲା ସଜା

ଭୁବନେଶ୍ୱର(ନିପ୍ର): ବଡଗଡ ଥାନା ଅଞ୍ଚଳରେ ଘଟିଥିବା ଏକ ଆକ୍ରମଣ ମାମଲାର ବିଚାର କରି ଆଜି ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ–୪ ର ବିଚାରପତି ସୋମେଶ ସୋମ୍ୟଜିତ ପଣ୍ଡା ଅଭିଯୁକ୍ତ ଶ୍ରୀକାନ୍ତ କୁମାର ପଣ୍ଡାଙ୍କୁ ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଅଭିଯୋଗକାରୀ ମହେନ୍ଦ୍ର କୁମାର ପାଢୀ ଟଙ୍କାପାଣି ରୋଡ, ବସୁଆ ଘାଇସ୍ଥିତ ଲକ୍ଷ୍ମୀ ବିହାର-୨ ଅଞ୍ଚଳରେ ପରିବାର ସହ ରୁହନ୍ତି । ଗତ ୨୬.୦୫.୨୦୨୫ ସନ୍ଧ୍ୟାରେ ସେ ନିଜ ପତ୍ନୀ ଓ ପୁଅକୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଘରକୁ ଫେରି ଗ୍ୟାରେଜରେ କିଛି ଜୋକ ଚାଲୁଥିବାର ଦେଖିଥିଲେ । ପୁଅ ଉକ୍ତ ଜୋକ ଗୁଡିକୁ ନେଇ ସମ୍ମୁଖରେ ଥିବା ଏକ ଖାଲି ପଡିଆରେ ପକାଇବା ବେଳେ, ନିକଟସ୍ଥ ବାଲକୋନୀରୁ ଅଭିଯୁକ୍ତଙ୍କର ଶାଶୁ ପାଟିକରି ତାହା ନକରିବା ଲାଗି ଚେତାବନୀ ଦେଇଥିଲେ । ଅଭିଯୋଗକାରୀଙ୍କ ପୁଅ ତାଙ୍କ ଚେତାବନୀକୁ ଧ୍ୟାନ ନଦେବା ଦେଖି ମହିଳା ଜଣକ ଅଧିକରୁ ଅଧିକ ଗାଳି କରିବାକୁ ଲାଗିଥିଲେ । ଫଳରେ ସେଠାରେ କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଇତି ମଧ୍ୟରେ ଅଭିଯୁକ୍ତ ଏବଂ ତାଙ୍କ ପତ୍ନୀ ତଳକୁ ଆସି ଅଭିଯୋଗକାରୀଙ୍କ ପୁଅକୁ ଶକ୍ତ ଚାପୁଡା ମାରିଥିଲେ । ଯାହାଫଳରେ ତାଙ୍କ କାନରୁ ରକ୍ତ ସ୍ରାବ ହୋଇଥିଲା । ତାଙ୍କ ପାଟି ଶୁଣି ଗ୍ୟାରେଜ ଭିତରେ ଓଳାଉଥିବା ଅଭିଯୋଗକାରୀଙ୍କ ପତ୍ନୀ ଘଟଣା ସ୍ଥଳକୁ ଦୌଡି ଆସିଥିଲେ । ଏହାଦେଖି ଅଭିଯୁକ୍ତ, ତାଙ୍କ ପତ୍ନୀ, ଶାଶୁ–ଶଶୁର, ଏବଂ ଦୁଇଝିଅ ଅଭିଯୋଗକାରୀଙ୍କ ପତ୍ନୀଙ୍କୁ ଆକ୍ରମଣ କରିଥିଲେ । ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଲେ ଦୁଇ ମା–ପୁଅଙ୍କୁ ଜୀବନରୁ ମାରିଦେବେ ବୋଲି ଅଭିଯୁକ୍ତ ଜଣକ ଧମକ ଦେଇଥିଲେ । ଭୟରେ ଅଭିଯୋଗକାରୀଙ୍କ ପୁଅ ଘର ଭିତରକୁ ଯାଇ ପୁଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ପିସିଆର ଘଟଣା ସ୍ଥଳରେ ଅବିଳମ୍ବେ ଯାଇ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରି ଫେରିଆସିଥିଲେ । ପିସିଆର ଫେରିଯିବା ପରେ ଅଭିଯୁକ୍ତ ଶ୍ରୀକାନ୍ତ ପୁନର୍ବାର ଅଭିଯୋଗକାରୀ ଏବଂ ତାଙ୍କ ପରିବାରକୁ ଧମକ ଦେଇ କହିଥିଲେ, କି ସେ ଆର୍ମୀରେ ଚାକିରୀ କରିଛନ୍ତି, ଏଣୁ ପୁଲିସ ତାଙ୍କର କିଛି କରିପାରିବନି । ଏହାବାଦ୍ ବି ଯଦି ସେମାନେ ଥାନାରେ ଅଭିଯୋଗ କରନ୍ତି ତେବେ ସେ ସେମାନଙ୍କୁ ଜୀବନରୁ ମାରିଦେବେ ବୋଲି ମଧ୍ୟ ଅଭିଯୁକ୍ତ ଶ୍ରୀକାନ୍ତ ଧମକ ଦେଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବଡଗଡ ଥାନା କେସ ନଂ– ୨୯୭/୨୦୨୫, ବିଏନଏସ ର ଧାରା– ୨୯୬(ବି)/ ୧୧୫(୨)/ ୩୫୧(୩)/ ୩(୫) ରେ ମାମଲା ରୁଜୁ କରାଯାଇଥିଲା ଏବଂ ଏହାର ତଦନ୍ତ ଭାର ଥାନାର ସବ୍‌ଇନ୍ସପେକ୍ଟର ପ୍ରିୟଦର୍ଶିନୀ ବେହେରାଙ୍କୁ ଦିଆଯାଇଥିଲା । ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ଶ୍ରୀକାନ୍ତ କୁମାର ପଣ୍ଡାଙ୍କୁ ଗିରଫ କରାଯାଇଥିଲା ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ତାଙ୍କ ବିରୋଧରେ ମାନ୍ୟବର ଅଦାଲତରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ମାନ୍ୟବର ଅଦାଲତ ମାମଲାର ବିଚାର କରି ୫ଜଣ ସାକ୍ଷୀଙ୍କ ବୟାନ ଓ ୭ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ଶ୍ରୀକାନ୍ତ କୁମାର ପଣ୍ଡାଙ୍କୁ ବିଏନଏସ ର ଧାରା–୧୧୫ (୨) ଅନୁଯାୟୀ ୫,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩୦ ଦିନର ସରଳ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୋଲିସ ତରଫରୁ ଚଳିତ ବର୍ଷରେ ଦୋଷୀଙ୍କୁ ସଜା ହୋଇଥିବା ଏହା ୩୨ ତମ ମାମଲା ଅଟେ ।

## ଘରେ ପଶି ଚୋରି: ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ଘରେ ପଶି ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଶଙ୍କର ଡାକୁଆ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଧର୍ମେନ୍ଦ୍ର ଖୁଣ୍ଟିଆ ଡୁମୁଡୁମା ଅନ୍ତର୍ଗତ ଗଙ୍ଗୋତ୍ରୀ ବିହାର, ଫଏଜ–୩ ରେ ରୁହନ୍ତି । ଗତ ୧୪.୦୩.୨୦୨୬ ବିଳମ୍ବିତ ରାତିରେ ଅଭିଯୋଗକାରୀ ଏବଂ ତାଙ୍କ ପରିବାର ସଦସ୍ୟ ନିଦରେ ଶୋଇପଡିଥିବା ବେଳେ, ଅଭିଯୁକ୍ତ ଶଙ୍କର ଡାକୁଆ ଏହାର ସୁଯୋଗ ନେଇ ମୁଖ୍ୟ ଦରଜାର ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ । ପରେ ସେ ଭିତରେ ରଖାଯାଇଥିବା ୬ଗୋଟି ଲୁହା ଖମ୍ବ, ଗୋଟିଏ ଲୁହା କଟର ମେସିନ ଏବଂ ଏକ ଟିଏମଟି ବାର ଚୋରୀକରି ଫେରାର ହୋଇଯାଇଥିଲେ । ପରଦିନ ସକାଳେ ଘରୁ ଉପରୋକ୍ତ ସାମଗ୍ରୀ ଚୋରୀ ହୋଇଥିବା ନେଇ ଅଭିଯୋଗକାରୀ ଜାଣିବା ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଏହି ମାମଲାର ତଦନ୍ତ ଚାଲିଥିବା ସମୟରେ, ଅଭିଯୁକ୍ତ ଶଙ୍କର ଡାକୁଆ ଏକ ଟିଏମଟି ବାର ଏବଂ ଏକ ଲୁହା କଟର ମେସିନ ଧରି ରଘୁନାଥ ନଗର ଅଟୋ ଷ୍ଟାଣ୍ଡ ଅଞ୍ଚଳରେ ବୁଲାବୁଲି କରୁଥିବା ନେଇ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ପରେ ମିଳିଥିବା ଖବର ଅନୁଯାଇ ପୁଲିସ ଟିମ ଘଟଣା ସ୍ଥଳରେ ଅତର୍କିତ ଚଢଉ କରି ଅଭିଯୁକ୍ତ ଶଙ୍କରକୁ କାବୁ କରିବା ସହ ତାଙ୍କ ହେପାଜତରୁ ସମ୍ପୃକ୍ତ କଟର ମେସିନ ଏବଂ ଟିଏମଟି ବାରକୁ ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ଶଙ୍କର ଉପରୋକ୍ତ ମାମଲାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ । ଅଭିଯୁକ୍ତ ଶଙ୍କର ଡାକୁଆଙ୍କ ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନା ଓ ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏଁ ଚୋରୀ ମାମଲା ରହିଥିବା ଜଣାପଡିଛି ।

## ବିପୁଳ ଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

ପିପିଲି(ନିପ୍ର): ବଳଙ୍ଗା ପୋଲିସ ପକ୍ଷରୁ ଭୀମ ବଜାର ଛକରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣଙ୍କ ନାଲିହଣା ଗ୍ରାମର ରାମଚନ୍ଦ୍ର ବେହେରା ବୋଲି ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ ଅଭିଯୁକ୍ତ ରାମଚନ୍ଦ୍ର ରବିବାର ସଂନ୍ଧ୍ୟାରେ ବିପୁଳ ପରିମାଣର ଦେଶୀ ମଦ ରଖି ଚୋରା କାରବାର କରୁଥିବା ନେଇ ବଳଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା । ସୂଚନା ଆଧାରରେ ଥାନା ଏସଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣା ସ୍ଥଳରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରି ତା' ନିକଟରୁ ୧୦ ପେଟି ଦେଶୀ ମଦ ଜବତ କରିଥଲେ । ଏ ନେଇ ଥାନାରେ ଏକ ଅବକାରୀ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ରାମଚନ୍ଦ୍ରକୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ ରାମଚନ୍ଦ୍ର ଦୀର୍ଘଦିନ ଧରି ବ୍ୟବସାୟ କରି ପୋଲିସ ଆଖିରେ ଧୂଳି ଦେଇ ବୁଲୁଥିବା ବେଳେ ଥାନାର କୌଣସି ଥାନା ଅଧିକାରୀ ଧରିବାରେ ବିଫଳ ହୋଇଥିଲେ । ଯାହାକି ବଳଙ୍ଗା ଥାନାର ମହିଳା ଥାନା ଅଧିକାରୀଙ୍କୁ ସଫଳତା ମିଳିପାରିଛି ।

## ମର୍ଣ୍ଣିଂ ୱାକ୍ ହେଲା କାଳ: ଡ୍ରାଇଭର ସମେତ ୩ମୃତ

ପିପିଲି(ନିପ୍ର): ସକାଳୁ ସକାଳୁ ଜାତୀୟ ରାଜପଥ କଡ଼ରେ ପ୍ରାତଃ ଭ୍ରମଣ ହେଲା କାଳ । ଉତ୍ତରା ନିକଟ କେଇସି କଲେଜ ସାମ୍ନାରେ ଏକ ମର୍ମନ୍ତୁଦ କାର୍ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୩ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନ୍ୟଜଣେ ଜୀବନ ସହ ସଂଗ୍ରାମ କରୁଛି । । ଭୋର୍ ୫ଟା ସମୟରେ ଉତ୍ତରା ଅଞ୍ଚଳର ଦୁଇଜଣ ମହିଳା ସବୁଦିନ ପରି ସକାଳୁ ମର୍ଣ୍ଣିଂ ୱାକ୍‌ରେ ଯାଇ ରାସ୍ତାରେ ଚାଲୁଥିବା ବେଳେ ଭୁବନେଶ୍ୱରପଟୁ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ କାର (ଓଡି୦୨ ବିଜି ୧୯୯୪) ଭାରସାମ୍ୟ ହରାଇ ତାଙ୍କୁ ପିଟିଥିଲା । ଫଳରେ କାର୍ଟି ରାସ୍ତା କଡ଼କୁ ଛିଟିକି ପଡିଥିବା ବେଳେ କାର ଭିତରେ ଥିବା ଦୁଇ ଜଣକ ଭିତରୁ ଡ୍ରାଇଭର ମୃତ୍ୟୁବରଣ କରିଛି ଏବଂ ଅନ୍ୟଜଣେ ଗୁରୁତର ଆହତ ହୋଇଛି । ଦୁଇ ଜଣ ମହିଳାଙ୍କର ମଧ୍ୟ ମୃତ୍ୟୁ ଘଟିଛି । ପିପିଲି ପୋଲିସ ଓ କୌଶଲ୍ୟାଗଙ୍ଗ ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି । ଦୁର୍ଘଟଣାଗ୍ରସ୍ତ କାରକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ଦୁଇଟି ଆମ୍ବୁଲାନ୍ସ ପହଞ୍ଚି ସମସ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନେଇଥିବା ବେଳେ ଘଟଣା ସ୍ଥଳରେ ଲୋକମାନଙ୍କର ଭିଡ ଦେଖିବାକୁ ମିଳିଥିଲା । ମୃତକ ହେଲେ ଧଉଳି ଥାନା ବସନ୍ତପୁର ଶାସନ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ପତ୍ନୀ ବିବିଲତା ସାହୁ (୬୦) ଓ ଅନ୍ୟ ଜଣେ ହେଲେ ଯାଜପୁର ଅଧଳିଆ ଅଞ୍ଚଳର ଯଯାତି କେଶରୀ ରାଉତଙ୍କ ପତ୍ନୀ ଦୀପାଞ୍ଜଳି ରାଉତ(୩୮) । ଏମାନେ ପୁବାଶାସନ ଅଂଚଳ ରହୁଥିଲେ । ତେବେ ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ ।

## ବଜ୍ରପାତରେ ଜଣେ ମୃତ

ଗୋଲାମୁଣ୍ଡା(ନିପ୍ର): ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ସିନାମାଳ ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ବିଲରେ କାମ କରୁଥିବା ସମୟରେ ବଜ୍ରପାତ ଯୋଗୁଁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ନାମ ହେଉଛି ଗୌରାଙ୍ଗ ବାଗ(୬୧) । ସୋମବାର ଅପରାହ୍ନ ସମୟରେ ଗୌରାଙ୍ଗ ବାଗ ନିଜ ବିଲରେ କାର୍ଯ୍ୟ କରୁଥିବା ବେଳେ ହଠାତ୍ ବଜ୍ରପାତ ଘଟିଥିଲା । ଏହି ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଖବର ପାଇବା ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

## ୧୧ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ



କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ସୋମବାର କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସ୍ଥାନୀୟ କ୍ୟାଣ୍ଟୋନମେଣ୍ଟ ଥାନା ଅର୍ନ୍ତଗତ ତଳ ବାଲିଯାତ୍ରା ପଡ଼ିଆ ନିକଟରୁ ଜଣେ ବେପାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ପୁରୀଘାଟ ଥାନା ଅନ୍ତର୍ଗତ ସାଆନ୍ତସାହିର ଶକ୍ତି ପ୍ରସାଦ ରାଉତ (୨୦) । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୧୦୪ ଗ୍ରାମର ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଏସଆଇ ସୌମ୍ୟ ରଂଜନ ମାଝୀ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ ସଂଜୀବ ମୁଣ୍ଡା, ଦୀପକ ସାହୁ ଓ କିଶନ ସବୁତ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ନିପ୍ର): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ୯୩ଟି ଅଭିଯୋଗ ହସ୍ତଗତ ହୋଇଥିଲା । ଅଭିଯୋଗ ଶୁଣାଣି ଶିବିରରେ ୩ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୋଲିସ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଜିଲ୍ଲାପରିଷଦ ମୁଖ୍ୟ ପ୍ରଶାନ୍ତ ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମିତିରଂଜନ ଦେଓ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ ହୋତାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଭତ୍ତା ତଥା ଶିକ୍ଷା ଆଦି ସଂପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ଆସନ୍ତା ୨୩ ତାରିଖରେ ଡମପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

## ଭ୍ୟାନିଟି ଲୁଟ୍ କରି ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): କାର ଭିତରୁ ମହିଳାଙ୍କ ଭ୍ୟାନିଟ ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିଦେଶୀ ଦଳେଇ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରିଣୀ ସ୍ମୃତିରେଖା ସାହୁ ପରିବାର ସହ ୟୁନିଟ-୮ ଅଞ୍ଚଳରେ ରୁହନ୍ତି । ସେ ଗତ ୧୪.୦୩.୨୦୨୬ ପ୍ରାତଃ ୫ ଟା ସମୟରେ ପରିବାର ସହ କାର ଯୋଗେ ଡେଲ୍ଟା ଛକକୁ ଆସିଥିବା ବେଳେ, କାରକୁ ସରକାରୀ ଡାକ୍ତରଖାନା ନିକଟରେ ପାର୍କିଂ କରି ପାଖ ମନ୍ଦିରକୁ ଯାଇଥିଲେ । ଉକ୍ତ କାର ଭିତରେ ସେ ତାଙ୍କର ଭ୍ୟାନିଟି ବ୍ୟାଗ ରଖି ଯାଇଥିଲେ, ଯେଉଁଥିରେ ଗୋଟିଏ ସୁନା ଚେନ, ଗୋଟିଏ ସୁନା ମୁଦି, ଏକ ମୋବାଇଲ ଫୋନ ଏବଂ ୧୧୦୦ ଟଙ୍କା ଥିଲା । କିଛି ସମୟର ବ୍ୟବଧାନ ପରେ ସେ କାର ନିକଟକୁ ଫେରିଥିବା ବେଳେ, କାର ଭିତରୁ ତାଙ୍କ ଭ୍ୟାନିଟି ବ୍ୟାଗ ଚୋରୀ ହୋଯାଇଥିବା ଦେଖିବାକୁ ପାଇଥିଲେ । ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୁଲିସ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ବିଦେଶୀ ଦଳେଇ ନାମକ ଜଣେ ବୃତ୍ତିଗତ ଅପରାଧୀ ଏହି ଚୋରୀରେ ସାମିଲ ଥିବା ଜଣାପଡିଥିଲା । ମାମଲାର ତଦନ୍ତ ଚାଲିଥିବା ବେଳେ, ଆଜି ଏକ ବିଶ୍ୱସ୍ତ ସ୍ଥାନୀୟ ସୂତ୍ରରୁ ସୂଚନା ପାଇ ଚଢ଼ଉ କରିବା ସହ ଅଭିଯୁକ୍ତ ବିଦେଶୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଥିବା ବେଳେ, ତାଙ୍କ ହେପାଜତରୁ ସୁନା ଚେନ, ସୁନା ମୁଦି ଏବଂ ଏକ ମୋବାଇଲ ଫୋନ ଉଦ୍ଧାର କରାଯାଇଥିଲା । ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ଉପରୋକ୍ତ ମାମଲାରେ ସଂମ୍ପୃକ୍ତ ଥିବା ସ୍ୱୀକାର କରିଥିବା ବେଳେ, ଚୋରୀ କରିଥିବା ଭ୍ୟାନିଟିକୁ ସେ ଜଳାଇ ଦେଇଥିବା ଏବଂ ଚୋରୀ ଟଙ୍କାକୁ ସେ ସମ୍ପୂର୍ଣ୍ଣ ଖର୍ଚ୍ଚ କରିଦେଇଥିବା ପ୍ରକାଶ କରିଥିଲେ । ଅଭିଯୁକ୍ତ ଜଣେ ବୃତ୍ତିଗତ ଅପରାଧି ହୋଇଥିବା ବେଳେ, ତାଙ୍କ ନାମରେ ବିଭିନ୍ନ ଥାନାରେ ୨୨ ଟିରୁ ଅଧିକ ଅପରାଧିକ ମାମଲା ମାନ ରହିଥିବା ଜଣାପଡିଛି ।

# ମୁରବିଶୂନ୍ୟ ବେଲଗୁଣ୍ଠା ଶିକ୍ଷାବିଭାଗ

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ କିଛି କିଛି ସମସ୍ୟା ଲାଗି ରହିଛି । ପାଖାପାଖି ଏକ ବର୍ଷ ହେବ ବେଲଗୁଣ୍ଠାରେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ନଥିବା ବେଳେ ଭଞ୍ଜନଗର ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ବେଲଗୁଣ୍ଠାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ସେହିପରି କାର୍ଯ୍ୟାଳୟରେ ତିନୋଟି ଏବିଇଓ ପଦବୀ ମଧ୍ୟରୁ ଗତ ବର୍ଷ ଦୁଇଜଣ ଏବିଇଓ ଅବସର ଗ୍ରହଣ କରି ସାରିଥିବାରୁ ଦୁଇ ଜଣ ବରିଷ୍ଠ ଶିକ୍ଷକ ଭାରପ୍ରାପ୍ତ ଏବିଇଓ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଆସନ୍ତା ମାସରେ ଆଉ ଜଣେ ଏବିଇଓ ମଧ୍ୟ ଅବସର ଗ୍ରହଣ କରିବାର ସୂଚନା ରହିଛି । ସ୍ଥାୟୀ ଅଧିକାରୀଙ୍କ ବିନା ବିଦ୍ୟାଳୟ ଗୁଡ଼ିକର ବିଭିନ୍ନ





ସମସ୍ୟା ପରିଚାଳନାର ବିଭ୍ରାଟ ସୃଷ୍ଟି ହେବା ସ୍ୱାଭାବିକ । ବ୍ଲକ୍‌ର ସତୁରୀ ପ୍ରତିଶତ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ ନାହାନ୍ତି । ବହୁ ବିଦ୍ୟାଳୟରେ ବର୍ତ୍ତମାନ ମଧ୍ୟ ଶ୍ରେଣି ଗୃହେ ସମସ୍ୟା ଏବଂ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଶିକ୍ଷା ଅଧିକାର ଆଇନ୍ ଅନୁସାରେ ବିଦ୍ୟାଳୟଗୁଡିକରେ ଛାତ୍ର ଶିକ୍ଷକ ଅନୁପାତ ପାଖାପାଖି ଠିକ୍ ଥିଲେ ମଧ୍ୟ ଶ୍ରେଣୀ ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀ ନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷଣରେ ସମସ୍ୟା ସୃଷ୍ଟିରୁ ହେଉଛି । ଉଦାହରଣ ସ୍ୱରୂପ ବ୍ଲକ୍‌ର ବହୁ ବିଦ୍ୟାଳୟରେ ଆଠଟି ଶ୍ରେଣୀକୁ ମାତ୍ରା ତିନି ଚାରି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହୁଥିବାରୁ ଶିକ୍ଷାଦାନ ପ୍ରକ୍ରିୟା କାମଚଳା ହେଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିବା ସହ ସରକାରୀ ବିଦ୍ୟାଳୟରୁ ଆସ୍ଥା ହରାଉଛନ୍ତି । ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ପାଖାପାଖି ଏକ ବର୍ଷ ହେବ ଶିଶୁ ବାଟିକା ଶ୍ରେଣୀ ଯୋଗ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଶିଶୁ ସେବିକା ନିଯୁକ୍ତି ହୋଇନଥିବାରୁ ଏହା ଶିକ୍ଷକଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅତିରିକ୍ତ ଚାପ ସୃଷ୍ଟି କରୁଛି ।

### ଧାମନଗରରେ ସୌର ପାନୀୟ ଜଳ ପ୍ରକଳ୍ପ ବିଫଳ

## ଅଚଳ ୬ ପ୍ରକଳ୍ପ: ଖରାଦିନେ ଜଳକଷ୍ଟ

ଧାମନଗର(ନିପ୍ର): ରାଜ୍ୟ ସରକାରଙ୍କ ଅକ୍ଷୟ ଶକ୍ତି ପ୍ରୋତ୍ସାହନ ଓ ସୌର ଜଳ ଯୋଗାଣ ପ୍ରକଳ୍ପ ଯୋଜନା ଧାମନଗର ବ୍ଲକରେ ବାଟବଣା ହୋଇଛି । ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ସୌର ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଛି । ବ୍ଲକର ୧୮ଟି ପ୍ରକଳ୍ପ ମଧ୍ୟରୁ ୬ଟି ଏକ ପ୍ରକାର ଅଚଳ ହୋଇଥିବା ବେଳେ ପ୍ରାଶାସନିକ ସମନ୍ୱୟ ଅଭାବରୁ ଲୋକେ ଖରାଦିନେ ଟୋପାଏ ପାଣି ପାଇଁ ତହଳବିକଳ ହେଉଛନ୍ତି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଯସ୍ମିନ ଦାସଙ୍କ ସୂଚନା ଅନୁଯାୟୀ, ବ୍ଲକରେ ମାତ୍ର ୧୮ଟି ପ୍ରକଳ୍ପ ରହିଛି । ମାତ୍ର ଏହି ପ୍ରକଳ୍ପଗୁଡ଼ିକର ସବିଶେଷ ତଥ୍ୟ ବିଭାଗ ପାଖରେ ନାହିଁ । ପୂର୍ବରୁ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଶିବରାମ ବୁଦୁଲା ଏସବୁ ପ୍ରକଳ୍ପ ଦାୟିତ୍ୱରେ ଥିଲେ । ସେ ଏନେଇ ଦାୟିତ୍ୱ ହସ୍ତାନ୍ତର କରିନଥିବାରୁ ଏସବୁ ପ୍ରକଳ୍ପ ସଂପର୍କରେ କିଛି ତଥ୍ୟ ନଥିବା ଯସ୍ମିନ କହିଛନ୍ତି । ଓରେଡା କିମ୍ବା ପଞ୍ଚାୟତିରାଜ ବିଭାଗ ମଧ୍ୟରୁ କିଏ ଏହି ପ୍ରକଳ୍ପଗୁଡ଼ିକୁ ସ୍ଥାପନ କରିଛି, ତାହାର ସଠିକ୍ ହିସାବ କାହାରି ପାଖରେ ନାହିଁ । ନିୟମ ଅନୁସାରେ ପ୍ରକଳ୍ପ ସ୍ଥାପନ କରିଥିବା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା କଥା । କିନ୍ତୁ ଧାମନଗରରେ ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି । ଆନନ୍ଦପୁର ପଞ୍ଚାୟତର ନଡ଼ିଆବାଗ ଯେନାସାହି ପ୍ରକଳ୍ପଟି ଏହାର ଏକ ଜ୍ୱଳନ୍ତ ଉଦାହରଣ । ସ୍ଥାପନ ହେବାର ମାତ୍ର ୫ ଦିନ ପରେ ଏହାର କଣ୍ଟ୍ରୋଲର ଖରାପ ହୋଇଗଲା । ଦୀର୍ଘ ବର୍ଷେ ହେବ ଏହା ଅଚଳ ହୋଇ ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି । ସେହିପରି ପାହାଡ଼ପୁର ସାହୁ ସାହି ପ୍ରକଳ୍ପର ସୋଲାର ପ୍ୟାନେଲ ଧୂଳିଧୂସରିତ ହୋଇ ପଡ଼ିଥିବାରୁ ମଟରକୁ ବିଦ୍ୟୁତ୍ ସଂଯୋଗ ହୋଇପାରୁନି । ଅନ୍ୟ ୪ଟି ପ୍ରକଳ୍ପରେ ମଟର ଏବଂ କ୍ୟାପାସିଟର ଜଳିଯାଇଥିବାରୁ ପାଣି ଟାଙ୍କି ଶୁଖିଲା ପଡ଼ିଛି । ତା ଛଡ଼ା ପଞ୍ଚାୟତ ପକ୍ଷରୁ ଏହିସବୁ ପ୍ରକଳ୍ପ ଚଳାଇବାକୁ ଅପରେଟର ନିଯୁକ୍ତି ଦେବା କଥା । ପଞ୍ଚାୟତର ସରପଞ୍ଚମାନେ ସହଯୋଗ କରୁନଥିବାରୁ ଏ ପ୍ରକଳ୍ପ ଅଚଳ ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଗୋଟିଏ ସୌର ଜଳ ପ୍ରକଳ୍ପ ପାଇଁ ପ୍ରାୟ ୪.୫ ଲକ୍ଷ ଟଙ୍କା ବ୍ୟୟ କରାଯାଏ । ପୂର୍ବରୁ ଥିବା ନଳକୂପ ଉପରେ ୫୦୦ ଲିଟର ବିଶିଷ୍ଟ ଟାଙ୍କି ସହ ସୋଲାର ମଟର ଲଗାଇ ୨୦୦ ଲୋକଙ୍କୁ ପାଣି ଦେବା ଯୋଜନା ଥିଲା । ବିଦ୍ୟୁତ୍ ବିଲ୍ ନଥିବା ଓ ପରିବେଶ ଅନୁକୂଳ ହୋଇଥିବାରୁ ଏହା ଏକ ଭଲ ଯୋଜନା ହୋଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ସରକାରୀ ଅର୍ଥ ପାଣିରେ ପଡ଼ିଛି । ଖରା ଜୋର ବଢୁଥିବା ବେଳେ ଅଧିକାରୀମାନେ ପରସ୍ପର ଉପରକୁ ଦୋଷ ଲଦି ଦାୟିତ୍ୱ ସାରିଦେଉଛନ୍ତି । ଯଦି ତୁରନ୍ତ ଏହି ପ୍ରକଳ୍ପଗୁଡ଼ିକର ମରାମତି କରା ନଯାଏ, ତେବେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ।

## ରକ୍ତମୁଖା ମାଙ୍କଡ଼କୁ ଟ୍ରାଙ୍କୁଲାଇଜ୍ କଲା ବନ ବିଭାଗ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଦୀର୍ଘ ଦିନ ଧରି ଚାଲିଥିବା ମାଙ୍କଡ଼ ଆତଙ୍କରେ ଶେଷରେ ବିରାମ ଲାଗିଛି । ୩୦ରୁ ଅଧିକ ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କରିଥିବା ଏକ ହିଂସ୍ର ରକ୍ତମୁଖା ହନୁ ମାଙ୍କଡ଼କୁ ସୋମବାର ବନ ବିଭାଗ ସଫଳତାର ସହ କାବୁ କରିଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ବଡ଼ ଆଶ୍ୱସ୍ତି ଦେଖାଦେଇଛି । ବିଗତ କିଛି ଦିନ ହେବ ଏହି ହିଂସ୍ର ମାଙ୍କଡ଼ଟି ନିରାକାରପୁର ଓ ଏହାର ଆଖପାଖ ସାହିରେ ଉନ୍ମତ୍ତକାଣ୍ଡ ଭିଆଇଥିଲା । ଅତର୍କିତ ଭାବେ ଲୋକଙ୍କୁ ଆକ୍ରମଣ କରି ଗୁରୁତର କରୁଥିବାରୁ ଭୟରେ ଲୋକେ ଘରୁ ବାହାରିବାକୁ ପଛାଉଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅପରେସନ



ଆରମ୍ଭ ହୋଇଥିଲା । ନିରାକାରପୁର ନରେନ୍ଦ୍ରପୁର ସାହି ନିକଟସ୍ଥ ଏକ ଚାଷ ଜମିରେ ମାଙ୍କଡ଼ଟି ଥିବା ନେଇ ବନ ବିଭାଗ ସୂଚନା ପାଇଥିଲା । ଫରେଷ୍ଟର ଦୁଃଶାସନ ନାୟକଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରାଙ୍କୁଲାଇଜର (ନିଶା ଗୁଳି) ପ୍ରୟୋଗ କରି ମାଙ୍କଡ଼କୁ ଅଚେତ କରିଥିଲେ । ମାଙ୍କଡ଼ଟି ଅଚେତ ହେବା ପରେ ତାକୁ ଏକ ସୁରକ୍ଷିତ ବସ୍ତାରେ ଭର୍ତ୍ତି କରି ଟାଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି । ଟାଙ୍ଗୀ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଦେବାଶିଷ ଭୋଇ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଧରାଯାଇଥିବା ମାଙ୍କଡ଼ଟିକୁ ବର୍ତ୍ତମାନ ହେପାଜତରେ ରଖାଯାଇଛି । ପ୍ରଥମେ ତାର ଆବଶ୍ୟକ ଚିକିତ୍ସା କରାଯିବ ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ କୌଣସି ଏକ ସୁରକ୍ଷିତ ପ୍ରାକୃତିକ ଜଙ୍ଗଲରେ ଛାଡ଼ି ଦିଆଯିବ । ବନ ବିଭାଗର ଏହି ତତ୍ପରତା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବିଭାଗୀୟ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି ।

# କଳିଙ୍ଗନଗର ନୀଳାଚଳ ଇସ୍ପାତର ସମ୍ପ୍ରସାରଣକୁ ପରିବେଶ ମଞ୍ଜୁରି

### ୪.୮ ନିୟୁତ ଟନକୁ ବଢିବ ଉତ୍ପାଦନ କ୍ଷମତା

ଯାଜପୁର(ନିପ୍ର): ଓଡ଼ିଶାର ଇସ୍ପାତ ଶିଳ୍ପ ଜଗତରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୧ ଏମଟିପିଏ (ମିଲିୟନ ଟନ)ରୁ ୪.୮ ଏମଟିପିଏକୁ ବୃଦ୍ଧି କରିବା ପାଇଁ ତାର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ଏଥିପାଇଁ କମ୍ପାନୀ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି । ଜୁଲାଇ ୨୦୨୨ରେ ଟାଟା ଷ୍ଟିଲ୍ ଦ୍ୱାରା ଅଧିଗ୍ରହଣ ହେବା ପରଠାରୁ, ଏହି ପ୍ଲାଣ୍ଟ ମାତ୍ର ୧୦୦ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ ହୋଇ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ପୂର୍ଣ୍ଣ ଉତ୍ପାଦନ କ୍ଷମତା ହାସଲ କରି ସଫଳତାର ଏକ ନୂତନ ମାଇଲଖୁଣ୍ଟ



ସ୍ଥାପନ କରିଛି । ଏହି ସମ୍ପ୍ରସାରଣ ଯୋଜନାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ଉତ୍ପାଦନ ବ୍ୟବସ୍ଥା ନିର୍ମାଣ କରାଯିବ । ଏଥିରେ କୋକ୍ ଓଭନ୍ ଏବଂ ବାଏ-ପ୍ରଡକ୍ଟ ପ୍ଲାଣ୍ଟ, ସିଣ୍ଟର୍ ପ୍ଲାଣ୍ଟ, ଏକ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ୍, ରିବାର୍ ମିଲ୍, କଏଲ୍ ମିଲ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏକ ୱାୟାର୍ ରଡ୍ ମିଲ୍ ଅନ୍ତର୍ଭୁକ୍ତ ରହିଛି । ଏହା ବ୍ୟତୀତ ଡିସଲଫ୍ୟୁରାଇଜେସନ୍ ୟୁନିଟ୍, ଲାଇମ୍ କ୍ୟାଲସିନେସନ୍ ପ୍ଲାଣ୍ଟ ଏବଂ କାରଖାନା ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ ପ୍ରକଳ୍ପ ମଧ୍ୟ ସ୍ଥାପନ କରିବ । ଉତ୍ପାଦନ ଦକ୍ଷତା ବୃଦ୍ଧି ସହ ପରିବେଶ ରକ୍ଷା ପାଇଁ କମ୍ପାନୀ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର୍ସ, ସାଇକ୍ଲୋନ୍ ସେପାରେଟର୍ସ, ଡ୍ରାଏ-ଫଗ୍ ସିଷ୍ଟମ୍, ବ୍ୟାଗ୍ ଫିଲ୍ଟର୍ ଏବଂ ଯାନ୍ତ୍ରିକ ଜଳ ସିଞ୍ଚନ ଭଳି ଉନ୍ନତ ପ୍ରଦୂଷଣ ନିରୋଧକ ବ୍ୟବସ୍ଥା ଗ୍ରହଣ କରିବ । ଏହି ସମ୍ପ୍ରସାରଣ କଳିଙ୍ଗନଗର ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହା ଦ୍ୱାରା ଅନୁଷଙ୍ଗିକ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ପରିବହନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଏହା ସ୍ଥାନୀୟ ଅର୍ଥନୀତିକୁ ଜାତୀୟ ତଥା ବିଶ୍ୱସ୍ତରୀୟ ଇସ୍ପାତ ବଜାର ସହ ଯୋଡ଼ିବ । ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୯.୫ ଏମଟିପିଏ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହି ଅଞ୍ଚଳ ପାଇଁ ଅଧିକ ଆର୍ଥିକ ସୁଯୋଗ ଆଣିଦେବ ।

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜାତୀୟ ଭାସ୍କର୍ଯ୍ୟକଳା କର୍ମଶାଳା

## ପ୍ରସ୍ତର ଓ ଶିଳାଲେଖ ଗୋଟିଏ ଜାତିର ଇତିହାସର ସ୍ମାରକୀ ପାଲଟିଯାଏ: କୁଳପତି

ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାସ୍କର୍ଯ୍ୟକଳା ବିଭାଗ ପକ୍ଷରୁ ଦଶଦିନିଆ ଦକ୍ଷତାଭିତ୍ତିକ ଜାତୀୟ ଭାସ୍କର୍ଯ୍ୟକଳା 'ଆର୍ଟିଷ୍ଟ ଇନ୍ ରେସିଡେନ୍ସ' କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରସ୍ତର ଓ ଶିଳାଲେଖ କିପରି ଗୋଟିଏ ଜାତିର ଇତିହାସର ସ୍ମାରକୀ ପାଲଟିଯାଏ, ସେ ସଂପର୍କରେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଯୋଗଦେଇ ପ୍ରସ୍ତର କେବଳ ବସ୍ତୁ ନୁହେଁ, ବରଂ ଆମ ବିଶ୍ୱାସ, ଆଧ୍ୟାତ୍ମିକତାର ପରିଚୟ ବୋଲି ମତବ୍ୟକ୍ତ କରିବା ସହ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଗରୁଡ଼ ସ୍ତମ୍ଭର ବୈଶିଷ୍ଟ ସଂପର୍କରେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ତଥା ମୁମ୍ବାଇର ବିଶିଷ୍ଟ ଭାସ୍କର୍ଯ୍ୟବିତ୍ - ବିକ୍ରାନ୍ତ ବାବୁରାଓ ମଞ୍ଜେରକର ଓଡ଼ିଶାର ଭାସ୍କର୍ଯ୍ୟକଳା ସମଗ୍ର ବିଶ୍ୱକୁ କିପରି ଅଭିଭୂତ କରିଛି ଓ କୋଣାର୍କ ଭାସ୍କର୍ଯ୍ୟ ଶିଳ୍ପ କିପରି ଏହାର ନିଦର୍ଶନ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଯୋଗଦେଇ ପଥର କିପରି ପ୍ରାଚୀନ ହେଲେ ଦେବତ୍ୱର ସୃଷ୍ଟିକରେ ତାହା ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ବିତ୍ତ ନିୟନ୍ତ୍ରକ ସୁଶ୍ରୀ ସୁନନ୍ଦା ଷଡ଼ଙ୍ଗୀ, ପରୀକ୍ଷା ନିୟନ୍ତ୍ରକ ଶ୍ରୀଯୁକ୍ତ ଧରଣୀଧର ରଣା, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

# ଏମ୍‌ସିଏଲରେ କୋଲ୍ ଇଣ୍ଡିଆ ଇଣ୍ଟର-କମ୍ପାନୀ ଲନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର, ୧୬/୩(ନିପ୍ର): ସମ୍ବଲପୁରସ୍ଥିତ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ମୁଖ୍ୟାଳୟରେ କୋଲ ଇଣ୍ଡିଆ ଇଣ୍ଟର କମ୍ପାନୀ ଲନ ଟେନିସ୍ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ ଉତ୍ସାହଜନକ ଭାବେ ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ୧୬ରୁ ମାର୍ଚ୍ଚ ୧୮, ୨୦୨୬ ପର୍ଯ୍ୟନ୍ତ ହେବାକୁ ଥିବା ଏମସିଏଲ ଦ୍ୱାରା ଆୟୋଜିତ ଏହି ତିନି ଦିବସୀୟ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କୋଇଲା କମ୍ପାନୀର ପ୍ରତିଭାବାନ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। କେଶବ ରାଓ ନିର୍ଦ୍ଦେଶକ (ମାନବ ସମ୍ବଳ), ପି.କେ. ପଟେଲ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ), ଏକେ ବେହୁରା ନିର୍ଦ୍ଦେଶକ (ଅର୍ଥ) ଏବଂ ଏସ କେ ଝା, ନିର୍ଦ୍ଦେଶକ (ବୈଷୟିକ) ଉଦ୍‌ଘାଟନୀ ମ୍ୟାଚ୍ ଖେଳି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ତିନି ଦିବସୀୟ ଏହି ଟୁର୍ଣ୍ଣାମେଣ୍ଟରେ କୋଲ ଇଣ୍ଡିଆ ଲିମିଟେଡର ଏବଂ କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଅନୁଷଙ୍ଗୀ କମ୍ପାନୀ ତଥା ନର୍ଦ୍ଦନ କୋଲଫିଲ୍ଡସ୍ ଲିମିଟେଡ୍ (ଏନସିଏଲ), ସେଣ୍ଟ୍ରାଲ କୋଲଫିଲ୍ଡସ୍ ଲିମିଟେଡ୍ (ସିସିଏଲ), ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍ (ଏସଇସିଏଲ), ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍ ଲିମିଟେଡ୍ (ସିଏମପିଡିଆଇ), ୱେଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍ (ଡବ୍ଲୁସିଏଲ), ଭାରତ କୋକିଙ୍ଗ କୋଲ ଲିମିଟେଡ୍ (ବିସିସିଏଲ), ସିଙ୍ଗାରେନି କୋଲିୟାରୀଜ୍ କମ୍ପାନୀ ଲିମିଟେଡ୍ (ଏସସିସିଏଲ) ଏବଂ ଆୟୋଜକ ଦଳ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ମୋଟ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ କୋଲ୍ ଇଣ୍ଡିଆ ପରିବାରର କର୍ମଚାରୀମାନଙ୍କୁ ସେମାନଙ୍କ କ୍ରୀଡ଼ା ପ୍ରତିଭା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ।








ବିଜୟୀ ରାଜ୍ୟସଭା ପ୍ରାର୍ଥୀ ମନମୋହନ ସାମଲ, ଦିଲ୍ଲୀପ ରାୟ ଓ ସୁଜିତ୍ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିନନ୍ଦନ (ଫଟୋ- ଦିନଲିପି)

### ଅନୁକମ୍ପାମୂଳକ ନିଯୁକ୍ତିରେ ଅବହେଳା

## ଆତ୍ମାହୂତି ଦେବା ପାଇଁ ଚେତାବନୀ

**ନିମାପଡ଼ା, ୧୬।୩(ନିପ୍ର):** ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଟାଳଟୁଳ ନୀତି ଯୋଗୁଁ ଏହି ବ୍ଲକ୍ ଅଧୀନସ୍ଥ ତାଳତଅଁଳା ଗ୍ରାମର ମନୋରଂଜନ ସାହୁଙ୍କ ସମେତ ଅନ୍ୟ ବ୍ଲକ୍‌ର ତ୍ରିଲୋଚନ ପ୍ରହରାଜ, କାଳନ୍ଦୀ ବାରିକ ପ୍ରମୁଖ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଆତ୍ମାହୂତି ଦେବା ପାଇଁ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଅନୁକମ୍ପାମୂଳକ ସହାୟତା ଯୋଜନାରେ ନିଯୁକ୍ତି ନେଇ ଜିଲ୍ଲା ଶିକ୍ଷାଧିକାରୀ ଟାଳଟୁଳ ନୀତି ଆପଣାଇବା ସାଙ୍ଗକୁ ବାରମ୍ବାର ପ୍ରାର୍ଥୀମାନଙ୍କୁ ଦୌଡ଼ାଉ ଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି। ନିଯୁକ୍ତି ପାଇବା ପାଇଁ ରାଜ୍ୟ ସରକାର ଚିଠି ନଂ-୧୧୭୭୧ ତା.୦୪.୦୪.୨୫ରେ ବିଜ୍ଞପ୍ତି ପ୍ରକାଶ କଲେ। ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ୧୩.୦୬.୨୫ରେ କାଗଜ ପତ୍ର ତନଖି କରାଯାଇଥିଲା। ୧୯ ଜଣଙ୍କୁ ନିଯୁକ୍ତି ଦିଆଯାଇ ବାକି ଅନ୍ୟ ମାନଙ୍କୁ ପର୍ଯ୍ୟାୟକ୍ରମେ ନିଯୁକ୍ତି ମିଳିବ ବୋଲି କୁହାଯାଇଥିଲେ ମଧ୍ୟ କରାଗଲା ନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ କ୍ଷତିଗ୍ରସ୍ତମାନେ ଭେଟିବା ପରେ ଚିଠି ନଂ-୭୮୯/୧୫.୦୨.୨୬ରେ ୧୯୯୦ ପୂର୍ବ ଆବେଦନକାରୀଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ପାଳନ ହେଲା ନାହିଁ। ଯାହା ଫଳରେ ନିଯୁକ୍ତି ପାଇଁ ଅପେକ୍ଷାରତ ଯୁବକମାନଙ୍କ ବୟସ ଗଡ଼ି ଯାଉଛି ଏବଂ ହତୋତ୍ସାହ ହୋଇ ରାଜ୍ୟ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇ ନିଯୁକ୍ତି ଦିଆ ନଗଲେ ଆସନ୍ତା ୩୦ ତାରିଖ ଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଗଣ ଆତ୍ମାହୂତି ଦେବା ପାଇଁ ଚିଠି ମାଧ୍ୟମରେ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି।

## ତାଳଚେରରେ ଉତ୍କଳ ଦିବସ ପାଇଁ ପ୍ରସ୍ତୁତି



ତାଳଚେର, ୧୬/୩(ନିପ୍ର): ଉତ୍କଳ ଦିବସ ଉତ୍ସବକୁ ତାଳଚେର ଉପଖଣ୍ଡରେ ସୁସଂଗଠିତ ଓ ସଫଳ ଭାବେ ପାଳନ କରିବା ନିମନ୍ତେ ସୋମବାର ଅପରାହ୍ନ ୪ଟା ସମୟରେ ଏକ ପ୍ରସ୍ତୁତିମୂଳକ ବୈଠକ ସହକାରୀ ଉପଜିଲ୍ଲାପାଳ ଡାନିଏଲ ଏକ୍କାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍କଳ ଦିବସ ପାଳନ ସମ୍ପର୍କରେ ବିଭିନ୍ନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଏପ୍ରିଲ ୦୧ ତାରିଖରେ ତାଳଚେରରେ ଉତ୍କଳ ଦିବସ ଅବସରରେ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହେଲା। ଶୋଭାଯାତ୍ରାରେ ତାଳଚେର ଉପଖଣ୍ଡର ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ସ୍କୁଲରୁ ତିନି ଜଣ କରି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ସୂଚାରୁ ଭାବେ ପାଳନ କରିବା ପାଇଁ ପୋଲିସ, ଅଗ୍ନିଶମ, ଚିକିତ୍ସା ଓ ଅନ୍ୟାନ୍ୟ ବିଭାଗକୁ ଆବଶ୍ୟକ ବ୍ୟବସ୍ଥା ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ବିଭାଗ ଓ ଅନୁଷ୍ଠାନମାନଙ୍କ ସହଯୋଗରେ ଉତ୍କଳ ଦିବସକୁ ଗୌରବମୟ ଭାବରେ ପାଳନ କରିବାକୁ ଆହ୍ୱାନ ଜଣାଇଥିଲା।

## ଚର୍ଲାପାଲ୍ଲିରୁ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ ସେବା

ଭୁବନେଶ୍ୱର, ୧୬/୩(ପିଆଇବି): ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ଦୁଇଟି ନୂତନ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ, ଟ୍ରେନ ନମ୍ବର ୧୫୬୭୩/୧୫୬୭୪ ଚର୍ଲାପାଲ୍ଲି-କାମାକ୍ଷା- ଚର୍ଲାପାଲ୍ଲି ଏବଂ ଟ୍ରେନ ନମ୍ବର ୧୭୦୬୫/୧୭୦୬୬ ଚର୍ଲାପାଲ୍ଲି- ଶାଳିମାର-ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ କରିଛି। ଏହି ଟ୍ରେନ ଗୁଡିକ ଦକ୍ଷିଣ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଅଂଚଳଗୁଡ଼ିକୁ ସଂଯୋଗ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ସୁଲଭ ଏବଂ ଆରାମଦାୟକ ଯାତ୍ରା ସୁବିଧା ପ୍ରଦାନ କରିବ। ଟ୍ରେନ ନମ୍ବର ୧୫୬୭୩ ଚର୍ଲାପାଲ୍ଲି-କାମାକ୍ଷା ଅମୃତ ଭାରତ ଏକ୍ସପ୍ରେସ ଏକ ସାପ୍ତାହିକ ସେବା ଭାବରେ ଚାଲିବ, ଯାହା ୧୮ ମାର୍ଚ୍ଚ ରୁ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ସନ୍ଧ୍ୟା ୭ଟା ୪୦ ମିନଟରେ ଛାଡି ଶୁକ୍ରବାର ଦିନ ରାତି ୧୦ ଟାରେ କାମାକ୍ଷାରେ ପହଞ୍ଚିବ। ଫେରିବା ସମୟରେ , ଟ୍ରେନ ନମ୍ବର ୧୫୬୭୪ କାମାକ୍ଷା-ଚାର୍ଲାପାଲି ଅମୃତ ଭାରତ ଏକ୍ସପ୍ରେସ୍ ୨୨ ମାର୍ଚ୍ଚଠାରୁ ପ୍ରତି ରବିବାର ଦିନ ସନ୍ଧ୍ୟା ୭ଟାରେ କାମାକ୍ଷାରୁ ଛାଡିବ ଏବଂ ମଙ୍ଗଳବାର ଦିନ ଅପରାହ୍ନ ୨ଟା ୪୦ ମିନଟରେ ଚାର୍ଲାପାଲିରେ ପହଞ୍ଚିବ। ଏହାର ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳପଥ ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ ଯେପରିକି ଦୁଭାଡା, ପେଣ୍ଡୁର୍ଟି, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍ ଏବଂ ଭଦ୍ରକ ଇତ୍ୟାଦି।

# ଜଳ ପାଲଟିଛି ଜହର: ପୁନଃଉଦ୍ଧାର ଦାବି

ଖଣ୍ଡପଡା, ୧୬।୩ (ନିପ୍ର): ଖଣ୍ଡପଡା ବ୍ଲକ ଅଧୀନ ରୟତ ଢୋଲମରା ଗ୍ରାମ ବଡ ପୋଖରୀର ଜଳ ଏବେ ଜହର ପାଲଟିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୋଖରୀଟିରୁ ଦୀର୍ଘବର୍ଷ ହେଲା ପଙ୍କଉଦ୍ଧାର କାର୍ଯ୍ୟ କରାଯାଇନାହିଁ। ଫଳରେ ପଙ୍କ କାଦୁଅରେ ଭର୍ତ୍ତି ହୋଇ ପୋଖରିଟି ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପୋଖରୀ ସାରା ଅନାବନା ଘାଷଲତା ଓ ପଦ୍ମପତ୍ରରେ ଭର୍ତ୍ତି ହୋଇ ରହିଥିବାରୁ ବିଷଧର ଶରୀସୃପମାନେ ସେଠାରେ ବାସ କରୁଥିବା ଜଣାପଡିଛି। ଏକଦା ଉକ୍ତ ପୋଖରୀର ଜଳ ଅଂଚଳବାସୀଙ୍କ ଦୈନନ୍ଦିନ କାର୍ଯ୍ୟରେ ଆସୁଥିଲା। ସ୍ଥାନୀୟ ଗ୍ରାମବାସୀ ପୋଖରୀରେ ସ୍ନାନ କରିବା ସହ ବିଭିନ୍ନ କାର୍ଯ୍ୟରେ ଉକ୍ତ ପୋଖରୀର ଜଳକୁ ଦୈନନ୍ଦିନ ବ୍ୟବହାର କରି ଆସୁଥିଲେ। ମାତ୍ର ଏବେ ସମୟ ବଦଳି ଯାଇଛି। ପୋଖରୀର ଜଳ ବ୍ୟବହାର ନିମନ୍ତେ ଅନୁପଯୋଗୀ ହୋଇ ପଡିଥିବାରୁ ସ୍ନାନ ଓ ଶୌଚାଦି ଆଦି କାର୍ଯ୍ୟ ସମ୍ପନ୍ନ କରିବାକୁ



ଗ୍ରାମବାସୀ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡିଛି। ପୋଖରୀରୁ ପଙ୍କଉଦ୍ଧାର ନିମନ୍ତେ ଗ୍ରାମବାସୀଙ୍କ ବାରମ୍ବାର ଦାବିକୁ ଢୋଲମରା ପଞ୍ଚାୟତ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବ୍ଲକ ପ୍ରଶାସନ କ୍ରମାଗତ ଭାବେ ଅଣଦେଖା କରି ଆସୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପୁରାତନ ପୋଖରୀରୁ ପଙ୍କଉଦ୍ଧାର, ନୂତନ ପୋଖରୀ ଖନନ ନିମନ୍ତେ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରୁଥିଲେ ହେଁ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଉକ୍ତ ପୋଖରୀଟି ବ୍ଲକ ପ୍ରଶାସନର ନଜରକୁ ନ ଆସିବା ପରିତାପର ବିଷୟ। ଉକ୍ତ ପୋଖରୀ ଉପରେ ରୟତି ଢୋଲମରା, ପାଇକ ଢୋଲମରା ଓ କୃଷ୍ଣଚନ୍ଦ୍ରପୁର ପାଟଣା ଆଦି ୩ ଟି ଗ୍ରାମର ବାସିନ୍ଦା ବର୍ଷତମାମ ନିର୍ଭର କରୁଥିବା ବେଳେ ଅଞ୍ଚଳବାସୀଙ୍କ ସାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଗୋପାଳପାଲିରେ ରାଷ୍ଟ୍ରରକ୍ଷା ଯଜ୍ଞ

କୁଚିଣ୍ଡା, ୧୬/୩(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ଗୋପାଳପାଲିରେ ସୋମବାର କୁଚିଣ୍ଡା ବନବାସୀ ରକ୍ଷା ପରିବାର ଫାଉଣ୍ଡେସନ ପକ୍ଷରୁ ରାଷ୍ଟ୍ରରକ୍ଷା ଯଜ୍ଞ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଉଲଣ୍ଡା ନଦୀଘାଟ (ନୀଳକଣ୍ଠେଶ୍ୱର ଶିବ ମନ୍ଦିର)ରୁ ବହୁସଂଖ୍ୟକ ପୁରୁଷ ମହିଳାଙ୍କୁ ନେଇ ଏକ ଭବ୍ୟ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ୯ ଗୋଟି କୁଣ୍ଡ ଦ୍ୱାରା ହୋମଯଜ୍ଞ ସହ ଆହୂତି ପ୍ରଦାନ କରାଯାଇଥିଲା। ମୁଖ୍ୟ ପୂଜକ ବେଦାନ୍ତ ଶାସ୍ତ୍ରୀଙ୍କ ସମେତ ସୁମନ୍ତ ସିଂ ମହାପାତ୍ର, ସଞ୍ଜିବ କୁମାର ସାହୁ, ଆନନ୍ଦ ବିଶ୍ୱାଳ ବସନ୍ତ କୁମାର ସାହୁ, ସୁଦୀପ୍ତ ବାଘ ପ୍ରମୁଖ ସ୍ତୋତୀ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଗୁରୁଚରଣ ସାହୁ ଓ ସ୍ତ୍ରୀ ସୁଷମା, ଚତୁର୍ଭୁଜ ସାହୁ ଓ ସ୍ତ୍ରୀ ଗିତାଞ୍ଜଳୀ, ଲକ୍ଷ୍ମଣ ସାହୁ ଓ ସ୍ତ୍ରୀ ସୁଜାତା, ସନ୍ତୋଷ ନାଏକ ଓ ସ୍ତ୍ରୀ ଦୀପ୍ତିମଞ୍ଜରୀ, ସୁରେଶ ସେନାପତି ଓ ସ୍ତ୍ରୀ ସରୋଜିନୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

# କୁସୁନପୁରରେ ସ୍ମାର୍ଟଗ୍ରାମ ପ୍ରୟାସ ଶୁଭାରମ୍ଭ

କେନ୍ଦ୍ରାପଡା, ୧୬/୩(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା, ରାଜନଗର ବ୍ଲକର କୁସୁନପୁର ଗ୍ରାମରେ ଆଜି ସ୍ମାର୍ଟ ଗ୍ରାମ ଏକ ପ୍ରୟାସର ଶୁଭାରମ୍ଭ କରାଯାଇଛି, ଯାହା ପ୍ରଯୁକ୍ତି-ନିର୍ଦ୍ଦେଶିତ ଏବଂ ସ୍ଥାୟୀ ଗ୍ରାମୀଣ ଉନ୍ନତିକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରେ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଗବେଷଣା ସଂସ୍ଥାଗୁଡ଼ିକ, ସ୍ଥାନୀୟ ପ୍ରଶାସନ ଏବଂ କାର୍ଯ୍ୟାନ୍ୱୟନ ସହଭାଗୀମାନଙ୍କର ସହଯୋଗ ମାଧ୍ୟମରେ ବୈଜ୍ଞାନିକ ନବୀନତା ଓ ବ୍ୟବହାରିକ ସମାଧାନଗୁଡ଼ିକୁ ଗ୍ରାମୀଣ ସମୁଦାୟଙ୍କ ପାଖକୁ ପହଞ୍ଚାଇବା। ଏହି କାର୍ଯ୍ୟକ୍ରମକୁ ଦୂରରୁ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ବିଭାଗ ସଚିବ ଡକ୍ଟର (ଶ୍ରୀମତୀ) ଏନ. କଲାଇସେଲଭି ଏବଂ ଉଝଓଜ ମହାନିର୍ଦ୍ଦେଶକ, ରଘୁରାମ ଆର. ଆୟର, ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଅଂଶଗ୍ରହଣକାରୀ ପ୍ରୟୋଗଶାଳାର ବୈଜ୍ଞାନିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ



କୁମାର ରାମାନଚର୍ଲା। ଏହି ଅବସରରେ ବିଭିନ୍ନ ଲାବରେଟରୀର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡ଼ଃ ରାମାନୁଜ ନାରାୟଣ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ଜିଲ୍ଲା ପ୍ରଶାସନର ସହଯୋଗରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସହଯୋଗୀ ଭାବେ ସନ୍ତାନୁ ଚକ୍ରବର୍ତ୍ତୀ, ମଧୁସ୍ମିତ ପତି ଏବଂ କୁସୁନପୁର ଗ୍ରାମବାସୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସହଭାଗୀ ହୋଇଥିଲେ। ଉଦଘାଟନୀ ଅବସରରେ, କୁସୁନପୁର ସ୍ମାର୍ଟ ଗ୍ରାମ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉନ୍ମୋଚନ ସହିତ ଗ୍ରାମରେ ନିୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରୟୋଗଶାଳାରୁ ପ୍ରସ୍ତାବିତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ଗ୍ରାମୀଣ ଭିତ୍ତିଭୂମି, ଜୀବିକା, ପରିବେଶଗତ ସ୍ଥିରତା ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକର ଉପଲବ୍ଧତାକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଥିବା ଅଭିନବ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରେ। ଓଡ଼ିଶା ସରକାର ସମର୍ଥିତ ଶିଳ୍ପ ଏବଂ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ ସହିତ ମିଳିତ ଭାବରେ ଏହାର ପ୍ରୟୋଗଶାଳା ମାଧ୍ୟମରେ ଗ୍ରାମର ବିକାଶ ପାଇଁ ବହୁବିଧ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବାକୁ ଯୋଜନା କରୁଛି। ଜଳବାୟୁ-ପ୍ରତିରୋଧୀ ସ୍କୁଲ, ଅଙ୍ଗନୱାଡି କୋଠା, ସାମୁଦାୟିକ ଶୌଚାଳୟ ଏବଂ ଗ୍ରାମ ଯୋଜନା ଭଳି ଗ୍ରାମ ଭିତ୍ତିଭୂମିକୁ ସୁଦୃଢ଼ କରିବ। ନବୀକରଣୀୟ ଶକ୍ତି, ସ୍ୱଚ୍ଛ ରୋଷେଇ ଇନ୍ଧନ ଏବଂ ନିରାପଦ ପାନୀୟ ଜଳ ସମାଧାନକୁ ପ୍ରୋତ୍ସାହିତ କରିବ।

### ବନ୍ୟାଞ୍ଚଳରେ ନିମ୍ନମାନର ରାସ୍ତା କାମ

# କୋଟିକୋଟି ଟଙ୍କା ପାଣିରେ ପଡ଼ିବା ଆଶଙ୍କା

ଧାମନଗର, ୧୬/୩(ନିପ୍ର): ଧାମନଗର ବ୍ଲକର ଖଡ଼ିପଦା ଓ ଆନନ୍ଦପୁର ପଞ୍ଚାୟତବାସୀଙ୍କ ପାଇଁ ଜୀବନରେଖା ସଦୃଶ ଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଧାମନଗର-କ୍ଷେତ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ଭାୟା ଦକ୍ଷିଣକୁରୁଆ ରାସ୍ତାର ଏହି ପ୍ରଶସ୍ତିକରଣ କାର୍ଯ୍ୟରେ ବୈଷୟିକ ନିୟମକୁ ଜଳାଞ୍ଜଳି ଦିଆଯାଉ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିୟମ ଅନୁସାରେ ଯେକୌଣସି ସରକାରୀ ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେଠାରେ ଏକ ସୂଚନା ଫଳକ ଲଗାଯିବା କଥା। ମାତ୍ର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନାହିଁ। କିଏ ଏହି କାମ କରୁଛି ଏବଂ କେଉଁ ଠିକା ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି, ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଉ ନାହିଁ। ଜଣେ ଠିକାଦାରଙ୍କ



କହିବା ଅନୁସାରେ ଏହା ୩ କୋଟି ଟଙ୍କାର ପ୍ରକଳ୍ପ, କିନ୍ତୁ ସରକାରୀ ସ୍ତରରେ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବୈତରଣୀ ନଦୀର ବନ୍ୟା ପ୍ରଭାବିତ ଅଞ୍ଚଳରେ ଅବସ୍ଥିତ। ମାତ୍ର ୪୦୦ ମିଟର ଦୂରରେ ଆନନ୍ଦପୁର ପଞ୍ଚାୟତର ଉଦେଇପୁରରେ ବୈତରଣୀର ମଲ୍ଲିମାହାରା ଏସକେପ୍ ରହିଛି। ବନ୍ୟା ସମୟରେ ଏହି ଏସକେପ୍ ଦେଇ ଆସୁଥିବା ହଜାର ହଜାର ଘନଫୁଟର ପାଣି ସିଧାସଳଖ ଏହି ରାସ୍ତା ଉପରେ ପିଟି ହୋଇଥାଏ। ଗତ ୨୦୨୨ ଅଗଷ୍ଟ ବନ୍ୟାରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା ଏବଂ କଂକ୍ରିଟ୍ ସ୍ଲାବଗୁଡ଼ିକ ଧୋଇ ହୋଇଯାଇଥିଲା। ତଥାପି, ବୈଷୟିକ ଆକଳନ ଅନୁସାରେ ରାସ୍ତାର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ କାନ୍ଥ ନିର୍ମାଣ କରାଯାଉ ନାହିଁ। ଅଭିଯୋଗ ଅନୁଯାୟୀ, ରାସ୍ତାଟି M-30 ଗ୍ରେଡର ସିମେଣ୍ଟ ମିକ୍ସରେ ହେବା କଥା, କିନ୍ତୁ ଏଠାରେ ବାଲି, ସିମେଣ୍ଟ ଓ ଚିପ୍ସର ଭାଗ ଅତ୍ୟନ୍ତ ନିମ୍ନମାନର ରହୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପାଣିର ପ୍ରଖର ସ୍ରୋତ ସହିବା ଭଳି ଏହି ରାସ୍ତାରେ ଲୁହା ରଡ୍ ବ୍ୟବହାର କରାଯାଉ ନାହିଁ। ଏହି କାରଣରୁ ଆଗାମୀ ବନ୍ୟାରେ ରାସ୍ତାଟି ପୁଣି ଧୋଇଯିବାର ଆଶଙ୍କା ଦେଖାଦେଇଛି। ଏହି ସମସ୍ୟା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରୂପକ ମୁଣ୍ଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଉ ନାହାନ୍ତି। ଅନ୍ୟପଟେ ଧାମନଗର ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି ଯେ, ଏହା ଗ୍ରାମ୍ୟ ଉନ୍ନୟନ ବିଭାଗର କାମ ହୋଇଥିବାରୁ ବ୍ଲକ ପ୍ରଶାସନର ଏଥିରେ କୌଣସି ହସ୍ତକ୍ଷେପ ନାହିଁ। ଖଡ଼ିପଦା ପଞ୍ଚାୟତର ବୈକୁଣ୍ଠି, ମୁଥାନଗର, ଆନନ୍ଦପୁର ପଞ୍ଚାୟତର ଶତପଥୀ ସାହି, ନଡ଼ିଆବାଗ, ଉଦେଇପୁର, ଖଡ଼ିପଦା ପଞ୍ଚାୟତର ଦକ୍ଷିଣକୁରୁଆ ଅଞ୍ଚଳରେ ରହୁଥିବା ହଜାର ହଜାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏପରି ନିମ୍ନମାନର କାର୍ଯ୍ୟ ସାଧାରଣ ଜନତାଙ୍କ ଅର୍ଥକୁ ପାଣିରେ ପକାଇବା ସଦୃଶ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଦାବି ହେଉଛି।

## ଦୁର୍ଘଟଣାରେ ମହିଳା ମୃତ୍ୟୁ

ଭୁବନେଶ୍ୱର, ୧୬/୩(ନିପ୍ର): ବେପରୁଆ ଗାଡି ଚାଳନା ଯୋଗୁଁ ଜଣେ ମହିଳାଙ୍କ ଜୀବନ ଯିବା ଘଟଣାରେ ଖଣ୍ଡଗିରି ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବସ ଚାଳକ ପ୍ରଶାନ୍ତ କୁମାର ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୧୩.୦୩.୨୦୨୬ ସକାଳ ପ୍ରାୟ ୮ ଟା ବେଳେ ଅଭିଯୋଗକାରୀ ସୁବାଶ ଚନ୍ଦ୍ର ତ୍ରିପାଠୀଙ୍କର ଦେଢ଼ ଶାଶୁ ବିଜୟଲକ୍ଷ୍ମୀ କର ଭୁବନେଶ୍ୱର ଡୁମୁଡୁମାରେ ଥିବା ତାଙ୍କ ଘରୁ ବାହାରିଥିଲେ। ପ୍ରାୟ ୮.୩୦ ବେଳେ ସେ ଡୁମୁଡୁମା ପାର୍ଶ୍ୱରୁ ଆଇଗିଣିଆ ପାର୍ଶ୍ୱକୁ ଚାଲିଚାଲି ଜାତୀୟ ରାଜପଥ-୧୬ ଅତିକ୍ରମ କରୁଥିବା ସମୟରେ, ଖୋର୍ଦ୍ଧା ପଟରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା "ଶ୍ରୀ ରଘୁନାଥ" ନାମକ ଯାତ୍ରୀବାହୀ ବସ ହଠାତ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବିଜୟଲକ୍ଷ୍ମୀ କର ବସର ସମୁଖରେ କଚାଡି ହୋଇ ପଡ଼ିଯାଇଥିଲେ।

## ରାଜଧାନୀରେ ଆସାମ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୧୬।୦୩ (ନିପ୍ର): ହୋଟେଲର ଚାକିରି ବେଳେ ମ୍ୟାନେଜରଙ୍କ ଠାରୁ ଢେର୍ ନିର୍ଯାତନା ସହିଲେ। ବିରୋଧ କରିବାରୁ ଚାକିରିରୁ ବିଦା ହେଲେ । ତା'ପରଠୁ ନ୍ୟାୟ ପାଇଁ ଧାଇଁ ଧାଇଁ ନୟାନ୍ତ ହେଲେଣି । ଶେଷରେ ନିର୍ଯାତନାର ଶିକାର ହୋଇଥିବା ହୋଟେଲ ସାମ୍ନାରେ ହିଁ ପେଟ୍ରୋଲ ଢାଳି ଜୀବନ ହାରିବାକୁ ଉଦ୍ୟମ କରିଛନ୍ତି । ମୈତ୍ରୀବିହାରର ଏକ ତାରକା ହୋଟେଲ ସାମ୍ନାରେ ଆସାମ ଯୁବତୀଙ୍କ ଆତ୍ମାହୂତି ଉଦ୍ୟମ ଘଟଣା ସାମ୍ନାକୁ ଆସିଛି । ଯୁବତୀଜଣକ ହେଲେ, ଆସାମର ସୁଚିତ୍ରା ରାୟ । ତାଙ୍କ ଅଭିଯୋଗ ମୁତାବକ, ଦୀର୍ଘ ୪ ବର୍ଷ ଧରି ସେ ଉକ୍ତ ହୋଟେଲରେ ରିସେପ୍ସନିଷ୍ଟ ଭାବେ ଚାକିରି କରୁଥିଲେ । ହୋଟେଲ ମ୍ୟାନେଜର ଏସ୍. ପଟ୍ଟନାୟକ ତାଙ୍କୁ ନାନା ବାହାନାରେ ହଇରାଣ ହରକତ କରୁଥିଲେ । ହୋଟେଲର ନିଛାଟିଆ ଜାଗା (ବ୍ଲାଇଣ୍ଡ ସ୍ପଟ୍)କୁ ଡାକି ଅଶ୍ଳୀଳ ମନ୍ତବ୍ୟ ଦେଉଥିଲେ । ସୁଚିତ୍ରାଙ୍କୁ ନିର୍ଯାତନା ଅସହ୍ୟ ହେବାରୁ ସେ ସ୍ୱର ଉଠାଇଲେ । ୨ ମାସ ତଳେ ମ୍ୟାନେଜରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଗୁହାରି କଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Champua affidavit no.601 dated 02.03.2026, I , Ajaya Kumar Mahakud S/o Late Damodar Mahakud, At/Po-Kainta, Ps-Champua, Dist-Keonjhar, Pin-758041, Odisha do hereby declare that I have changed my daughter's name from Duriyashini Mahakud to Durgeswini Mahakud. Henceforth I shall be known as Durgeswini Mahakud for all purposes.

**Sd/-Ajaya Kumar Mahakud**

**AFFIDAVIT**

By virtue of an affidavit before The Executive Magistrate, Daspalla on 02/03/2026, I Srushti Smaranika D/O-Late Gundicha Sahu of village-Kunjabanagarh, Gopinathasahi P.O/ P.S.-Daspalla Dist-Nayagarh declare that ,in my LIC Policy vide no.585598113,my nick name has been mentioned as Suchismita Sahu. Srushti Smaranika D/O-Gundicha Sahu and Suchismita Sahu D/O-Gundicha Sahu are one and the same person.This fact is true and necessary to the authorities concerned.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ